

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ସୋମବାର ୧୦ ଅଗଷ୍ଟ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 10 August 2026
Vol.No. 36 ■ No.209 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ପ୍ରକାଶ ପାଇଲା
ସାଗରିକା
(ରଥ ସଂଖ୍ୟା)
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
ପ୍ରାପ୍ତିସ୍ଥାନ: ନଲେଜ୍ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର
website : sagarika.in.net

## ଗାଜା ଶାନ୍ତି ଯୋଜନାକୁ ନେତାନ୍ୟାହୁଙ୍କ ପ୍ରତ୍ୟାଖ୍ୟାନ: କହିଲେ, ପାଲେଷ୍ଟାଇନ ରାଷ୍ଟ୍ର ଗଠନ ସମ୍ଭବ ନୁହେଁ



ନୂଆଦିଲ୍ଲୀ,୯/୮ : ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଗାଜା କିମ୍ବା ୱେଷ୍ଟ ବ୍ୟାଙ୍କରେ ପାଲେଷ୍ଟାଇନ ରାଷ୍ଟ୍ର ଗଠନ ସମ୍ଭାବନାକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି । ଇସ୍ରାଏଲୀ ଗଣମାଧ୍ୟମ ଅନୁସାରେ ନେତାନ୍ୟାହୁ ରବିବାର କହିଛନ୍ତି ଯେ, ଯେପର୍ଯ୍ୟନ୍ତ ସେ ପ୍ରଧାନମନ୍ତ୍ରୀ ଅଛନ୍ତି, ସେପର୍ଯ୍ୟନ୍ତ ଗାଜା କିମ୍ବା ୱେଷ୍ଟ ବ୍ୟାଙ୍କରେ କୌଣସି ପାଲେଷ୍ଟାଇନ ରାଷ୍ଟ୍ର ରହିବ ନାହିଁ। ନେତାନ୍ୟାହୁ ୧୫- ସୂତ୍ରୀୟ ଗାଜା ଶାନ୍ତି ଯୋଜନାକୁ ପ୍ରତ୍ୟାଖ୍ୟାନ କରିବା ପରେ ଗାଜାରେ ଯୁଦ୍ଧ ସମାପ୍ତ କରିବା ଦିଗରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସଫଳତା ଦାବିକୁ ଏକ ବଡ଼ ଝଟକା ଲାଗିଛି । ନେତାନ୍ୟାହୁ ଟ୍ରମ୍ପଙ୍କ ଗାଜା 'ଶାନ୍ତି ବୋର୍ଡ' ଦ୍ୱାରା ଉନ୍ମୋଚିତ ୧୫-ସୂତ୍ରୀ ରୋଡମ୍ୟାପ୍‌କୁ ପ୍ରତ୍ୟାଖ୍ୟାନ କରି ସ୍ପଷ୍ଟ କରିଥିଲେ ଯେ, ହମାସକୁ ସମ୍ପୂର୍ଣ୍ଣ ନିରସ୍ତ୍ର ନ କରିବା ପର୍ଯ୍ୟନ୍ତ ଇସ୍ରାଏଲ ଗାଜାରୁ ତାର ସେନା ପ୍ରତ୍ୟାହାର କରିବ ନାହିଁ। ଟ୍ରମ୍ପ ଗାଜା ଶାନ୍ତି ଯୋଜନାକୁ ଏକ 'ପ୍ରମୁଖ ମାଇଲଖୁଣ୍ଟ' ଭାବରେ ପ୍ରଶଂସା କରିବା ଓ ଏହା ହମାସ ଓ ଅନ୍ୟାନ୍ୟ ସଶସ୍ତ୍ର ଗୋଷ୍ଠୀଗୁଡ଼ିକର ସମ୍ପୂର୍ଣ୍ଣ ନିରସ୍ତ୍ରୀକରଣ ପାଇଁ ପଥ ପ୍ରଶସ୍ତ କରିବ ବୋଲି କହିବାର ସପ୍ତାହରୁ ଅଧିକ ସମୟ ପରେ ନେତାନ୍ୟାହୁଙ୍କ ଏହି ମନ୍ତବ୍ୟ ଆସିଛି। ଜଣେ ଇସ୍ରାଏଲୀ ଅଧିକାରୀ ଗତ ସପ୍ତାହରେ ମଧ୍ୟ କହିଥିଲେ ଯେ, ହମାସର ପ୍ରକୃତରେ ନିରସ୍ତ୍ରୀକରଣ ନ ହେଲେ ଇସ୍ରାଏଲୀ ସେନା ତାର ବର୍ତ୍ତମାନର ସ୍ଥିତିରୁ କୌଣସି ପ୍ରକାର ସୈନ୍ୟ ପ୍ରତ୍ୟାହାର କରିବ ନାହିଁ। ନେତାନ୍ୟାହୁ ଏହି କଥାକୁ ପୁଣି ଥରେ ଦୋହରାଇ କହିଛନ୍ତି ଯେ, ହମାସ୍ ସମ୍ପୂର୍ଣ୍ଣ ଭାବେ ନିରସ୍ତ୍ର ନହେବା ପର୍ଯ୍ୟନ୍ତ ଇସ୍ରାଏଲ ତା'ର ସୈନ୍ୟ ପ୍ରତ୍ୟାହାର କରିବ ନାହିଁ। ଇସ୍ରାଏଲ ଏହି ଯୋଜନାରେ ଖୁସି ଥିବା ଓ ଏଥିରେ ସହାୟତା କରିଥିବା ନେତାନ୍ୟାହୁଙ୍କ ୱାସିଂଟନ ଗସ୍ତବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦାବି କରିଥିଲେ। ସେତେବେଳେ ଟ୍ରମ୍ପ୍ ସ୍ୱୀକାର କରିଥିଲେ ଯେ, ଶାନ୍ତି ଯୋଜନା କାର୍ଯ୍ୟକାରୀ କରିବା କଷ୍ଟକର ହୋଇପାରେ। ତେବେ ଇସ୍ରାଏଲୀ ରାଜନୈତିକ ସୂତ୍ରରୁ ଜଣାପଡ଼ିଛି ଯେ, ନେତାନ୍ୟାହୁଙ୍କ ଟ୍ରମ୍ପଙ୍କ ସହ ସାକ୍ଷାତ ସମୟରେ ଗାଜା ପ୍ରସଙ୍ଗ ଆଲୋଚନାରେ ଉଠି ନଥିଲା। ଅପରପକ୍ଷେ ହମାସ କହିଛି ଯେ, ହମାସ ଅସ୍ତ୍ରଶସ୍ତ୍ର ତ୍ୟାଗ କରିବା ପୂର୍ବରୁ ଇସ୍ରାଏଲ ପ୍ରଥମେ ତା'ର ଆକ୍ରମଣ ବନ୍ଦ କରିବା ଉଚିତ ଓ ପୂର୍ବ ଅସ୍ତ୍ରବିରତି ଚୁକ୍ତିନାମା ଅନୁଯାୟୀ ପ୍ରତିଶ୍ରୁତି ପାଳନ କରିବା ଉଚିତ।

## ଅସରାଏ ବର୍ଷାରେ ବାଲେଶ୍ୱର ଜଳବନ୍ଦୀ ଘର ଛାଡୁଛନ୍ତି ଲୋକେ: ବଢୁଛି ଅସନ୍ତୋଷ



ବାଲେଶ୍ୱର, ୯/୮ (ନି.ପ୍ର): ବର୍ଷା ହେଲେ ବାଲେଶ୍ୱର ସହରବାସୀଙ୍କ ଚିନ୍ତା ବଢ଼ିଯାଉଛି । ଅସରାଏ ବର୍ଷାରେ ସହରର ଅନେକ ଅଞ୍ଚଳ ଜଳବନ୍ଦୀ ହୋଇପଡୁଛି । ଘର ଭିତରେ ପଶୁଛି ବର୍ଷା ଓ ନର୍ଦ୍ଦମା ପାଣି । ଦୀର୍ଘଦିନ ଧରି ପାଣି ଘେରରେ ରହି ହନ୍ତସନ୍ତ ହେଉଛନ୍ତି ଲୋକେ । ଜଳବନ୍ଦୀ ସମସ୍ୟା ଦିନକୁ ଦିନ ଉତ୍କଟ ହେଉଥିବାରୁ ଜନଅସନ୍ତୋଷ ବଢୁଛି । ବାଲେଶ୍ୱର ସହରର ନୂଆସାହି, ଗୁଡ଼ିପଡ଼ା, ପୋଷ୍ଟାଲ କଲୋନି, ଅଙ୍ଗାରଗଡ଼ିଆ ସମେତ ଅନେକ ଅଞ୍ଚଳରେ ବର୍ଷା ପରେ ସ୍ଥିତି ସଙ୍ଗୀନ ହୋଇପଡୁଛି । ଘର ଭିତରେ ପାଣିର ସୁଅ ଚାଲୁଥିବାରୁ ଲୋକଙ୍କ ଲକ୍ଷାଧିକ ଟଙ୍କାର ଆସବାବପତ୍ର ନଷ୍ଟ ହେଉଛି । ଦିନ ଦିନ ଧରି ପାଣି ଘେରରେ ରହିବା ଯୋଗୁଁ ଅନେକ ଲୋକ ଥଣ୍ଡା, ଜ୍ୱର ଓ ଚର୍ମରୋଗ ସମେତ ବିଭିନ୍ନ ସମସ୍ୟାରେ ପଡୁଥିବା ଅଭିଯୋଗ ହୋଇଛି । ନର୍ଦ୍ଦମା ପାଣିରେ ଯାତାୟାତ କରୁଥିବାରୁ ଛୋଟ ପିଲାଙ୍କଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ଚିନ୍ତାରେ । ଜଳବନ୍ଦୀ ଯୋଗୁଁ ପିଲାମାନେ ନିୟମିତ ସ୍କୁଲ୍ ଯାଇପାରୁନାହାନ୍ତି । ଅନେକ ପିଲା ବାଧ୍ୟ ହୋଇ ପାଣି ଭିତରେ ପଶି ଯାତାୟାତ କରୁଛନ୍ତି । ଜରୁରୀ ସମୟରେ ଗାଡ଼ି ଓ ଆମ୍ବୁଲାନ୍ସ ମଧ୍ୟ ଅନେକ ଅଞ୍ଚଳକୁ ପହଞ୍ଚିପାରୁନଥିବା ଅଭିଯୋଗ ହୋଇଛି । ଜଳବନ୍ଦୀ ସମସ୍ୟା ଏତେ ବଢ଼ିଛି ଯେ ଅନେକ ଲୋକ ନିଜ ଘର ଓ ସରକାରୀ କ୍ୱାର୍ଟର୍ସ ଛାଡ଼ି ଅନ୍ୟତ୍ର ଚାଲିଯାଉଛନ୍ତି । ଏହାର ପ୍ରଭାବ ଘର ଭଡ଼ା ବ୍ୟବସାୟ ଉପରେ ମଧ୍ୟ ପଡ଼ିଛି। ଘର ଭଡ଼ା ଦେଇ ଗୁଜୁରାଣ ମେଣ୍ଟାଉଥିବା ଲୋକଙ୍କ ରୋଜଗାର କମିଯାଇଛି । ଭଡ଼ାଟିଆ ଘର ଛାଡ଼ି ଦେଉଥିବା ବେଳେ ନୂଆ ଲୋକେ ଘର ନେବାକୁ ମଧ୍ୟ ଆଗ୍ରହ ଦେଖାଉନାହାନ୍ତି । ସ୍ଥିତିର ଗମ୍ଭୀରତା ଏଥିରୁ ଅନୁମାନ କରାଯାଇପାରେ ଯେ, ଗୋଟିଏ ସରକାରୀ କ୍ୱାର୍ଟର୍ସରେ ପୂର୍ବରୁ ୪୦ରୁ ଅଧିକ ପରିବାର ରହୁଥିବା ବେଳେ ଏବେ ମାତ୍ର ପ୍ରାୟ ୧୦ଟି ପରିବାର ରହୁଛନ୍ତି । ବର୍ଷା ଆସିଲେ ଘରେ ରହିବେ ନା ପରିବାର ଧରି ଅନ୍ୟତ୍ର ଯିବେ, ତାକୁ ନେଇ ଚିନ୍ତାରେ ବାଲେଶ୍ୱରବାସୀ । ଦୀର୍ଘଦିନର ଜଳବନ୍ଦୀ ସମସ୍ୟାର ସ୍ଥାୟୀ ସମାଧାନ ସହ ଡ୍ରେନେଜ୍ ବ୍ୟବସ୍ଥାର ସୁଧାର ପାଇଁ ପ୍ରଶାସନ ତୁରନ୍ତ ପଦକ୍ଷେପ ନେଉ ବୋଲି ସହରବାସୀ ଦାବି କରିଛନ୍ତି ।

## ବଜ୍ରପାତ ନେଲା ଜୀବନ: ଜଣେ ମୃତ, ୩ ଗୁରୁତର

ଅନୁଗୁଳ, ୯/୮ (ନି.ପ୍ର): ବଜ୍ରପାତ ନେଲା ଜୀବନ । ଜଣେ ମୃତ, ୩ ଗୁରୁତର । ଅନୁଗୁଳ ଜିଲ୍ଲା ପାଲଲହଡା ଥାନା କରଡାପାଳ ପଞ୍ଚାୟତ ନାଥପଶି ଗାଁରେ ଘଟିଛି ଅଘଟଣ । ଗାଁର ମୋତେୟା ବାରିଜ ପରିବାର ଓ କିଛି ଗ୍ରାମବାସୀଙ୍କ ସହ ଚାଷ କାମ କରୁଥିବା ବେଳେ ହଠାତ୍ ବଜ୍ରପାତ ହୋଇଥିଲା । ବଜ୍ରପାତରେ ମୋତେୟା ବାରିଜ ଘଟଣାସ୍ଥଳରେ ଟଳିପଡ଼ିଥିଲେ । ସେହିପରି ତାଙ୍କ ସମ୍ପର୍କୀୟ ମହିଳା ସାନ୍ତିଲତା ପୁର୍ତ୍ତି, କଲେଜ ଛାତ୍ରୀ ନିରୁପାୟ ବେହେରା ଏବଂ ପଞ୍ଚମ ଶ୍ରେଣୀ ଛାତ୍ରୀ ପ୍ରିୟା ପୁର୍ତ୍ତି ଗୁରୁତର ଆହତ ହୋଇଛନ୍ତି। ଘଟଣା ସମୟରେ ସେଠାରେ ଥିବା ଅନ୍ୟ ୧୨ ଜଣ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଖବର ପାଇ ୧୦୮ ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ପାଲଲହଡା ଡାକ୍ତରଖାନାକୁ ନେଇଥିଲା । ସେଠାରେ ଡାକ୍ତର ମୋତେୟା ବାରିଜଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଆହତ ୩ ଜଣଙ୍କର ଚିକିତ୍ସା ଜାରି ରହିଛି । ଅନ୍ୟ ୧୨ ଜଣଙ୍କୁ ପ୍ରାଥମିକ ଚିକିତ୍ସା ପରେ ଘରକୁ ପଠାଯାଇଛି ।

## 'ଘରେ ଘରେ ତ୍ରିରଙ୍ଗା'ର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ: ଜେନ୍-ଜିଙ୍କୁ ଦେଲେ ରାଷ୍ଟ୍ରପ୍ରେମର ବାର୍ତ୍ତା





ଭୁବନେଶ୍ୱର, ୦୯/୮ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ ଆଜିଠାରୁ 'ଘରେ ଘରେ ତ୍ରିରଙ୍ଗା' ଅଭିଯାନର ଶୁଭାରମ୍ଭ ହୋଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି କାର୍ଯ୍ୟକ୍ରମର ଉଦଘାଟନ କରିବା ସହ ରାଜ୍ୟବାସୀଙ୍କୁ ଏକତା ସୂତ୍ରରେ ବାନ୍ଧି ହୋଇ ରହିବାକୁ ଆହ୍ୱାନ ଦେଇଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଦେଶର ଯୁବପିଢ଼ି ବା 'ଜେନ୍-ଜି' (ଏରଭ-ତ) ମାନଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୟାନ ଦେଇଛନ୍ତି । ସେ କହିଛନ୍ତି ଯେ, ଜେନ୍-ଜି ଆମର ଶତ୍ରୁ ନୁହନ୍ତି, ସେମାନେ ହେଉଛନ୍ତି ଆମର ପରମ ମିତ୍ର ଏବଂ ଦେଶର ଭବିଷ୍ୟତ । କୌଣସି ବି ନକରାତ୍ମକ ଶକ୍ତି ଆମ ଯୁବପିଢ଼ିଙ୍କୁ ଦୁର୍ବଳ କରିପାରିବ ନାହିଁ । ବିକଶିତ ଭାରତ ଗଠନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯେଉଁ ଆହ୍ୱାନ ଦେଇଛନ୍ତି, ତାର ନେତୃତ୍ୱ ଏହି ଯୁବ ଶକ୍ତି ହିଁ ନେବ । କିଛି ବିଦେଶୀ ଶକ୍ତିଙ୍କ ଦ୍ୱାରା ପ୍ରଭାବିତ ହୋଇ କିଛି ଲୋକ ବିଭ୍ରାନ୍ତ ହୋଇପାରନ୍ତି, କିନ୍ତୁ ତାହା କେବଳ ସୀମିତ ସମୟ ପାଇଁ । ଯେଉଁଠି ସହିଦ ଭଗତ ସିଂଙ୍କ ପରି ମହାନ ବିପ୍ଳବୀ ଯୁବବର୍ଗଙ୍କ ପାଇଁ ପ୍ରେରଣାର ଉତ୍ସ, ସେଠାରେ ବିଦେଶୀ ଶକ୍ତିଙ୍କ କୌଣସି ଚକ୍ରାନ୍ତ ସଫଳ ହେବ ନାହିଁ । ଯୁବବର୍ଗଙ୍କୁ ଉତ୍ସାହିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସେମାନେ ରାଷ୍ଟ୍ର ପ୍ରେମରେ ଉଦବୁଦ୍ଧ ହୋଇ ଦେଶ ପାଇଁ କାମ କରନ୍ତୁ । ଆଗାମୀ ଦିନରେ ଭାରତକୁ ବିଶ୍ୱ ଗୁରୁ କରିବାରେ ଯୁବପିଢ଼ିଙ୍କ ପ୍ରମୁଖ ଭୂମିକା ରହିବ । ଦେଶର ହିତ ଏବଂ ରାଷ୍ଟ୍ର ନିର୍ମାଣରେ ସମସ୍ତେ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ସେ ଅନୁରୋଧ କରିଛନ୍ତି । 'ଘରେ ଘରେ ତ୍ରିରଙ୍ଗା' ଅଭିଯାନ ମାଧ୍ୟମରେ ପ୍ରତିଟି ଓଡ଼ିଆଙ୍କ ମନରେ ଦେଶଭକ୍ତିର ଭାବନାକୁ ଆହୁରି ସୁଦୃଢ଼ କରିବା ପାଇଁ ସରକାରଙ୍କ ଏହି ପ୍ରୟାସକୁ ସବୁ ମହଲରେ ସ୍ୱାଗତ କରାଯାଇଛି ।

## ଜଷ୍ଟିସ ମାନସ ରଞ୍ଜନ ପାଠକ, ଜଷ୍ଟିସ କୃଷ୍ଣରାମ ମହାପାତ୍ରଙ୍କ ବଦଳି





କଟକ, ୦୯/୮ (ନି.ପ୍ର): ଓଡ଼ିଶା ହାଇକୋର୍ଟର ଦୁଇ ଜଣ ବରିଷ୍ଠ ବିଚାରପତିଙ୍କ ବଦଳି ପାଇଁ ସୁପ୍ରିମକୋର୍ଟ କଲେଜିୟମ ସୁପାରିସ କରିଛନ୍ତି। ଜଷ୍ଟିସ ମାନସ ରଞ୍ଜନ ପାଠକଙ୍କ ଗୁଜୁରାଟ ହାଇକୋର୍ଟକୁ ଓ ଜଷ୍ଟିସ କୃଷ୍ଣରାମ ମହାପାତ୍ରଙ୍କ ଛତିଶଗଡ଼ ହାଇକୋର୍ଟକୁ ବଦଳି ପାଇଁ ସୁପ୍ରିମକୋର୍ଟ କଲେଜିମୟ ସୁପାରିସ କରିଛନ୍ତି। ଅଗଷ୍ଟ ୬ରେ ଅନୁଷ୍ଠିତ ସୁପ୍ରିମକୋର୍ଟ କଲେଜିୟମ ବୈଠକରେ ଏପରି ସୁପାରିସ ପାଇଁ ନିଷ୍ପତ୍ତି ନିଆଯାଇଥିବା ସୂଚନା ମିଳିଛି। ଉଲ୍ଲେଖ ଯୋଗ୍ୟ ଯେ, ଜଷ୍ଟିସ ମାନସ ରଞ୍ଜନ ପାଠକ ୨୦୧୩, ମେ ୨୨ରେ ଗୌହାଟୀ ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତି ପାଇଥିଲେ। ବଦଳି ପରେ ସେ ୨୦୨୫, ଜୁଲାଇ ୨୧ରୁ ସେ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ କାର୍ଯ୍ୟ କରି ଆସୁଛନ୍ତି। ସେହିଭଳି ଜଷ୍ଟିସ କୃଷ୍ଣରାମ ମହାପାତ୍ର ୨୦୧୫, ଏପ୍ରିଲ ୧୭ରେ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ଶପଥ ଗ୍ରହଣ କରିଥିଲେ। ସୂଚନା ଯୋଗ୍ୟ ଯେ, ଓଡ଼ିଶା ହାଇକୋର୍ଟର ମଞ୍ଜୁରିପ୍ରାପ୍ତ ବିଚାରପତି ସଂଖ୍ୟା ୩୩ ହୋଇଥିବା ବେଳେ ଏବେ ମୁଖ୍ୟ ବିଚାରପତିଙ୍କ ସମେତ ୧୭ଜଣ ବିଚାରପତି ଅଛନ୍ତି। ୱେବ୍‌ସାଇଟରେ ଉପଲବ୍ଧ ତଥ୍ୟ ଅନୁସାରେ ଅଗଷ୍ଟ ୬ ସୁଦ୍ଧା ୧ ଲକ୍ଷ ୭୦ ହଜାର ୭୧୬ ମାମଲା ହାଇକୋର୍ଟରେ ବିଚାରାଧୀନ ରହିଛି।

## ଧାନ ସଂଗ୍ରହ ପାଇଁ ପଞ୍ଜୀକରଣ ପ୍ରକ୍ରିୟାରେ ଜଟିଳତା ନାହିଁ : ମନ୍ତ୍ରୀ

ଭୁବନେଶ୍ୱରଭୁବନେଶ୍ୱର, ୦୯/୮ (ନି.ପ୍ର): ଧାନ ସଂଗ୍ରହ ପାଇଁ ପଞ୍ଜୀକରଣ ପ୍ରକ୍ରିୟାରେ ଜଟିଳତା ଅଭିଯୋଗକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଖଣ୍ଡନ କରିଛନ୍ତି। ସେ କହିଛନ୍ତି ସରକାର ଚାଷୀଙ୍କ ସହ ଅଛନ୍ତି, ପଞ୍ଜୀକରଣରେ କୌଣସି ଜଟିଳତା ନାହିଁ। ଆଜିସୁଦ୍ଧା ରାଜ୍ୟରେ ୫ହଜାର ୯୩ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ଭାଗଚାଷୀଙ୍କ ପାଇଁ ମଧ୍ୟ କୌଣସି ଜଟିଳତା ନାହିଁ। ଆବଶ୍ୟକ କାଗଜପତ୍ର ଦାଖଲ କଲେ ପଞ୍ଜୀକରଣ କରିପାରିବେ। ଚାଷୀ ପଂଜୀକରଣ ନେଇ ମନ୍ତ୍ରୀ କହିଛନ୍ତି ଆଜି ସୁଦ୍ଧା ମୋଟ ୫ ହଜାର ୯୩ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ସେଥି ମଧ୍ୟରୁ ୩ ହଜାର ୧୦୮ ଜଣଙ୍କର କୃଷକ ପଞ୍ଜୀକରଣ ଆଇଡି ରହିଛି। ◆◆ପୃଷ୍ଠା ୭

## ଆରଜି କର ଦୁଷ୍କର୍ମ ଓ ହତ୍ୟା ମାମଲାର ପୁନଃ ତଦନ୍ତ ନିର୍ଦ୍ଦେଶ ଦେଲେ ଶୁଭେନ୍ଦୁ ଅଧିକାରୀ





ନୂଆଦିଲ୍ଲୀ,୯/୮ : ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ରବିବାର ଦୁଇ ବର୍ଷ ତଳେ ଆଜିର ଦିନ (ଅଗଷ୍ଟ ୯, ୨୦୨୪)ରେ କୋଲକାତାର ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲର ଜଣେ ୩୧ ବର୍ଷୀୟ କନିଷ୍ଠ ଡାକ୍ତରଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯିବା ଘଟଣାର ପୁନଃ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ସେତେବେଳେ ପଶ୍ଚିମବଙ୍ଗର ଏହି ଲଜ୍ଜାଜନକ ତଥା ଲୋମହର୍ଷକ ଘଟଣା ସମଗ୍ର ଦେଶକୁ ଦୋହଲାଇ ଦେଇଥିଲା। ପଶ୍ଚିମବଙ୍ଗରେ ସରକାର ବଦଳିବା ପରେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଏହି ଚର୍ଚ୍ଚିତ ଦୁଷ୍କର୍ମ ଓ ହତ୍ୟା ଘଟଣାର ପୁନଃ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୃତ ଡାକ୍ତରଙ୍କ ମା' ରତ୍ନା ଦେବନାଥ ବର୍ତ୍ତମାନ ବିଜେପି ବିଧାୟିକା ଥିବାବେଳେ ମୁଖ୍ୟମନ୍ତ୍ରୀଙ୍କୁ ◆◆ପୃଷ୍ଠା ୭

## ଅଗଷ୍ଟ ୧୫ ପାଇଁ ଲାଲକିଲ୍ଲାରେ ଅଭେଦ୍ୟ ସୁରକ୍ଷା : ୨୦ ହଜାର ଯବାନ ମୁତୟନ





ନୂଆଦିଲ୍ଲୀ, ୯/୮ : ସ୍ୱାଧୀନତା ଦିବସ ପାଳନ ପାଇଁ ଦିଲ୍ଲୀର ଲାଲକିଲ୍ଲାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଡିସିପି ଉତ୍ତର ରାଜା ବାଣ୍ଠିଆ କହିଛନ୍ତି ଯେ ସୁରକ୍ଷା ନିୟୋଜନ ଯୋଜନାକୁ ଦୁଇଟି ଭାଗରେ ବିଭକ୍ତ କରାଯାଇଛି। ମାନବଶକ୍ତି ଏବଂ ବୈଷୟିକ ନିୟୋଜନ। ସମାରୋହ ସମୟରେ ବିଭିନ୍ନ ଏଜେନ୍ସିରୁ ପ୍ରାୟ ୧୫ ହଜାରରୁ ୨୦ ହଜାର ସୁରକ୍ଷା କର୍ମୀ ନିୟୋଜିତ ହେବେ।ସୁରକ୍ଷା ବ୍ୟବସ୍ଥାରେ ଦିଲ୍ଲୀ ପୁଲିସ ଟ୍ରାଫିକ ୟୁନିଟ୍, ଉତ୍ତର ଜିଲ୍ଲା ଦଳ, ସ୍ଥାନୀୟ ପୁଲିସ, ପିସିଆର, ସ୍ପେଶାଲ ବ୍ରାଞ୍ଚ ଏବଂ ସ୍ପେଶାଲ ସେଲ୍ ସହିତ ଅନ୍ୟାନ୍ୟ ସୁରକ୍ଷା ବାହିନୀ ସାମିଲ ରହିବେ। ଏହା ସହିତ, ହିଟ୍ ଟିମ୍ ଏବଂ ସ୍ନାଇପର ସମେତ ବହୁ ସଂଖ୍ୟକ ଅର୍ଦ୍ଧସାମରିକ କମ୍ପାନୀ, କମାଣ୍ଡୋ ଏବଂ ଏନଏସଜି ଦଳ ମଧ୍ୟ ନିୟୋଜିତ ହେବେ। ଯେକୌଣସି ସମ୍ଭାବ୍ୟ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଏକ ଏନଡିଆରଏଫ ଦଳ ମଧ୍ୟ ସଜାଗ ରହିବ। ଏହି ସମୟରେ, ରଣନୈତିକ ସ୍ଥାନ ଏବଂ ୱାଚଟାୱାରରେ ଦ୍ରୁତ ପ୍ରତିକ୍ରିୟା ଦଳଙ୍କୁ ନିୟୋଜିତ କରାଯିବ। ବୈଷୟିକ ସୁରକ୍ଷା ବ୍ୟବସ୍ଥାର ଏକ ଅଂଶ ଭାବରେ, ଲାଲକିଲ୍ଲା ଏବଂ ଏହାର ଚାରିପାଖରେ ହଜାରେରୁ ଅଧିକ ସିସିଟିଭି କ୍ୟାମେରା ସ୍ଥାପନ କରାଯାଇଛି । ଏହି କ୍ୟାମେରାଗୁଡ଼ିକୁ ନିରୀକ୍ଷଣ କରିବା ପାଇଁ ନିୟନ୍ତ୍ରଣ କକ୍ଷ ସ୍ଥାପନ କରାଯାଇଛି, ଯେଉଁଠାରେ ପ୍ରଶିକ୍ଷିତ କର୍ମଚାରୀମାନେ ଲାଇଭ୍ ଫିଡ୍ ଉପରେ ନଜର ରଖିବେ। ଭୂମିସ୍ତରୀୟ ଦ୍ରୁତ ପ୍ରତିକ୍ରିୟା ଦଳ ପାଇଁ ମଧ୍ୟ ସ୍ୱତନ୍ତ୍ର ସ୍ଥାନ ନିର୍ଦ୍ଦିଷ୍ଟ କରାଯାଇଛି। ଡିସିପି କହିଛନ୍ତି ଯେ, ଆବଶ୍ୟକତା ଅନୁଯାୟୀ ବିଭିନ୍ନ ସ୍ଥାନରେ ଭିଡିଓ ଆନାଲିଟିକ୍ସ ପ୍ରଯୁକ୍ତିବିଦ୍ୟା ମଧ୍ୟ ନିୟୋଜିତ କରାଯାଇଛି। ଏଥିରେ ମୁଖମଣ୍ଡଳ ଚିହ୍ନଟକରଣ ପ୍ରଣାଳୀ (ଏଫଆରଏସ), ନମ୍ବର ପ୍ଲେଟ୍ ଚିହ୍ନଟକରଣ ଏବଂ ଅନୁପ୍ରବେଶ ଚିହ୍ନଟ ପ୍ରଣାଳୀ ଅନ୍ତର୍ଭୁକ୍ତ ରହିଛି। କିଛି ପୁଲିସ ଅଧିକାରୀ ବଡି ୱାର୍ଣ୍ଣ କ୍ୟାମେରା ମଧ୍ୟ ଲଗାଇବେ। ଡ୍ରୋନ୍‌ର ସମ୍ଭାବ୍ୟ ବିପଦର ମୁକାବିଲା ପାଇଁ ଡ୍ରୋନ୍-ପ୍ରତିରୋଧୀ ସିଷ୍ଟମ ମଧ୍ୟ ସ୍ଥାପନ କରାଯାଇଛି। ପୁଲିସ ସୋସିଆଲ ମିଡିଆରେ ଅନଲାଇନ୍ କାର୍ଯ୍ୟକଳାପ ଏବଂ ଆଲୋଚନା ଉପରେ ମଧ୍ୟ ନଜର ରଖିଛି। ଡିସିପି କହିଛନ୍ତି ଯେ, ସମସ୍ତ ବ୍ରିଫିଂ ଏବଂ ତାଲିମ ଅଧିବେଶନ ସମାପ୍ତ ହୋଇଛି, ଏବଂ ପୁଲିସ ସୁରକ୍ଷା ବ୍ୟବସ୍ଥା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି।

# ହର ଘର ତ୍ରିରଙ୍ଗା-୨୦୨୬ ପାଇଁ ଝାରସୁଗୁଡା ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ

ଝାରସୁଗୁଡ଼ା,୯/୦୮ (ନି.ପ୍ର): ଦେଶପ୍ରେମ ଓ ଜାତୀୟ ଏକତାର ଭାବନାକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ଝାରସୁଗୁଡ଼ା ଜିଲ୍ଲାରେ ହର ଘର ତ୍ରିରଙ୍ଗା-୨୦୨୬ କାର୍ଯ୍ୟକ୍ରମକୁ ବ୍ୟାପକ ଭାବେ ପାଳନ କରାଯିବ। ଏନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଡିଏମଏଫ୍ ପ୍ରେକ୍ଷାଳୟରେ ଏକ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ ) ବ୍ରଜବନ୍ଧୁ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି।

ବୈଠକରେ ଅଗଷ୍ଟ ୯ରୁ ୧୭ ତାରିଖ ପର୍ଯ୍ୟନ୍ତ ଜିଲ୍ଲାରେ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ପାଳନ କରିବାକୁ ସ୍ଥିର ହୋଇଛି। ଏହି ଅବସରରେ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ଦୋକାନ ବଜାର ଓ ସର୍ବସାଧାରଣ ସ୍ଥାନଗୁଡ଼ିକୁ ତ୍ରିରଙ୍ଗା ପତାକା ଉଡାଇବା ସହ ଟ୍ରାଇ କଲର ଆଲୋକମାଳାରେ ସଜାଇବା ସହ ଶିକ୍ଷାନୁଷ୍ଠାନଗୁଡ଼ିକରେ ରଙ୍ଗୋଲି, ଦେଶାତ୍ମବୋଧକ ସଙ୍ଗୀତ, ନୃତ୍ୟ, ଚିତ୍ରକଳା ଓ ତ୍ରିରଙ୍ଗା ପତାକା ପ୍ରଦର୍ଶନୀ ଆୟୋଜନ କରାଯିବ ।

ଅଗଷ୍ଟ ୧୨ ତାରିଖ ସକାଳ ୮ଟାରେ ଝାରସୁଗୁଡ଼ାରେ ପଦଯାତ୍ରା, ଅଗଷ୍ଟ ୧୭ ତାରିଖ ମଧ୍ୟରେ ତ୍ରିରଙ୍ଗା ସାଇକେଲ୍/ଇ-ବାଇକ୍ ରାଲି ଆଦିର ଆୟୋଜନ କରାଯିବାକୁ ସ୍ଥିର ହୋଇଛି। ଅଗଷ୍ଟ ୧୨ ତାରିଖ ଦିନ ପଦଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି କିଷାନ ଛକ, ପୁରୁଣା ବସ୍ ଷ୍ଟାଣ୍ଡ ଛକ, ଝଣ୍ଡା ଛକ ଦେଇ ମନମୋହନ ସ୍କୁଲ ପଡିଆ ଠାରେ ଶେଷ ହେବ। ଏହି ତ୍ରିରଙ୍ଗା ରାଲିରେ ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀଙ୍କ ସହ ବିଭିନ୍ନ ସାମାଜିକ ଅନୁଷ୍ଠାନ, ବ୍ୟବସାୟିକ ପ୍ରତିଷ୍ଠାନ, ସ୍ୱେଚ୍ଛାସେବୀ ସଂଗଠନ ଓ ସାଧାରଣ ଜନତାଙ୍କୁ ସାମିଲ କରାଯିବକ୍ଷ ପାଇଁ ଆହ୍ୱାନ କରାଯାଇଛି । ଏହା ସହିତ ଜିଲ୍ଲାର ପ୍ରତ୍ୟେକ ପଂଚାୟତ, ବ୍ଲକ ଓ ପୌରପାଳିକାରେ ମଧ୍ୟ ପଦଯାତ୍ରା, ସାଇକେଲ/ଇ-ବାଇକ୍ ରାଲି ଆଦି ର ଆୟୋଜନ କରାଯିବ। ଅଗଷ୍ଟ ୧୫ ତାରିଖ ଅପରାହ୍ନ ୪ଟା ସମୟରେ ଏମସିଏଲ ଏଡିଟରୟମ ପରିସରରେ ତ୍ରିରଙ୍ଗା ରଙ୍ଗୋଲି ପ୍ରତିଯୋଗିତା ସହ ରଙ୍ଗୋଲି ପ୍ରଦର୍ଶନୀ ମଧ୍ୟ ଆୟୋଜିତ ହେବ। ଜିଲ୍ଲାର ବିଭିନ୍ନ ପୌରପାଳିକା, ବ୍ଲକ ଓ ପଂଚାୟତ ସ୍ତରରେ ମଧ୍ୟ ଏହିପରି ରଙ୍ଗୋଲି ପ୍ରତିଯୋଗିତା ତଥା ପ୍ରଦର୍ଶନୀ ଆୟୋଜିତ ହେବ ।

ବୈଠକରେ 'ସେଲ୍ଫି ସହ ତ୍ରିରଙ୍ଗା 'କୁ ଚଳିତ ବର୍ଷର ପ୍ରମୁଖ ଡିଜିଟାଲ୍ କାର୍ଯ୍ୟକ୍ରମ ଭାବେ ଗୁରୁତ୍ୱ ଦିଆଯାଇଥିବା ବେଳେ ଜନସାଧାରଣଙ୍କୁ ହରଘର ତ୍ରିରଙ୍ଗା ପୋର୍ଟାଲ ରେ ତ୍ରିରଙ୍ଗା ସହ ସେଲ୍ଫି ଅପଲୋଡ୍ କରିବାକୁ ପ୍ରୋତ୍ସାହିତ କରାଯାଇଥିଲା । ଏଥିସହିତ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ତ୍ରିରଙ୍ଗା ରାକ୍ଷୀ ଓ ତ୍ରିରଙ୍ଗା ପତାକା ପ୍ରସ୍ତୁତ କରାଯାଇ ବିଭିନ୍ନ ସ୍ଥାନରେ ବିକ୍ରୟ କରାଯିବ। ସପିଂ ମଲ୍, ରେଳ ଷ୍ଟେସନ୍, ବୀର ସୁରେନ୍ଦ୍ର ସାଏ ବିମାନବନ୍ଦର, ବସ୍ ଟର୍ମିନାଲ୍ ଏବଂ ଅନ୍ୟାନ୍ୟ ପ୍ରମୁଖ ସ୍ଥାନରେ ତ୍ରିରଙ୍ଗା ପତାକା ଉଡାଇବା ସହ ତ୍ରିରଙ୍ଗା ପ୍ରଦର୍ଶନୀର ଆୟୋଜନ କରାଯିବ। ଘରେ ଘରେ ତ୍ରିରଙ୍ଗା ପତାକା ଉଡାଇବା, ଘର, ଦୋକାନ, ଉଚ୍ଚ ସ୍ଥାନରେ ଜାତୀୟ ପତାକା ଉଡାଇବା, ଯେଭଳି ନଷ୍ଟ ନ ହୁଏ, ଚିରି ନ ଯାଏ, ସେଥିପ୍ରତି ଦୃଷ୍ଟି ଦେବାକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭୋଇ ଆହ୍ୱାନ କରିଥିଲେ । ଅଗଷ୍ଟ ୧୩ ତାରିଖ ଅପରାହ୍ନ ୪ଟା ରେ ସଂସ୍କୃତି ଭବନ ଠାରେ ଦେଶାତ୍ମବୋଧକ କବିତା ପାଠର ଆୟୋଜନ କରାଯିବ । ଅଗଷ୍ଟ ୧୪ ତାରିଖ ଦିନ ଖଣିଜ ପାଣ୍ଠି ପ୍ରେକ୍ଷାଳୟ ଠାରେ ବିଭାଜନ ବିଭୀଷିକା ସ୍ମୃତି ଦିବସ ପାଳନ ପୂର୍ବକ ସଂସ୍କୃତି ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଦ୍ୱାରା ପ୍ରଦତ୍ତ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ ଏବଂ ନିରବ ପ୍ରାର୍ଥନା ଅନୁଷ୍ଠିତ ହେବ । ସମସ୍ତ ପଂଚାୟତ, ବ୍ଲକ କାର୍ଯ୍ୟାଳୟରେ ମଧ୍ୟ ଏହି ସ୍ମୃତି ଦିବସ ପାଳନ କରାଯିବ । ଅଗଷ୍ଟ ୧୫ ତାରିଖ ସକାଳ ୬ଟାରୁ ୭ଟା ମଧ୍ୟରେ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଜାତୀୟ ପତାକା ଧରି ପ୍ରଭାତଫେରିରେ ସାମିଲ ହେବେ । ଅଗଷ୍ଟ ୧୫ ତାରିଖ ସନ୍ଧ୍ୟାରେ ଏମ ସି ଏଲ ଏଡିଟରୟମ ଠାରେ ବନ୍ଦେ ମାତରମ ର ସମବେତ ଗାନ, ଦେଶାତ୍ମବୋଧକ ସଂଗୀତ, ନୃତ୍ୟ ଓ ଅନ୍ୟାନ୍ୟ ଦେଶାତ୍ମାବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ସମସ୍ତ ଜନସାଧାରଣ, ଅଧିକାରୀ ଏବଂ କର୍ମଚାରୀ ସେନାବାହିନୀ, ସୁରକ୍ଷା କର୍ମଚାରୀ, ଦିବ୍ୟାଙ୍ଗ, ସଫେଇ କର୍ମଚାରୀ, ଅଙ୍ଗନବାଡି ଶିଶୁ, ଯୁବ ବର୍ଗ, ବରିଷ୍ଠ ନାଗରିକ ଙ୍କ ସହ ଭଲ ଫଟୋ ଉଠାଇ ଅପଲୋଡ଼ କରିବେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭୋଇ ହର ଘର ତ୍ରିରଙ୍ଗା-୨୦୨୬କୁ ଜନଆନ୍ଦୋଳନରେ ପରିଣତ କରିବା ସହ ଏହାକୁ ସଫଳ କରିବା ପାଇଁ ସମସ୍ତ ବିଭାଗ, ଅନୁଷ୍ଠାନ ଓ ଜନସାଧାରଣଙ୍କ ସକ୍ରିୟ ସହଯୋଗ କାମନା କରିଥିଲେ।

ବୈଠକକୁ ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ରିତାକାନ୍ତି ବଳିୟାରସିଂହ ସଂଯୋଜନା କରିଥିବାବେଳେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ବିଶ୍ୱରଞ୍ଜନ ନାୟକ, ଅତିରିକ୍ତ ଉପଜିଲ୍ଲାପାଳ ଭିକ୍ଟୋରିଆ ଏକ୍କା, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଗଡତିଆ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଅମୃତ ଆଚାର୍ଯ୍ୟ, ଉପ- ଆରକ୍ଷୀ ଅଧୀକ୍ଷକ ମେନକା ରାଉତ ତଥା ବିଭିନ୍ନ ବିଭାଗର ଅଧିକାରୀ, ପୋଲିସ ଅଧିକାରୀ,ସମ୍ପୃକ୍ତ ସେଚ୍ଛାସେବୀ ସଂଗଠନ, ବେଦାନ୍ତ ଆଲୁମିନିୟମ୍ କମ୍ପାନୀ ଓ ଅଲଟ୍ରାଟେକ ସିମେଣ୍ଟ କମ୍ପାନୀ ର ପ୍ରତିନିଧିମାନେ ଯୋଗଦେଇଥିଲେ।

# ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ସେଲ୍‌ଠାରେ ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ଉଦ୍ଧାର ଉପରେ ସ୍ୱତନ୍ତ୍ର ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ



ରାଉରକେଲା,୯/୦୮ (ନି.ପ୍ର): 'ଦକ୍ଷରକ୍ଷକ' ପଦକ୍ଷେପ ଅନ୍ତର୍ଗତ 'ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ଉଦ୍ଧାର' ଉପରେ ସପ୍ତମ ସ୍ୱତନ୍ତ୍ର ତାଲିମ କାର୍ଯ୍ୟକ୍ରମ ଅଗଷ୍ଟ ୬ ଏବଂ ୭, ୨୦୨୬ ରେ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ର ଲର୍ଣ୍ଣିଂ ଆଣ୍ଡ୍ ଡେଭଲପମେଣ୍ଟରେ ଅଗ୍ନିଶମ ସେବା ବିଭାଗ ଦ୍ୱାରା ଆୟୋଜିତ ହୋଇଥିଲା। 'ସୁରକ୍ଷା ପାଇଁ ପ୍ରଶିକ୍ଷିତ, ପ୍ରତିକ୍ରିୟା ପାଇଁ ପ୍ରସ୍ତୁତ' ବିଷୟବସ୍ତୁ ଉପରେ ଆୟୋଜିତ ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ଗ୍ୟାସ୍ ଲାଇନ ରକ୍ଷଣାବେକ୍ଷଣ, ସୀମିତ ସ୍ଥାନ ଏବଂ ଉଚ୍ଚତା ସମ୍ବନ୍ଧୀୟ କାର୍ଯ୍ୟ ସହିତ ଜଡିତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କ ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ଉଦ୍ଧାର କ୍ଷମତା ବୃଦ୍ଧି କରିବା ଉପରେ ଧ୍ୟାନ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ କାର୍ଯ୍ୟନିର୍ବାହୀ, ଅଣ-କାର୍ଯ୍ୟନିର୍ବାହୀ ଏବଂ ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ସମେତ ମୋଟ ୫୦ ଜଣ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ତାଲିମରେ ଅଗ୍ନି ନିବାରଣ ଏବଂ ଅଗ୍ନି ନିର୍ବାପନର ଜରୁରୀ ଦିଗଗୁଡ଼ିକ, ଗ୍ୟାସ୍ ଲାଇନ ରକ୍ଷଣାବେକ୍ଷଣ ସହିତ ଜଡିତ ବିପଦ, ସୀମିତ ସ୍ଥାନ କାର୍ଯ୍ୟ ଏବଂ ଉଚ୍ଚତା କାର୍ଯ୍ୟ, ଏବଂ ସ୍ୱୟଂ-ନିର୍ଭରଶୀଳ ଶ୍ୱାସ ଯନ୍ତ୍ର, ବିମାନ ଉପକରଣ ଏବଂ ଗ୍ୟାସ୍ ମନିଟର, ଯେଉଁଥିରେ କାର୍ବନ ମନୋକ୍ସାଇଡ୍, ଅମ୍ଳଜାନ ଏବଂ ବିସ୍ଫୋରକ ଗ୍ୟାସ୍ ମନିଟର ଅନ୍ତର୍ଭୁକ୍ତ, ବ୍ୟବହାର କରାଯାଇଥିଲା। ଅଂଶଗ୍ରହଣକାରୀ ମାନେ ପ୍ରାଥମିକ ଚିକିତ୍ସା ଅଗ୍ନି ନିର୍ବାପନ ଉପକରଣ, ଅଗ୍ନି ହାଇଡ୍ରାଣ୍ଟ, ଅଗ୍ନି ହୋସ୍ ଏବଂ ନୋଜଲ୍ ବ୍ୟବହାର ବିଷୟରେ ବ୍ୟାପକ ହସ୍ତକ୍ଷେପ ତାଲିମ ମଧ୍ୟ ନେଇଥିଲେ। କାର୍ଡିଓପଲମୋନାରୀ ପୁନର୍ଜୀବନ (ସିପିଆର), ପୀଡିତଙ୍କୁ ପରିଚାଳନା ପଦ୍ଧତି, ଷ୍ଟ୍ରେଚର ପରିଚାଳନା, ରଶି ଏବଂ ଉଦ୍ଧାର କୌଶଳ, ସିଡ଼ି ଅପରେସନ୍, ଡମି ଉଦ୍ଧାର ଏବଂ ଉଚ୍ଚତାରୁ ଉଦ୍ଧାର ଉପରେ ବ୍ୟବହାରିକ ଅଧିବେଶନ ମଧ୍ୟ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଅଂଶଗ୍ରହଣକାରୀମାନଙ୍କୁ ଜଟଚର ଅନ୍-ସାଇଟ୍ ଜରୁରୀକାଳୀନ ପରିଚାଳନା ପ୍ରଣାଳୀ ଏବଂ ମକ୍ ଡ୍ରିଲ୍ ପ୍ରକ୍ରିୟା ସହିତ ଅଧିକ ପରିଚିତ କରାଇଥିଲା। ଶେଷ ଅଧିବେଶନରେ ଅଗ୍ନି ନିରାପତ୍ତା ପ୍ରଶ୍ନୋତ୍ତର, ମତାମତ ଏବଂ ଅଂଶଗ୍ରହଣକାରୀଙ୍କ ସହିତ ଏକ ପାରସ୍ପରିକ ଆଲୋଚନା ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଶ୍ରୀ ପି.ଏସ୍. ଠାକରେ, ଜିଏମ୍ (ଅଗ୍ନିଶମ ସେବା) ଏବଂ ସୁଶ୍ରୀ ସୁଶ୍ରୀତା ଦାସ, ଏଜିଏମ୍ (ଏଚ୍.ଆ.ର-ଏଲ୍ ଆଣ୍ଡ୍ ଡି) ଏହି ଅଧିବେଶନରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଶ୍ରୀ ଏସ୍.ବି. ସାହୁ, ଡେପୁଟି ମ୍ୟାନେଜର (ଅଗ୍ନିଶମ ସେବା) ସଂଯୋଜନା କରିଥିଲେ।

# ଗାଡ଼ି ଧକ୍କାରେ ଯୁବକ ଗୁରୁତର

କେନ୍ଦ୍ରାପଡ଼ା,୯/୦୮ (ନି.ପ୍ର): ଆଳି ଥାନା ଅନ୍ତର୍ଗତ ମହୁ ପଂଚାୟତରେ ବାବୁରାମ ଦାଶ(ଭୂବା)ଙ୍କର ଏକମାତ୍ର ପୁଅ ବ୍ରହ୍ମାନନ୍ଦ ଦାଶ(କାହ୍ନା) ୧୬ ବୟସ ଅଗଷ୍ଟ ୪ ତାରିଖ ଦିନ ସନ୍ଧ୍ୟା ସମୟରେ ଦୁଇଜଣ ସାଙ୍ଗଙ୍କ ସହ ବୁଲେଟ୍‌ରେ କୋଳିଡିହ ପଂଚାୟତକୁ ଯିବା ସମୟରେ ଅନ୍ୟ ଏକ ବାଇକ୍ ବୁଲେଟକୁ ମୁହାଁମୁହିଁ ଧକ୍କା ଦେଇଥିଲା। ଯାହାଫଳରେ ତିନିଜଣ ସାଙ୍ଗ ଛିଟିକି ପଡ଼ିଥିଲେ, ସଙ୍ଗେ ସଙ୍ଗେ ଆଳି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ୩ ଜଣ ବାଳକଙ୍କୁ ଭର୍ତି କରାଯାଇ ପ୍ରାଥମିକ ଚିକିତ୍ସା କରାଯିବା ଫଳରେ ଦୁଇ ସାଙ୍ଗଙ୍କ ଅବସ୍ଥା ସୁଧୁରିବାରୁ ସେ ଘରକୁ ଫେରି ଆସିଲେ। ବ୍ରହ୍ମାନନ୍ଦ ଦାଶଙ୍କ(କାହ୍ନା)ଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତୁରନ୍ତ କେନ୍ଦ୍ରାପଡ଼ା ଜିଲ୍ଲା ଚିକିତ୍ସାଳୟକୁ ତା'ପରେ କଟକ ସ୍ଥାନାନ୍ତରିତ କରାଗଲା। ଯାହାଫଳରେ ବ୍ରହ୍ମାନନ୍ଦଙ୍କର ଚେତା ଫେରିଲାନି ତୁରନ୍ତ ଭୁବନେଶ୍ୱର ସମ୍ ହସପିଟାଲକୁ ଆମ୍ବୁଲାନ୍ସ ଯୋଗେ ସ୍ଥାନାନ୍ତରିତ କରାଗଲା। ଆଜକୁ ପାଂଚଦିନ ହେଲା ବ୍ରହ୍ମାନନ୍ଦ ଦାଶଙ୍କର ଚେତା ଫେରିନି ବର୍ତମାନ ଆୟୁସିୟୁରେ ଜୀବନ ମରଣ ସହ ଲଢୁଥିବା ବାପା ମାଆଙ୍କର ଏକମାତ୍ର ପୁତ୍ର ପାଇଁ ଅଧିକ ଚିକିତ୍ସା ଆବଶ୍ୟକ ପଡୁଛି ବୋଲି ଡାକ୍ତର କହିଛନ୍ତି ବହୁତ ଗୁଡ଼ିଏ ଟଙ୍କା ଦରକାର। କାହ୍ନାର ବାପା ହାଇଦ୍ରାବାଦରେ ଏକ ହଷ୍ଟେଲରେ ରୋଷେଇଆ ଭାବେ କାମ କରନ୍ତି। ଗରୀବ ପରିବାର ହୋଇଥିବାରୁ ଏତେଗୁଡ଼ିଏ ଟଙ୍କା କୋଉଠୁ କେମିତି ଆଣିବେ ବାପା ମାଆ ଚିନ୍ତାରେ ପୁଅର ଚିକିତ୍ସା ପାଇଁ ଓଡ଼ିଶାବାସୀଙ୍କୁ ବ୍ୟାକୁଳ ନିବେଦନ ସହ ଗଣମାଧ୍ୟମ ଜରିଆରେ ସାହାଯ୍ୟ ମାଗିଛନ୍ତି। ଯଦି ସହୃଦୟ ବଦାନ୍ୟ ବ୍ୟକ୍ତି ବିଶେଷଙ୍କ ସାହାଯ୍ୟ ମିଳିଲେ ତାଙ୍କ ପୁଅର ଉତମ ଚିକିତ୍ସା ହୋଇପାରନ୍ତା ବୋଲି କୋହଭରା କଣ୍ଠରେ କାହ୍ନାର ବାପା ମାଆ ଦୁଃଖ ପ୍ରକାଶ କରିଛନ୍ତି। ବାବୁରାମ ଦାଶଙ୍କ ବ୍ୟାଙ୍କ ଆକାଉଂଟ ନମ୍ବର-୯୦୫୨୮୭୭୬୮, ଆଇଏଫ୍.ଏସ୍.ସି କୋର୍ଡ଼ - ଆଇଡିଆଇବି ୦୦୦ଏନ୍୧୧୬, ମୋବାଇଲ ନମ୍ବର-୯୭୬୯୯୫୮୧୫୯ଏବଂ ତାଙ୍କ ସମ୍ପର୍କୀୟ ଦୀପକ କୁମାର ବେହେରାଙ୍କ ଫୋନ୍ ପେ - ୯୮୫୩୧୧୪୩୩୧ ମାଧ୍ୟମରେ ଯେତିକି ପାରୁଛନ୍ତି ସାହାଯ୍ୟ ପାଇଁ ସପରିବାର ଅନୁରୋଧ କରିଛନ୍ତି।

## କ୍ଷୀର ବ୍ୟବସାୟୀ ସାଜି ଗଞ୍ଜେଇ ଚାଲାଣ: ଧରିଲା ଅବକାରୀ ବିଭାଗ

ବଲାଙ୍ଗିର,୯/୦୮ (ନି.ପ୍ର): ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା କୁକୁରଖାଇ ଛକରେ ଅବକାରୀ ବିଭାଗର ଚଢ଼ାଉ । କ୍ଷୀର ଜାର ଭିତରେ ଗଞ୍ଜେଇ ଭର୍ତି କରି ଦୁଇଟି ବାଇକରେ ଚାଲାଣ କରୁଥିବା ବେଳେ ତିନି ଜଣଙ୍କୁ ଧରିଛି ତୁଷୁରା ଅବକାରୀ ବିଭାଗ । ଗିରଫ ଯୁବକମାନେ ଛତିଶଗଡ଼ର ବିଳାସପୁର ଅଂଚଳର ମୋହିତ ବୈଷ୍ଣବ, ସୁରଜ ମାହାନ ଓ ରାଜୁ ବଂଶଳ ବୋଲି ଜଣାପଡ଼ିଛି । ସେମାନେ ବୌଦ୍ଧ ଜିଲ୍ଲା ଦେଉଳି ଅଂଚଳରୁ ଗଞ୍ଜେଇ ଆଣି ଛତିଶଗଡ଼କୁ ଚାଲାଣ କରୁଥିବା ସୂଚନା ମିଳିଛି । ସେମାନଙ୍କ ଠାରୁ ୪୪ କେଜି ଗଞ୍ଜେଇ, ଦୁଇଟି ବାଇକ୍ ଓ ବିଭିନ୍ନ ରାଜ୍ୟର ଗାଡ଼ି ନମ୍ବର ପ୍ଲେଟ୍ ଜବତ ହୋଇଛି ।

# କୋରାପୁଟ ଜିଲ୍ଲାରେ ଗଢିଉଠୁଛି ମଦଭାଟି: ହଜିଯାଉଛି ଭାଗବତ ଟୁଙ୍ଗି

ଜୟପୁର,୯/୦୮ (ନି.ପ୍ର): କୋରାପୁଟ ଜିଲାର ପ୍ରତ୍ୟେକ ଗ୍ରାମରେ ଦେଶି ମଦ ଭାଟି ପ୍ରତିଦିନ ଗଢି ଉଠୁଛି । କୋରାପୁଟ ଜିଲାର ଜୟପୁର, କୁନ୍ଦୁରା, ବୈପାରିଗୁଡା, କୋଟପାଡ, ବୋରିଗୁମ୍ମା, ଲମତାପୁଟ, ନାରାୟଣରାଟଣା, ପଟାଙ୍ଗୀ, ନନ୍ଦପୁର ଭଳି ଉପାନ୍ତ ଅଂଚଳରେ ଦେଶି ମଦ ପ୍ରସ୍ତୁତ କରି ସହରକୁ ଚାଲାଣ କରାଯାଉଛି । ଜଗନ୍ନାଥ ଦାଶଙ୍କ ଭାଗବତ ଓଡ଼ିଶାର ପ୍ରତ୍ୟେକ ଘରେ ଘରେ ପରିଚିତ ରହିଥିଲା । ସଂଧ୍ୟାରେ ପ୍ରାୟ ଓଡ଼ିଆଣୀର ଘରେ ଭାଗବତ ଗୁଞ୍ଜରଣ ହେଉଥିଲା । ଘର କୋଣରୁ ସଂଧ୍ୟାରେ ଗୁଞ୍ଜରିତ ହେଉଥିଲା 'କହଇ ଜଗନ୍ନାଥ ଦାଶ, ଭାଷା ପ୍ରବଧ ଭାଗବତ । ଏହା ବ୍ୟତୀତ ଗ୍ରାମାଚଂଳର କର୍ମଠ କୃଷକ ହେଉ ବା ଧାର୍ମିକ ପରାୟଣ ବ୍ୟକ୍ତି ବିଶେଷ ସଂଧ୍ୟା ସମୟରେ ସେହି ସମୟରେ ଗାଁ ମାନଙ୍କରେ ରହିଥିବା ଭାଗବତ କୋଠିରେ ଜମା ହେଉଥିଲା । ମନୋରଞ୍ଜନ ହେଉ ବା ଆଧାତ୍ମିକ ହେଉ ସଂଧ୍ୟାରେ ଭାଗବତ ପାଠ ହେଉଥିଲା । ଏହା ଉପରେ ଆଲୋଚନା ମଧ୍ୟ ହେଇଥିଲା । ଏହାଦ୍ୱାରା ଗାଁରେ ଏକ ସକରାତ୍ମକ ଆଧାତ୍ମିକ ଭାବନା ଲୋକଙ୍କ ମଧ୍ୟରେ ଜାଗ୍ରତ ହେଉଥିଲା । ଯେଉଁଥି ପାଇଁ ଲୋକଙ୍କ ମଧ୍ୟରେ ଅସାମାଜିକ କାର୍ଯ୍ୟ କରିବାକୁ ଲୋକେ ପସନ୍ଦ କରୁନଥିଲେ । ଲୋକଙ୍କ ମଧ୍ୟରେ ଭାଗବତ ପଠନ ଯୋଗୁଁ ଏକତା, ଏକାଗ୍ରତା, ଭାତୃଭାବ ସୃଷ୍ଟି ହେଉଥିଲା । ଏଠାରେ ଗାଁର ଗୁରୁତ୍ୱପୂର୍ଣ୍ଣ ବିଷୟ ଆଲୋଚନା ହୋଇ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୁଡ଼ିକ ପାରିତ ହେଉଥିଲା । ସେତେବେଳେ ଗାଁ ମାନଙ୍କରେ ମଦ୍ୟପ ନଥିଲେ କହିଲେ ଚଳେ । ଭାଗବତ ପାଠ ସମୟରେ ମଦୁଆମାନେ ମଦ ପିଇଥିଲେ ମଧ୍ୟ ଭାଗବତ ଟୁଙ୍ଗୀ ପାଖ ମାଡୁ ନଥିଲେ । ସମୟ ବଦଳି ଯାଇଛି । ଏବେ ଗାଁ ମାନଙ୍କରେ ଥିବା ଭାଗବତ ଟୁଙ୍ଗୀର ଦେଖାନାହିଁ । ଟୁଙ୍ଗୀ ଗୁଡିକ ଧିରେ ଧିରେ ବ୍ଲକ, ପାଠାଗାର ସ୍ଥାନ ନେଇ ଯାଇଛି । ଏଠାରେ ଭୋଟ ଦେବା, ଗାଁରେ ମଦଭାଟି ହେବ, ଭୋଜିଭାତ ହେବ, କାହାକୁ ବିରୋଧ କରିବେ, କାହାର କ'ଣ କରାଯିବ ସେଠାରେ ଆଲୋଚନା ଶିବିର ପାଲଟି ଯାଇଛି । ଭାଗବତ ଟୁଙ୍ଗୀ ପ୍ରାୟ ଗାଁମାନଙ୍କରେ ବିଲୁପ୍ତ ପ୍ରାୟ ଅବସ୍ଥାକୁ ଚାଲି ଯାଇଥିବା ବେଳେ ଦେଶୀ ମଦଭାଟି ଗୁଡ଼ିକ ଏବେ ରାଜ କରୁଛି । ପ୍ରତ୍ୟେକ ଗାଁ ଭିତରେ, ଗାଁ ମୁଣ୍ଡରେ ଏକ ପାନ ଦୋକାନ ନାମକୁ ମାତ୍ର ରହିଥିବା ବେଳେ ସେଠାରେ ଦେଶୀ କୁଡିଆ, ଭାଟି ମଦ ବିକ୍ରି ଚାଲିଛି । ତା' ପାଖକୁ ଲାଗି ରହିଛି ଏକ ବଡ କାଠ ଗଣ୍ଡି ପୋତା ହୋଇବାର, ଯାହାକୁ ଦେଖିଲେ ଜଣାଯାଏ ଯେ ଏଠାରେ କୁକୁଡା ମାଂସ, ଚାଖନା ପୁଟାର ଏକ ଆଡ୍ଡା । ଖୁଣ୍ଟକୁ ଦେଖିଲେ ମଦୁଆ ଅନୁମାନ କରି ନିଏ ଯେ ଏହାର ଆଖପାଖରେ ନିଶ୍ଚୟ ମଦ ମିଳିବ । ଗୋଟିଏ ଗାଁରେ ଏକାଧିକ ମଦଭାଟି ଦେଖିବାକୁ ମିଳୁଛି । ବିକ୍ରେତାମାନେ ଗାଁର କୁଜି ଟାଉଟର ମାନଙ୍କୁ ହାତକରି ଗାଁର ମନ୍ଦିର ନିର୍ମାଣ, ବିଦ୍ୟାଳୟ ପରିଚାଳନା ପାଇଁ ଗାଁକୁ କିଛି ଟଙ୍କା ଦେବାକୁ ପ୍ରବର୍ତାଇ ଥାନ୍ତି । ଏହା ସହିତ ସେମାନଙ୍କୁ ନିୟମିତ ମଦ ଓ ମାଂସ ଦେଇଥାନ୍ତି । ବଦଳରେ ଗାଁ ମୁଖିଆ ବୋଲାଉଥିବା ଟାଉଟର, ଦ୍ରୋହୀମାନେ ମଦଭାଟି ଦେବାରେ ସହଯୋଗ କରିଥାନ୍ତି । ଏହାକୁ ସହଯୋଗ କରିଥାନ୍ତି ନିର୍ବାଚିତ ଜନପ୍ରତିନିଧି । ଗାଁରେ ଯଦି ମଦଭାଟି ହେବ ସେମାନେ ସେଠାରୁ ନିୟମିତ ଖାଇପିଇ ପାରିବେ । ତାଙ୍କର ବୋଲକରା ହେବେ । ଦରକାର ସମୟରେ ଅନିୟମିତତା, ଦୁର୍ନୀତି କାମରେ ତାଙ୍କର ବାହୁବଳୀ ହୋଇ ସହଯୋଗ କରିବେ । ଯାହା ଦ୍ୱାରା ଗ୍ରାମବାସୀ ହନ୍ତସନ୍ତ ହେଉଛନ୍ତି । ସମୟ ବଦଳି ଯାଇଛି । ମଦୁଆମାନଙ୍କୁ ଦେଖିଲେ ଗାଁର ସଭା ସମିତି, ଆଧାତ୍ମିକ ବୈଠକ ବନ୍ଦ କରି ଭୟରେ ସେ ସ୍ଥାନ ଛାଡି ଲୋକେ ଚାଲି ଯାଉଛନ୍ତି । ନିଶା ଯୋଗୁଁ ଲୋକଙ୍କ ପାଖରେ ମାନବିକତା ଗୁଣ କମି ଯାଇଛି । ଯାହାଦ୍ୱାରା ଚୋରି, ହତ୍ୟା, ଅପହରଣ, ଦୁଷ୍କର୍ମ ଭଳି ଅସାମାଜିକ କାର୍ଯ୍ୟ ବଢ଼ି ଚାଲିଛି । ଏହାକୁ ଦୃଷ୍ଟିରେ ରଖି ବିଜେଡି ସରକାର ଭାଗବତ ଟୁଙ୍ଗୀର ପୁନଃରୁଦ୍ଧାର ପାଇଁ ଚଷ୍ଟାକରି ଆସିଥିଲେ ମଧ୍ୟ ମଦକୁ ବନ୍ଦ ନକରିବାରୁ ଏହା ଫଳପ୍ରଦ ହୋଇପାରି ନଥିଲା । କାଳିଆ ଯୋଜନା, ପିଏମ କିଷାନ ଯୋଜନା ମଦୁଆଙ୍କୁ ସୁହାଇଲା ଭଳି ହୋଇଯାଇଥିଲା । ଏହି ଟଙ୍କା ପାଇଲା ଦିନ ବ୍ୟାଙ୍କ ଓ ଏଟିଏମ ଗୁଡ଼ିକରେ ପ୍ରବଳ ଭିଡ ଦେଖିବାକୁ ମିଳିଥିବା ବେଳେ ସଂଧ୍ୟାରେ ମଦଭାଟି ଗୁଡ଼ିକରେ ଅଧିକାଂଶ ଟଙ୍କା ଉଡି ଯାଉଥିଲା । ବର୍ତମାନ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ସୁଭଦ୍ରା ଯୋଜନା ଯେତିକି ଆବଶ୍ୟକ ନୁହେଁ, ଏମାନଙ୍କ ଉନ୍ନତି ପାଇଁ ମଦ ବନ୍ଦ ହେବା ଜରୁରୀ ବୋଲି ସଚେତନ ମହିଳା ପ୍ରକାଶ କରିଛନ୍ତି । ସୁଭଦ୍ରା ଯୋଜନା ଅପେକ୍ଷା ମଦଭାଟି ବନ୍ଦ ହେଲେ ମହିଳାମାନେ ସୁରକ୍ଷିତ ରହିପାରିବେ ବୋଲି ମତ ପ୍ରକାଶ ପାଇଛି । କୋରାପୁଟ ଜିଲାର ଜୟପୁର କୁନ୍ଦୁରା, ବୋରିଗୁମ୍ମାରେ ମହିଳାମାନେ ଗ୍ରାମରେ ମଦ ବନ୍ଦ କରିବା ପାଇଁ ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହୋଇଥିବା ଲକ୍ଷ୍ୟ କରାଯାଇଛି ।

# ସମ୍ବଲପୁରରେ 'ମାଟିର ମହକ' କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କଲେ ସାଂସଦ

## ପଦ୍ମ ପୁରସ୍କାରପ୍ରାପ୍ତ ପ୍ରତିଭାମାନେ ସମାଜ ପାଇଁ ପ୍ରେରଣା: ଧର୍ମେନ୍ଦ୍ର ପ୍ରଧାନ




ସମ୍ବଲପୁର,୯/୦୮ (ନି.ପ୍ର): ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ରଙ୍ଗବତୀ ମଞ୍ଚରେ ଆୟୋଜିତ 'ମାଟିର ମହକ' କାର୍ଯ୍ୟକ୍ରମରେ ଯୋଗଦେଇ ପଶ୍ଚିମ ଓଡ଼ିଶାର ପଦ୍ମ ସମ୍ମାନିତ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କ ସହ ଆଲୋଚନା କରିଛନ୍ତି ସମ୍ବଲପୁର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଏହି କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ, ଏହି ମାଟିରେ ଜନ୍ମ ନେଇ ନିଜର ସାଧନା ଓ ପ୍ରତିଭା ବଳରେ ନୂତନ ପରିଚୟ ସୃଷ୍ଟି କରି ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଥିବା ବ୍ୟକ୍ତିବିଶେଷମାନେ ସମାଜ ପାଇଁ ଗୋଟିଏ ଗୋଟିଏ ଜୀବନ୍ତ ଉଦାହରଣ । ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଶାସନକାଳରେ ପଦ୍ମ ସମ୍ମାନ ଏବେ 'Peoples Award'ରେ ପରିଣତ ହୋଇଛି। ପୂର୍ବରୁ ପଦ୍ମ ପୁରସ୍କାର ପାଇବା ପାଇଁ ଦିଲ୍ଲୀର ଆଭିଜାତ୍ୟପୂର୍ଣ୍ଣ ସ୍ଥାନରେ ପହଞ୍ଚିବାକୁ ପଡୁଥିଲା, କିନ୍ତୁ ଆଜି ମୋଦୀ ସରକାର ଗାଁ ଗହଳିରେ ଲୋକକଳା, ସାହିତ୍ୟ, କୃଷି, ଶିକ୍ଷା ଓ ସମାଜସେବାରେ ନିଜକୁ ସମର୍ପି ଦେଇଥିବା ପ୍ରକୃତ ସାଧକମାନଙ୍କୁ ଖୋଜି ବାହାର କରି ସମ୍ମାନିତ କରୁଛନ୍ତି ।

ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଓଡ଼ିଆ ଜାତି ଓ ସାହିତ୍ୟକୁ ଅତୁଳନୀୟ ଅବଦାନ ସମ୍ପର୍କରେ ଆଲୋଚନା କରି ଶ୍ରୀ ପ୍ରଧାନ ନିଜର କୋରାପୁଟର କୋଟିଆ ଗସ୍ତ ଅନୁଭୂତି ବ୍ୟକ୍ତ କରିଥିଲେ । ସେ କହିଥିଲେ ଯେ, କୋଟିଆ ଗସ୍ତ ସମୟରେ ମାତୃଭାଷାରେ ଶିକ୍ଷା ପ୍ରଦାନର ଗୁରୁତ୍ୱ ଓ ଆବଶ୍ୟକତା କେତେ ଅଧିକ, ତାହା ଅନୁଭୂତ ହୋଇଥିଲା। ନିଜ ଭାଷା, ସଂସ୍କୃତି ଓ ପରମ୍ପରାକୁ ସମ୍ମାନ ଦେବା ଏବଂ ଗୌରବମୟ ଇତିହାସକୁ ଜାଣିବା ଆଜିର ସମୟର ସବୁଠାରୁ ବଡ଼ ଦାୟିତ୍ୱ ।

ଶ୍ରୀ ପ୍ରଧାନ ଯୁବପିଢ଼ିଙ୍କୁ ଆହ୍ୱାନ ଦେଇ କହିଛନ୍ତି ଯେ, ଆଜିର ଯୁବସମାଜ ଆମ ଇତିହାସର ବୀର ସୁରେନ୍ଦ୍ର ସାଏ, କୁଦୋପାଲିର ସଂଗ୍ରାମ, ବକ୍ସି ଜଗବନ୍ଧୁ, ପିଣ୍ଡିକି ବାହୁବଳେନ୍ଦ୍ରଙ୍କ ପରି ଅନାଲୋଚିତ ସଂଗ୍ରାମୀଙ୍କ ବୀରତ୍ୱଗାଥା ଏବଂ ପଦ୍ମ ବିଜେତାଙ୍କ ସାଧନାକୁ ଅନୁଧ୍ୟାନ କରିବା ଆବଶ୍ୟକ। ତେବେ ଯାଇ 'ବିକଶିତ ଓଡ଼ିଶା' ଓ 'ବିକଶିତ ଭାରତ'ର ମାର୍ଗ ପ୍ରଶସ୍ତ ହେବ।

ଏହି ସାଂସ୍କୃତିକ ଆକାଂକ୍ଷାକୁ ସାକାର କରିବା ପାଇଁ ସମ୍ବଲପୁରଠାରେ ମହାନ ସଂସ୍କୃତ ନାଟ୍ୟକାର ମୁରାରି ମିଶ୍ରଙ୍କ ନାମରେ ଏକ କଳା ମହାବିଦ୍ୟାଳୟ ବା ଆର୍ଟ କଲେଜ ସ୍ଥାପନ ନିମନ୍ତେ ସମସ୍ତଙ୍କର ମିଳିତ ଉଦ୍ୟମ ଆବଶ୍ୟକ ବୋଲି ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି। ଏହି ପ୍ରସ୍ତାବିତ ଅନୁଷ୍ଠାନ ଭବିଷ୍ୟତରେ ନୃତ୍ୟକଳା, ସାହିତ୍ୟ, ପରଫର୍ମିଙ୍ଗ ଆର୍ଟ ସହ ଆଧୁନିକ ଡିଜିଟାଲ ଆର୍ଟ ଓ ଆନୁଷଙ୍ଗିକ କଳା ଶିକ୍ଷାର ଏକ ପ୍ରମୁଖ କେନ୍ଦ୍ର ଭାବେ ଆତ୍ମପ୍ରକାଶ କରିବ ବୋଲି ସେ ଦୃଢ଼ ବିଶ୍ୱାସ ବ୍ୟକ୍ତ କରିଛନ୍ତି । ଏହି ଗୌରବମୟ ଅବସରରେ ଶ୍ରୀ ପ୍ରଧାନ ପଶ୍ଚିମ ଓଡ଼ିଶାର ପଦ୍ମ ପୁରସ୍କାର ପ୍ରାପ୍ତ ପ୍ରତିଭା ଭାଗବତ ପଧାନ, ଶ୍ରୀନିବାସ ଉଦଗାତା, ପଟ୍ଟାୟତ ସାହୁ, ହଳଧର ନାଗ, ଜିତେନ୍ଦ୍ର ହରିପାଲ, ମିତ୍ରଭାନୁ ଗୌନ୍ତିଆ, କୈଳାଶ ଚନ୍ଦ୍ର ମେହେର ଏବଂ ମହେନ୍ଦ୍ର କୁମାର ମିଶ୍ରଙ୍କୁ ସମ୍ମାନିତ କରିବା ସହ ସେମାନଙ୍କ ଶ୍ରେଷ୍ଠ ଯୋଗଦାନ ପାଇଁ ଶୁଭେଚ୍ଛା ଜଣାଇଥିଲେ।

# ଇଫକୋ ଡିଏଭି ବିଦ୍ୟାଳୟରେ ନବ ନିର୍ବାଚିତ ଛାତ୍ର ସଂସଦ ସଦସ୍ୟଙ୍କ ଶପଥ ଗ୍ରହଣ ଉତ୍ସବ



ପାରାଦ୍ୱୀପ,୭/୦୮ (ନି.ପ୍ର): ଇଫକୋ ଡି.ଏ.ଭି ବିଦ୍ୟାଳୟ ପ୍ରାଙ୍ଗଣରେ ନବ ନିର୍ବାଚିତ ଛାତ୍ର ସଂସଦ ସଦସ୍ୟଙ୍କ ଶପଥ ଗ୍ରହଣ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷ ସଂବିତ ସୁକୁମାର ଚିନରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଇଫକୋ ପାରାଦ୍ୱୀପ ଅନୁଷ୍ଠାନର ପ୍ରଥମ ମହିଳା ଶ୍ରୀମତୀ ଏକତା ସିଂହ ଓ ସମ୍ମାନନୀୟ ଅତିଥି ଭାବରେ ଓଡିଶା ପ୍ରଶାସନିକ ସେବାର ରାଜ୍ୟ ଅର୍ଥ ସେବା କ୍ୟାଡର ସୁଶ୍ରୀ ସିଲଭା ଚୌଧୁରୀ, ଡି.ଏ.ଭି ବିଦ୍ୟାଳୟ ପି.ପି.ଟିର ଅଧ୍ୟକ୍ଷା ଶ୍ରୀମତୀ ଗୀତାଞ୍ଜଳି ହୋତା ଓ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦାନ କରିଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ସଂବିତ ସୁକୁମାର ଚିନରା ସ୍ୱାଗତ ସମ୍ଭାଷଣ ଦେବା ଅବସରରେ ବିଦ୍ୟାଳୟ ସ୍ତରରେ ଛାତ୍ର ସଂସଦ ଗଠନର ମୂଳ ଲକ୍ଷ୍ୟ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଛାତ୍ର ସଂସଦର ସଂଯୋଜିକା ଶ୍ରୀମତୀ ମାନସୀ ସାହୁ ବିଦ୍ୟାଳୟର ଛାତ୍ର ସାଂସଦର ନିର୍ବାଚନ ପ୍ରଣାଳୀ,କାର୍ଯ୍ୟ, ନାମ ଓ ଏହାର ମହତ୍ତ୍ୱ ଉପରେ ସଭାରେ ନିଜର ଅଭିଭାଷଣ ପ୍ରଦାନ କରିଥିଲେ । ଛାତ୍ର ସାଂସଦର ଦାୟିତ୍ୱ ବଦଳ କାର୍ଯ୍ୟକ୍ରମ ଅତ୍ୟନ୍ତ ଆକର୍ଷଣୀୟ ଓ ଶୃଙ୍ଖଳିତ ଭାବରେ ଶେଷ ହୋଇଥିଲା ।ସମ୍ମାନନୀୟ ଅତିଥି ସୁଶ୍ରୀ ସିଲଭା ଚୌଧୁରୀ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରି ସମସ୍ତଙ୍କ ମଧ୍ୟରେ ନେତୃତ୍ୱ ନେବାର ଗୁଣ ରହିଛି ଓ ଦାୟିତ୍ୱବୋଧ ତାହାକୁ ପରିବର୍ଷିତ କରିଥାଏ ବୋଲି ମତ ଦେଇଥିଲେ । ଇଫକୋ ପାରାଦ୍ୱୀପ ଅନୁଷ୍ଠାନର ପ୍ରଥମ ମହିଳା ଶ୍ରୀମତୀ ଏକତା ସିଂହ ସମସ୍ତ ସଭାକୁ ସମ୍ବୋଧନ କରିବା ଅବସରରେ ଅନୁଷ୍ଠାନର ଅନେକ ବୀର ଶହୀଦ ଓ ସ୍ୱାଧୀନତା ସଂଗ୍ରାମୀଙ୍କୁ ସ୍ମରଣ କରିବା ସହ ତାଙ୍କ ଆଦର୍ଶ ଓ ସରଳ ଜୀବନ ଶୈଳୀ ଆମ ସମସ୍ତଙ୍କ ପାଇଁ ଅନୁକରଣୀୟ ବୋଲି କହିଥିଲେ। ବିଦ୍ୟାଳୟର ପୂର୍ବତନ ଛାତ୍ରୀ ପ୍ରତିନିଧି ସୁଶ୍ରୀ ଆକାଂକ୍ଷା ମହାନ୍ତି ନିଜ ଅନୁଭବ ବର୍ଣନା କରିବା ସହ ନବ ନିର୍ବାଚତା ଛାତ୍ରୀ ପ୍ରତିନିଧ ସୁଶ୍ରୀ ସ୍ୱୟଂସ୍ମିତା ନାୟକଙ୍କୁ ଶୁଭେଚ୍ଛା ପ୍ରଦାନ କରିଥିଲେ । ନବ ନିର୍ବାଚତା ଛାତ୍ରୀ ପ୍ରତିନିଧି ସୁଶ୍ରୀ ସ୍ୱୟଂସ୍ମିତା ନାୟକ ନିଜ ଅଭିଭାଷଣ ମାଧ୍ୟମରେ ନିଜ ଲକ୍ଷ୍ୟ ଓ ଏକତା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ ଓ ମାତୃଭୂମିର ସୁରକ୍ଷା ଆଜିର ଯୁବଗୋଷ୍ଠୀର ଜୀବନ ବ୍ରତ ହେବା ଉଚିତ ବୋଲି ମତ ପ୍ରକାଶ କରିଥିଲେ । ଏହି ଅବସରରେ ବିଦ୍ୟାଳୟ ତରଫରୁ ଅନେକ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରଯାଇଥିଲା ପ୍ରକାଶଯୋଗ୍ୟ ଯେ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଇଫକୋ ପାରାହୀପ ଅନୁଷ୍ଠାନର ପ୍ରଥମ ମହିଳା ଶ୍ରୀମତୀ ଏକତା ସିଂହ ଓ ସମ୍ମାନନୀୟ ଅତିଥି ଭାବରେ ଓଡିଶା ପ୍ରଶାସନିକ ସେବାର ରାଜ୍ୟ ଅର୍ଥ ସେବା କ୍ୟାଡର ସୁଶ୍ରୀ ସିଲଭା ଚୌଧୁରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ଶାନ୍ତ ସୁନ୍ଦର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମର ସଫଳତାରେ ଓଡିଶା ଜୋନ୍ ଡିଏଭି ସମୂହର ନିର୍ଦ୍ଦେଶକ ଡକ୍ଟର କେଶବ ଚନ୍ଦ୍ର ଶତପଥୀ ଏବଂ ନିର୍ବାହିକା ଡକ୍ଟର ସୁଜାତା ସାହୁ ଓ ଜୋନ - ଏଫ ର ଆଞ୍ଚଳିକ ଅଧିକାରୀ ବିପିନ କୁମାର ସାହୁ ସାମଗ୍ରୀକ ଭାବରେ ଡି.ଏ.ଭି. ବିଦ୍ୟାଳୟର ଅଧ୍ୟକ୍ଷ ସଂବିତ ସୁକୁମାର ଚିନରା ଓ ଡିଏଭି ଇଫକୋ ପରିବାର ଓ ଛାତ୍ରଛାତ୍ରୀ ମାନଙ୍କୁ ଭୂରି ଭୂରି ପ୍ରଶଂସା କରିଥିଲେ ଓ ଶୁଭେଚ୍ଛା ଜଣାଇଥିଲେ ।




ବର୍ତ୍ତମାନ ସମୟରେ ପ୍ରତିଟି ଘରର ବଡ଼ ଟେନସନ୍ ହେଉଛି ଡାଇବେଟିସ୍ ରୋଗ । ପୂର୍ବରୁ କେବଳ ବୟସ୍କ ବ୍ୟକ୍ତିବିଶେଷଙ୍କୁ ଏହି ରୋଗ ହେଉଥିବା ବେଳେ ବର୍ତ୍ତମାନ କମ୍ ବୟସ୍କ ପିଲା ମଧ୍ୟ ଡାଇବେଟିସର ଶିକାର ହେଉଛନ୍ତି । ଡାଇବେଟିସ୍ ହେଲେ ଆମେ ସଙ୍ଗେ ସଙ୍ଗେ ଭାବୁ ଯେ ଅଧିକ ମିଠା ଖାଇବା ଦ୍ୱାରା ଶରୀରରେ ସୁଗରର ସ୍ତର ବଢ଼ିଥାଏ । କିନ୍ତୁ ଏହା କେବଳ ଏକ ଭ୍ରାନ୍ତ ଧାରଣା ମାତ୍ର । ପାଠକବନ୍ଧୁ ହଁ , ଅଧିକ ମିଠା ଖାଇବା ଦ୍ୱାରା ଡାଇବେଟିସର ଆଶଙ୍କା ବଢ଼େ ନାହିଁ ବରଂ ଶରୀରରେ ଇନସୁଲିନ୍ ପ୍ରତିରୋଧ ହେଲେ ବଢ଼ିଥାଏ । ଇନସୁଲିନ ଏକ ହର୍ମୋନ, ଯାହା କୋଷଗୁଡ଼ିକୁ ଗ୍ଲୁକୋଜ ପହଞ୍ଚାଇଥାଏ । କିନ୍ତୁ ଡାଇବେଟିସ ରୋଗ ହେଲେ ଶରୀର ଇନସୁଲିନ ପ୍ରତି ପ୍ରତିକ୍ରିୟା କରେ ନାହିଁ କିମ୍ବା ଇନସୁଲିନ ଉତ୍ପାଦନ କରେ ନାହିଁ । ଯେଉଁଥିରୁ ଏହା ସ୍ପଷ୍ଟ ହୋଇଯାଏ ଯେ ଡାଇବେଟିସ ସେହି ଲୋକଙ୍କୁ ମଧ୍ୟ ହୋଇପାରେ, ଯେଉଁମାନେ ମିଠା ଖାଇବାକୁ ପସନ୍ଦ କରନ୍ତି ନାହିଁ କିମ୍ବା କମ୍ ମିଠା ଖାଆନ୍ତି । ଏଭଳି ପରିସ୍ଥିତିରେ ଆପଣଙ୍କ ମନରେ ପ୍ରଶ୍ନ ଆସୁଥିବ ଯେ ତେବେ ଲୋକମାନଙ୍କୁ ଡାଇବେଟିସର ଅଭିଯୋଗ କାହିଁକି ଆସେ ? ଆପଣଙ୍କୁ ଏଠାରେ କହିରଖୁଛୁ ଯେ ଡାଇବେଟିସର ସମସ୍ୟା ସେହି ଲୋକମାନଙ୍କଠାରେ ମଧ ଦେଖିବାକୁ ମିଳେ ଯେଉଁମାନେ ସୁସ୍ଥ ଜୀବନଶୈଳୀ ଏବଂ ଡାଏଟକୁ ପାଳନ କରନ୍ତି ନାହିଁ । ଲୋକେ ଜାଣିକରି ହେଉ କିମ୍ବା ଅଜାଣତରେ ଏପରି ଜିନିଷର ସେବନ କରିନିଅନ୍ତି ଯାହା ସ୍ୱାଦରେ ମିଠା ନହେଲେ ମଧ ସେଥିରେ ସୁଗରର ମାତ୍ରା ଅଧିକ ଥାଏ । ଯେଉଁ କାରଣରୁ ଶରୀରରେ ସୁଗରର ସ୍ତର ବଢ଼ିପାରେ । ତେବେ ଆସନ୍ତୁ ଜାଣିବା ଚିନି ବ୍ୟତୀତ ଶରୀରରେ ସୁଗର ସ୍ତର ବଢ଼ାଉଥିବା ଏପରି କିଛି ଦ୍ରବ୍ୟ ବିଷୟରେ ।

**ଭାତ :**
ଡାଇବେଟିସ୍ ରୋଗୀଙ୍କୁ ଡାକ୍ତର ପ୍ରଥମେ ଭାତ ଖାଇବା ପାଇଁ ମନା କରନ୍ତି । ଯଦି ଆପଣ ଭାତ ପ୍ରେମୀ ଅଟନ୍ତି ଏବଂ ଦିନରାତି ଅଧିକ ପରିମାଣରେ ଭାତର ସେବନ କରନ୍ତି, ତେବେ ଆପଣଙ୍କୁ ଡାଇବେଟିସ ହୋଇପାରେ । ଏପରି ହେବାର କାରଣ ହେଉଛି ଭାତରେ କାର୍ବୋହାଇଡ୍ରେଟର ମାତ୍ରା ଏବଂ ଗ୍ଲାଇସେମିକ ଇଣ୍ଡେକ୍ସ ଅଧିକ ରହିଥାଏ । ଯାହା ରକ୍ତରେ ସୁଗର ସ୍ତରକୁ ହଠାତ୍ ବଢ଼ାଇପାରେ ।

**ମଇଦା :**
ସନ୍ଧ୍ୟା ଚା’ ସହିତ ଅଧିକାଂଶ ଭାରତୀୟ ଘରେ ମଇଦାରେ ତିଆରି ସ୍ନାକ୍ସ ଆଇଟମ ପରସା ଯାଇଥାଏ । କିନ୍ତୁ ଏହି ଜିନିଷଗୁଡ଼ିକର ଗ୍ଲାଇସେମିକ ଇଣ୍ଡେକ୍ସ ଅଧିକ ହୋଇଥାଏ । ଏହା ବ୍ୟତୀତ ଏହି ଜିନିଷଗୁଡ଼ିକ ଶରୀରରେ କ୍ୟାଲୋରୀର ମାତ୍ରା ବଢ଼ାଇ ରକ୍ତରେ ସୁଗର ସ୍ତରକୁ ମଧ ଶୀଘ୍ର ବଢ଼ାଇପାରେ ।

**କମ୍ ପାଣି ପିଇବା :**
ଡାଇବେଟିସ ରୋଗୀଙ୍କୁ ପର୍ଯ୍ୟାପ୍ତ ମାତ୍ରାରେ ପାଣି ପିଇବା ଉଚିତ୍ । ଶରୀରରେ ପାଣିର ଅଭାବ ହେଲେ ରକ୍ତରେ ସୁଗରର ସ୍ତର ବଢ଼ିପାରେ । ଏଭଳି ପରିସ୍ଥିତିରେ ଦିନସାରା ଅତି କମରେ ତିନିରୁ ଚାରି ଲିଟର ପାଣି ପିଇବା ଦ୍ୱାରା କିଡନିକୁ ଅତିରିକ୍ତ ସୁଗର ବାହାର କରିବାରେ ସାହାଯ୍ୟ ମିଳିଥାଏ ।

**ଚିନି ଥିବା ଫଳ :**
ଅଙ୍ଗୁର, କମଳା,ତରଭୂଜ ଏବଂ ଆମ୍ବ ଭଳି ଫଳର ରସରେ ସୁଗରର ମାତ୍ରା ଭଲ ଥାଏ । ଯାହା ରକ୍ତରେ ସୁଗର ସ୍ତରକୁ ବଢ଼ାଇପାରେ । ଏହି ସବୁ ଫଳ ସୁଗର ସ୍ତରକୁ ବଢ଼ାଇପାରନ୍ତି । ଏଭଳି ପରିସ୍ଥିତିରେ ଡାକ୍ତରଙ୍କୁ ପଚାରି ଡାଏଟରେ ସଠିକ ଫଳ ସାମିଲ କରନ୍ତୁ ।

**ଆମ ଆଖିରୁ ଝରି ପଡୁଥିବା ଲୁହ କେବଳ ଆମର ଭାବନାକୁ ଦର୍ଶାଏ ନାହିଁ, ବରଂ ଏହା ପଛରେ ଲୁଚି ରହିଥିବା ବୈଜ୍ଞାନିକ ଏବଂ ଚିକିତ୍ସା ଗୁରୁତ୍ୱକୁ ମଧ ଦର୍ଶାଏ । ଲ୍ୟାବ ଟେଷ୍ଟ ଅନୁସାରେ, ଲୁହରେ ଏପରି ଅନେକ ଏନଜାଇମ, ପ୍ରୋଟିନ ଏବଂ ଜୈବ-ରାସାୟନିକ ପଦାର୍ଥ ଥାଏ । ଯାହା ଆମ ଶରୀର ପାଇଁ ଲାଭଦାୟକ ହୋଇପାରେ । ଏହା ଆପଣଙ୍କ ଶରୀର ଏବଂ ମନ ଉଭୟ ପାଇଁ ଲାଭଦାୟକ ହୋଇପାରେ । ସମ୍ପ୍ରତି, ଗବେଷଣାରୁ ଜଣାପଡିଛି ଯେ ଏବେ ଆପଣ ଆପଣଙ୍କ ଆଖିର ଲୁହ ସହିତ ଦୀର୍ଘ ଜୀବନ ବଞ୍ଚିପାରିବେ ଏବଂ ଏହା ଆପଣଙ୍କ ବୈବାହିକ ଜୀବନକୁ ମଧ ଖୁସି ରଖିବ ।**




**ଲୁହ ତିନି ପ୍ରକାରର**

ମୌଳିକ ଲୁହ : ଏହି ଲୁହ ଆଖିରେ ସୃଷ୍ଟି ହୁଏ ଏବଂ ଏହା ଆଖିକୁ ଆର୍ଦ୍ରତା, ପୁଷ୍ଟି ଏବଂ ସୁରକ୍ଷା ମଧ ପ୍ରଦାନ କରେ ।

ପ୍ରତିଫଳନ ବା ରିଫ୍ଲେକଶନ ଲୁହ : ଏହି ଲୁହ ଆଖିରେ କୌଣସି ଜିନିଷର ଧୂଆଁ ହେଲେ, ପିଆଜ କାଟିବା ସମୟରେ କିମ୍ବା କୌଣସି ଜ୍ୱଳନ ଯୋଗୁ ଆଖିରୁ ବାହାରେ । ଏହି ଲୁହ ଆପଣଙ୍କ ଶରୀରର ପ୍ରତିରକ୍ଷା ପ୍ରଣାଳୀ ବିଷୟରେ କହିଥାଏ ।

ଭାବପ୍ରବଣ ଲୁହ ବା ଇମୋଶନାଲ ଟିୟର୍ସ: ସମସ୍ତେ ଏହି ଲୁହ ବିଷୟରେ ଜାଣିଥିବେ । ଏହି ଲୁହ ଦୁଃଖ, କ୍ରୋଧ, ଖୁସି କିମ୍ବା ଚାପ ଯୋଗୁ ବାହାରେ । ଏହି ଲୁହ ଉପରେ ଗବେଷଣା ଆରମ୍ଭ ହୋଇଛି । ଏହି ଗବେଷଣାରେ, ଏହା ଦେଖାଯାଉଛି ଯେ ଏହି ଲୁହ ସାହାଯ୍ୟରେ ଆପଣଙ୍କ ଶରୀରର କେଉଁ ରୋଗର ଚିକିତ୍ସା କରାଯାଇପାରିବ ।

ଏହି ଲୁହରେ କ’ଣ ଅଛି : ଲୁହରେ ଜୀବାଣୁ ନଷ୍ଟ କରୁଥିବା ଏନଜାଇମ ଥାଏ । ଏହାକୁ ଆଣ୍ଟିବ୍ୟାକ୍ଟେରିଆଲ ଉତ୍ପାଦରେ ମଧ ବ୍ୟବହାର କରାଯାଏ । ଏହି ଲୁହର ଦ୍ୱିତୀୟ ଭାଗ ହେଉଛି ଲାକ୍ରିମାଲ ଗ୍ରନ୍ଥିରୁ ନିର୍ଗତ ପ୍ରୋଟିନ ଯାହା ଆଖିକୁ ଆର୍ଦ୍ର ରଖେ । ତୃତୀୟ ଭାଗ ହେଉଛି ହରମୋନ ବାୟୋକେମିକାଲ ଯାହା ଚାପ ସମୟରେ ବାହାରକୁ ଆସେ । ଏହି କାରଣରୁ କୁହାଯାଏ ଯେ ଭାବପ୍ରବଣ କାନ୍ଦିବା ଚାପକୁ ହ୍ରାସ କରେ । ଚତୁର୍ଥ ଭାଗ ହେଉଛି ଏନକେଫାଲିନ ଯାହା ଏକ ପ୍ରାକୃତିକ ଯନ୍ତ୍ରଣା ନିବାରକ ପରି କାମ କରେ । ଏହା ଶରୀରର ଯନ୍ତ୍ରଣାକୁ ହ୍ରାସ କରେ ।

ଗବେଷଣା କ’ଣ କହୁଛି : ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ହେଲ୍ଥ (ଘଓଐ) ଏବଂ ଆମେରିକୀୟ ସାଇକୋଲୋଜିକାଲ ଆସୋସିଏଶନ (ଇଚଇ) ର ରିପୋର୍ଟ ଅନୁସାରେ, ଭାବପ୍ରବଣ କାନ୍ଦିବା ସମୟରେ ଶରୀରରେ ଜମା ହୋଇଥିବା ହରମୋନ ଭାବପ୍ରବଣ କାନ୍ଦିବା ସମୟରେ ବାହାରକୁ ଆସେ । ଯାହା ଦ୍ୱାରା କାନ୍ଦିବା ଶରୀରକୁ ଡିଟକ୍ସିଫାଇ କରେ ଏବଂ ଆପଣଙ୍କୁ ହାଲୁକା ଅନୁଭବ କରାଏ । କାନ୍ଦିବା ପରେ, ଶରୀରରେ ଅକ୍ସିଟୋସିନ ଏବଂ ଏଣ୍ଡୋର୍ଫିନ ବୃଦ୍ଧି ପାଏ, ଯାହା ମନୋଭାବକୁ ଉନ୍ନତ କରେ । ଆପଣଙ୍କୁ ଜଣାଇ ଦେଉଛୁ ଯେ ଲୁହକୁ ଏପର୍ଯ୍ୟନ୍ତ ଚିକିତ୍ସା ଉଦ୍ଦେଶ୍ୟରେ ବ୍ୟବହାର କରାଯାଇନାହିଁ । ତଥାପି, ଲାଇସୋଜାଇମକୁ ଲୁହ କିମ୍ବା ଲାଳରୁ ପୃଥକ କରି ତ୍ୱଚା କ୍ରିମ, ଆଖି ଡ୍ରପ କିମ୍ବା ସାନିଟାଇଜରରେ ମିଶାଯାଇପାରିବ । ଏହାର ଅର୍ଥ ହେଉଛି ଲୁହ କେବଳ ଆଖିକୁ ସୁରକ୍ଷା ଦିଏ ନାହିଁ ବରଂ ଚାପ କମାଇବା ଏବଂ ଜୀବାଣୁ ସହିତ ଲଢ଼ିବାରେ ମଧ ସାହାଯ୍ୟ କରେ ।

## ଜୀବନସାଥୀ କେମିତି ହେବା ଆବଶ୍ୟ : ଜାଣନ୍ତୁ କ’ଣ କୁହନ୍ତି ଚାଣକ୍ୟ

**ଆଚାର୍ଯ୍ୟ ଚାଣକ୍ୟ ନିଜର ନୀତି ମାଧ୍ୟମରେ ନନ୍ଦ ରାଜବଂଶକୁ ପରାସ୍ତ କରି ତାଙ୍କ ଶିଷ୍ୟ ଚନ୍ଦ୍ରଗୁପ୍ତ ମୋର୍ଯ୍ୟଙ୍କୁ ରାଜା କରିଥିଲେ । ସେବେଠାରୁ ତାଙ୍କର ନୀତି ଓ ଜ୍ଞାନକୁ ଲୋକେ ଜୀବନରେ ଗ୍ରହଣ କରି ଆସୁଛନ୍ତି । କାରଣ ଏହା ଜୀବନକୁ ସରଳ ଓ ସହଜ କରିଥାଏ ।**

ଆଜି ଆସନ୍ତୁ ଜାଣିବା ଚାଣକ୍ୟଙ୍କ ଅନୁଯାୟୀ ସ୍ତ୍ରୀ ଚୟନ ସମୟରେ କେଉଁ ବିଷୟ ଧ୍ୟାନ ରଖିବା ଉଚିତ :

୧-ଶାରୀରିକ ଗୁଣ : ଚାଣକ୍ୟ କୁହନ୍ତି, ଜୀବନସାଥୀ ବାଛିବାର ମାପ କେବେ ବି ଶାରୀରିକ ଆକର୍ଷଣ ହେବା ଉଚିତ ନୁହେଁ । ପ୍ରାୟତଃ ପୁଅମାନେ ମହିଳାଙ୍କ ସୌନ୍ଦର୍ଯ୍ୟକୁ ଦେଖନ୍ତି ଏବଂ ତାଙ୍କ ଗୁଣକୁ ଅଣଦେଖା କରନ୍ତି । ଯେଉଁମାନେ ଏଭଳି କରନ୍ତି ସେମାନେ ବୈବାହିକ ଜୀବନରେ ସର୍ବଦା ଦୁଃଖ ପାଆନ୍ତି ।

୨-ସମ୍ଭ୍ରାନ୍ତ ପରିବାରର ଝିଅଙ୍କୁ ବିବାହ କର : ଚାଣକ୍ୟ କୁହନ୍ତି ଜଣେ ବ୍ୟକ୍ତି ସମ୍ଭ୍ରାନ୍ତ ପରିବାରର ଝିଅକୁ ବିବାହ କରିବା ଉଚିତ । ତାଙ୍କର ରଙ୍ଗ କିଭଳି ଦେଖିବା ଉଚିତ ନୁହେଁ । ରଙ୍ଗ ସ୍ୱାଭାବିକ ହୋଇଥିଲେ ହେଁ ତାଙ୍କର ଗୁଣ କିଭଳି ତାହା ଦେଖିବା ଉଚିତ । ସେହିଭଳି ନିମ୍ନ ଜାତିର ଝିଅଙ୍କୁ ତାଙ୍କର ସୌନ୍ଦର୍ଯ୍ୟ ଦେଖି ବିବାହ କରିବା ଅନୁଚିତ । ଏପରି କରିବାକୁ ଭାବୁଥିଲେ ପ୍ରଥମେ ତାଙ୍କ ଗୁଣଗୁଡ଼ିକୁ ଭଲ ଭାବେ ପରୀକ୍ଷା କରିନିଅନ୍ତୁ ।

ଅଧିକାଂଶ ଲୋକଙ୍କ ପାଇଁ ଚକ୍ଷୁ ପରୀକ୍ଷାର ଅର୍ଥ ହେଉଛି ଏକ ଚାର୍ଟରୁ ଅକ୍ଷର ପଢ଼ି ଚଷମାର ପ୍ୱାର ଜାଣିବା । କିନ୍ତୁ ଆଧୁନିକ ଚକ୍ଷୁ ପରୀକ୍ଷା କେବଳ ଦୃଷ୍ଟିଦୋଷ ସଂଶୋଧନ ପାଇଁ ନୁହେଁ, ବରଂ ଲକ୍ଷଣ ଦେଖାଦେବା ପୂର୍ବରୁ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଚିହ୍ନଟ କରିବାର ଏକ ମାଧ୍ୟମ । ସେଥିପାଇଁ ଚକ୍ଷୁ ବିଶେଷଜ୍ଞମାନେ ନିୟମିତ ଚକ୍ଷୁ ପରୀକ୍ଷା ଉପରେ ଗୁରୁତ୍ୱାରୋପ କରନ୍ତି । ଚକ୍ଷୁଡୋଳା ଚାପ ଯାଞ୍ଚ, ରେଟିନା ମୂଲ୍ୟାଙ୍କନ ଭଳି ବ୍ୟାପକ ଚକ୍ଷୁ ପରୀକ୍ଷା ଦ୍ୱାରା ବିଶେଷ କ୍ଷତି ହେବା ପୂର୍ବରୁ ଚକ୍ଷୁରୋଗ ଚିହ୍ନଟ କରିହୁଏ । ଏଥି ସହିତ ନିୟମିତ ଚକ୍ଷୁପରୀକ୍ଷା ଦ୍ୱାରା ଉଚ୍ଚ ରକ୍ତଚାପ, ମଧୁମେହ ଓ ଉଚ୍ଚ କୋଲେଷ୍ଟ୍ରଲ୍ ବିଷୟରେ ମଧ ଜାଣିହେବ । ବିଭିନ୍ନ ବିପଜ୍ଜନକ ଦୃଷ୍ଟି ସମସ୍ୟା ସାଧାରଣତଃ ଶେଷ ପର୍ଯ୍ୟାୟରେ ପରିଲକ୍ଷିତ ହେଉଥିବାରୁ ଚିକିତ୍ସା ଜଟିଳ ହୋଇପଡ଼େ । ତେଣୁ ନିୟମିତ ଯାଞ୍ଚ ଦ୍ୱାରା ପ୍ରାରମ୍ଭିକ ଅବସ୍ଥାରେ ରୋଗ ଚିହ୍ନଟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପିଲାମାନଙ୍କ କ୍ଷେତ୍ରରେ ଚକ୍ଷୁପରୀକ୍ଷା ଦ୍ୱାରା ଆମ୍ବ୍ଲିଓପିଆ, ଷ୍ଟ୍ରାବିସମସ୍ କିମ୍ବା ପ୍ରତିସରଣ ତ୍ରୁଟି ଧରିହେବ । ସେହିପରି




ବୟସ୍କମାନଙ୍କ କ୍ଷେତ୍ରରେ ମୋତିଆବିନ୍ଦୁ ଚିହ୍ନଟ କରାଯାଇପାରିବ । ଶରୀରର ଅନ୍ୟ ଅଂଶରେ କ’ଣ ଘଟୁଛି ତାହା ମଧ ଆଖିରେ ଆଗୁଆ ପ୍ରତିଫଳିତ ହୋଇଥାଏ । ରକ୍ତବାହୀ ନଳୀ ବା ଅପ୍ଟିକ୍ ସ୍ନାୟୁରେ ପରିବର୍ତ୍ତନ ଲୁପସ୍, ବ୍ରେନ୍ ? ଟ୍ୟୁମର କିମ୍ବା ଅଟୋଇମ୍ୟୁନ୍ ରୋଗକୁ ସୂଚାଇପାରେ । ଶରୀରରେ ଅନ୍ୟତ୍ର ଉଚ୍ଚ ରକ୍ତଚାପ କିମ୍ବା ଉଚ୍ଚ କୋଲେଷ୍ଟ୍ରଲର ଲକ୍ଷଣ ପ୍ରକାଶିତ ହେବା ଆଗରୁ ଚକ୍ଷୁ ଡାକ୍ତରମାନେ ତାହା ଚିହ୍ନଟ କରିପାରନ୍ତି । ମୋଟାମୋଟି ଭାବେ ନିୟମିତ ଚକ୍ଷୁ ପରୀକ୍ଷା ଜୀବନ ରକ୍ଷାକାରୀ ମଧ ହୋଇପାରେ ।

## ସ୍ୱାସ୍ଥ୍ୟ ପାଇ ସଞ୍ଜିବନୀ : ସକାଳୁ ସକାଳୁ ଖାଲି ପାଦରେ ଘାସରେ ଚାଲିବା

ପିଲାବେଳେ ଆଇ,ଜେଜେମା ଖାଲି ପାଦରେ ଘାସ ଉପରେ ଚାଲିବାକୁ କହୁଥିଲେ । ଆଗରୁ ଲୋକମାନେ ମଧ ଖାଲି ପାଦରେ ଘାସ ଉପରେ ପ୍ରତିଦିନ ଚଲାବୁଲା କରୁଥିଲେ କିନ୍ତୁ ଆଧୁନିକ ଧାଁଦଉଡ଼ ଜୀବନରେ ଏହା ବହୁତ କମ୍ ଲୋକ ହିଁ କରିପାରୁଛନ୍ତି । କାହା ପାଖରେ ନିଜ ପାଇଁ ସମୟ ହିଁ ନାହିଁ । କିନ୍ତୁ ଯଦି ଆପଣ ବ୍ୟସ୍ତ ସମୟ ଭିତରୁ ସକାଳର କିଛି ସମୟ ବାହାର କରି ଖାଲି ପାଦରେ ଘାସ ଉପରେ ଚାଲିବେ ତେବେ ଏହାର ଅନେକ ଉପକାର ମିଳିବ । ଘାସ ଉପରେ ଖାଲି ପାଦରେ ଚାଲିବା ହେଉଛି ନେଚୁରୋପାଥିର ଏକ ଟେକ୍ନିକ୍ ଯାହା ମଣିଷକୁ ପ୍ରକୃତି ସହିତ ଯୋଡ଼ିଥାଏ । ଜର୍ଣ୍ଣାଲ୍ ଅଫ୍ ଇନଭାଇରନମେଣ୍ଟ ଆଣ୍ଡ ପବ୍ଲିକ୍ ହେଲ୍ଥର ଏକ ଷ୍ଟଡିରେ କୁହାଯାଇଛି ଯେ ଆଜିକାଲିର ଲୋକ ସବୁଠାରୁ ଖରାପ ସମୟରେ ରହୁଛନ୍ତି କାରଣ ସେମାନଙ୍କର ପରିବେଶ ଏବଂ ପୃଥିବୀ ସହିତ କୌଣସି ସମ୍ପର୍କ ରହୁନାହିଁ । ଷ୍ଟଡିରେ ଦାବି କରାଯାଇଥିଲା ଯେ ଯଦି ପୃଥିବୀର ଇଲେକ୍ଟ୍ରୋନ୍ ସହିତ ମଣିଷ ଯୋଡ଼ି ହୋଇଯାଏ ତେବେ ତା’ ଜୀବନରେ ଅନେକ ମନସ୍ତାତ୍ତ୍ୱିକ ପରିବର୍ତ୍ତନ ଆସିଥାଏ । ଏହା ସମସ୍ତଙ୍କ ପାଇଁ ଏକ ବରଦାନ ସଦୃଶ ।

☐ ଶାନ୍ତିପୂର୍ଣ୍ଣ ନିଦ୍ରା ଆସିବ : ଯଦି ଆପଣ ଖାଲି ପାଦରେ ଘାସ ଉପରେ ଚାଲନ୍ତି ତେବେ ରାତିରେ ଆପଣଙ୍କୁ ଶାନ୍ତିପୂର୍ଣ୍ଣ ନିଦ୍ରା ଆସିବ । ଘାସ ଉପରେ ଖାଲି ପାଦରେ ଚାଲିବା ଏକ ପ୍ରକାର ଶୋଇବା ବଟିକା ପରି କାମ କରିବ । ହେଲ୍ଥର ଏକ ଖବରରେ କୁହାଯାଇଛି ପ୍ରତିଦିନ ସକାଳେ ଅଧ ଘଣ୍ଟା ଖାଲି ପାଦରେ ଚାଲିଲେ ଶୋଇବା ଅଭ୍ୟାସରେ ସକାରାତ୍ମକ ପରିବର୍ତ୍ତନ ଆସିଥାଏ ।

☐ ଫୁଲା କମିଯିବ : ଯେତେବେଳେ ଆମ କୋଷିକାଗୁଡ଼ିକରେ ଫ୍ରି ରେଡିକଲ୍ସ ଭରି ହୋଇଯାଏ ସେତେବେଳେ ସେଥିରେ ଫୁଲା ହୋଇଥାଏ । କୋଷିକାଗୁଡ଼ିକରେ ଫୁଲା ହେବା ଅନେକ ରୋଗର କାରଣ ହୋଇଥାଏ । ଖାଲି ପାଦରେ ଘାସ ଉପରେ ଚାଲିବା ଦ୍ୱାରା ଶରୀରର ଅଙ୍ଗଗୁଡ଼ିକ ସକ୍ରିୟ ହୋଇଯାଆନ୍ତି ଏବଂ ଫୁଲାକୁ ଦୂର କରିଥା’ନ୍ତି । ବାହାରେ ଚାଲିବା ଦ୍ୱାରା ଶରୀରକୁ ସୂର୍ଯ୍ୟକିରଣ ମିଳିଥାଏ ଯାହାଦ୍ୱାରା ଭିଟାମିନ୍ ଡି ମିଳିଥାଏ ।

☐ ମାନସିକ ଶାନ୍ତି : ଅନେକ ଅଧ୍ୟୟନରେ କୁହାଯାଇଛି ଯେ ସକାଳୁ ଚାଲିବା ଦ୍ୱାରା ମାନସିକ



ଶାନ୍ତି ମିଳିଥାଏ । କିନ୍ତୁ ଯଦି ଆପଣ ଖାଲି ପାଦରେ ଚାଲନ୍ତି ତେବେ ଏହାର ଅନେକ ଫାଇଦା ରହିଛି ।

☐ ହୃଦରୋଗ ହେବାକୁ ଦେବ ନାହିଁ : ସକାଳେ ଘାସ ଉପରେ ଖାଲି ପାଦରେ ଚାଲିବାର ସବୁଠାରୁ ବଡ଼ ଫାଇଦା ହେଉଛି ଏହା ହୃଦସ୍ପନ୍ଦନ ଏବଂ ରକ୍ତଚାପକୁ ନିୟନ୍ତ୍ରଣ କରିଥାଏ ଯେଉଁ କାରଣରୁ ହୃଦରୋଗର ଆଶଙ୍କା ବହୁତ କମ୍ ହୋଇଯାଏ ।

☐ ଆଖି ପାଇଁ ସହାୟକ : ଖାଲି ପାଦରେ ଘାସ ଉପରେ ଚାଲିଲେ ଆଖିର ଶକ୍ତି ବଢ଼ିଥାଏ । ଘାସ ଉପରେ ଖାଲି ପାଦରେ ଚାଲିବା ଦ୍ୱାରା ପାଦର ଦ୍ୱିତୀୟ ଏବଂ ତୃତୀୟ ଗୋଇଠି ଉପରେ ସବୁଠାରୁ ଅଧିକ ଚାପ ପଡ଼ିଥାଏ । ଏହି ଗୋଇଠିଗୁଡ଼ିକର ସିଧା ସମ୍ପର୍କ ଆଖି ସହିତ ରହିଛି । ତେଣୁ ଖାଲି ପାଦରେ ଚାଲିବା ଆଖିର ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ ।

## ଖରାପ ଲାଗିଲେ ବି ସତ : ପୁରୁଷଙ୍କ ପାଖରେ ଅଛି ଏଭଳି...

ଆଚାର୍ଯ୍ୟ ଚାଣକ୍ୟ ତାଙ୍କ ନୀତିଶାସ୍ତ୍ରରେ ଅନେକ କିଛି ବର୍ଣ୍ଣନା କରିଛନ୍ତି । ସେ ପୁରୁଷଙ୍କୁ ନେଇ ବହୁତ କଥା କହିଛନ୍ତି । ପୁରୁଷମାନଙ୍କର କେତେକ କଠୋର ସତ ସେ କହିଛନ୍ତି । ତାହା ଖରାପ ଲାଗିଲେ ମଧ ସତ । ତେବେ ସବୁ ପୁରୁଷ ଏକାପରି ହୋଇ ନ ଥାନ୍ତି । ଚାଣକ କହିଛନ୍ତି, ଯେତେବେଳେ ଜଣେ ବ୍ୟକ୍ତି ନିଜର ଶକ୍ତି, ଯୁକ୍ତି କିମ୍ବା ସାମାଜିକ ପ୍ରାଧାନ୍ୟ ହରାଇଥାଏ ସେତେବେଳେ ସେ ଆକ୍ରମଣାତ୍ମକ ହୋଇଯାଏ । ଏହାର ପ୍ରଭାବ ମହିଳାଙ୍କ ଉପରେ ପଡ଼ିଥାଏ । ତେବେ ଏହା ପୁରଷଙ୍କର ଏକ ଦୁର୍ବଳତା ଯାହା ସେମାନଙ୍କର ପ୍ରକୃତ ସ୍ୱଭାବର ଅନ୍ୟମାନଙ୍କ ପାଖରେ ଧରାପଡ଼ିଯାଏ ।

ଅହଂକାର : ପୁରୁଷମାନେ ସମାଜରେ ନିଜକୁ ବହୁ ଦିନ ଧରି ଶ୍ରେଷ୍ଠ ମନେ କରିଆସୁଛନ୍ତି । ଯେତେବେଳେ ଜଣେ ମହିଳା ତାଙ୍କୁ ପଛରେ ପକାଇଦିଏ କିମ୍ବା ପରାସ୍ତ କରେ, ତାଙ୍କର ଅହଂକାର ଭାଙ୍ଗିଯାଏ । ଏହି ଅହଂକାରକୁ ରକ୍ଷା କରିବା ପାଇଁ, ସେ ତାଙ୍କ ବିରୋଧରେ ମିଥ୍ୟା ଅଭିଯୋଗ ଆଣି ମହିଳାଙ୍କୁ ଅପମାନିତ କରିବାକୁ ଚେଷ୍ଟା କରନ୍ତି ।

ପୁରୁଷ-ପ୍ରଧାନ : ସାମାଜିକ ଚିନ୍ତାଧାରା ଏପର୍ଯ୍ୟନ୍ତ ପୁରୁଷପ୍ରଧାନ । ଜଣେ ମହିଳାଙ୍କ ଚରିତ୍ରକୁ ପ୍ରଶ୍ନ କରିବା ସବୁଠାରୁ ସହଜ ଉପାୟ, କାରଣ ସମାଜ ଏହାକୁ ଶୀଘ୍ର ବିଶ୍ୱାସ କରେ ।

ଦୁର୍ବଳତା ଲୁଚାଇବା : ନିଜର ପରାଜୟକୁ ଗ୍ରହଣ କରିବା ପରିବର୍ତ୍ତେ, ଜଣେ ଅସଫଳ ପୁରୁଷ ମହିଳାଙ୍କ ପ୍ରତିଛବିକୁ ମଳିନ କରି ନିଜର ଦୁର୍ବଳତା ଲୁଚାଇବାକୁ ଚେଷ୍ଟା କରନ୍ତି ।

ଯଦିଓ ଏହା ଶତାବ୍ଦୀ ପୂର୍ବରୁ କୁହାଯାଇଥିଲା, ତଥାପି ଆଜି ମଧ ଏହା ସତ୍ୟ ମନେହୁଏ । କର୍ମକ୍ଷେତ୍ରରେ, ରାଜନୀତିରେ, କ୍ରୀଡ଼ାରେ କିମ୍ବା ପରିବାରରେ ମଧ, ଯେତେବେଳେ ମହିଳାମାନେ ପୁରୁଷମାନଙ୍କ ଅପେକ୍ଷା ଭଲ ପ୍ରଦର୍ଶନ କରନ୍ତି, ସେତେବେଳେ ସେମାନଙ୍କୁ ପ୍ରାୟତଃ ଦୋଷ ଦିଆଯାଏ ।

# ଅତୀତରୁ ଶିକ୍ଷା, ଭବିଷ୍ୟତର ଲକ୍ଷ୍ୟ: ସହରାଞ୍ଚଳ ସମବାୟ ବ୍ୟାଙ୍କର ପୁନରୁଦ୍ଧାର

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଦୀର୍ଘ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ପରେ ସହରାଞ୍ଚଳ ସମବାୟ ବ୍ୟାଙ୍କ (ୟୁସିବି) ଗୁଡ଼ିକୁ ନୂତନ ଲାଇସେନ୍ସ ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନେଇଛି, ଯାହା ଏହି କ୍ଷେତ୍ରକୁ ଏକ ନୂତନ ଜୀବନଦାନ ଦେଇଛି । ଅଗଷ୍ଟ ୨୦୨୬ ରେ ଆରବିଆଇ ଦ୍ୱାରା ଘୋଷିତ ଏହି ଅନ୍-ଟ୍ୟାପ୍ ଲାଇସେନ୍ସିଂ ବ୍ୟବସ୍ଥା ଏକ ଅତ୍ୟନ୍ତ ସ୍ୱାଗତଯୋଗ୍ୟ ତଥା ଯୁକ୍ତିଯୁକ୍ତ ପଦକ୍ଷେପ । ବିଶେଷ କରି ଯେତେବେଳେ ଦେଶରେ ଡିଜିଟାଲ୍ ଫାଇନାନ୍ସର ଦ୍ରୁତ ବିକାଶ ସତ୍ତ୍ୱେ ମାଇକ୍ରୋ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମଏସଏମଇ) ଗୁଡ଼ିକ ବ୍ୟାପକ ଋଣ ଅଭାବର ସମ୍ମୁଖୀନ ହେଉଛନ୍ତି, ସେତେବେଳେ ସମବାୟ ବ୍ୟାଙ୍କିଙ୍ଗ୍ କ୍ଷେତ୍ରର ପୁନରୁଦ୍ଧାର ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ଆହୁରି ସୁଦୃଢ଼ କରିବ । ସାମ୍ପ୍ରତିକ ଡେଲଏଟ୍ ଏବଂ ନୀତି ଆୟୋଗ ରିପୋର୍ଟ ଅନୁଯାୟୀ, ଭାରତରେ ମାତ୍ର ୧୪ ପ୍ରତିଶତ ଏମଏସଏମଇ ଆନୁଷ୍ଠାନିକ ଋଣ ପାଇବାରେ ସକ୍ଷମ ହେଉଥିବା ବେଳେ ପ୍ରାୟ ୨୫ ରୁ ୩୦ ଲକ୍ଷ କୋଟି ଟଙ୍କାର ଏକ ବିଶାଳ ଋଣ ବ୍ୟବଧାନ ରହିଛି । ଏପରିକି ଜିଡିପି ପ୍ରତି ଏହି କ୍ଷେତ୍ରର ଅବଦାନକୁ ହିସାବକୁ ନେଲେ ଏହି ବ୍ୟବଧାନ ୫୦ ଲକ୍ଷ କୋଟି ଟଙ୍କା ପର୍ଯ୍ୟନ୍ତ ହୋଇପାରେ ବୋଲି ଆକଳନ କରାଯାଇଛି । ଏହି ବିଶାଳ ଆର୍ଥିକ ଶୂନ୍ୟସ୍ଥାନକୁ ପୂରଣ କରିବା ପାଇଁ ୟୁସିବି ଗୁଡ଼ିକ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବେ, କାରଣ ସେମାନେ ପାରମ୍ପରିକ ଭାବରେ ସ୍ଥାନୀୟ ସମ୍ପ୍ରଦାୟ ଏବଂ ଔପଚାରିକ ବ୍ୟାଙ୍କିଙ୍ଗ୍ ମଧ୍ୟରେ ଏକ ସେତୁ ଭାବରେ କାର୍ଯ୍ୟ କରିଆସିଛନ୍ତି। ତେବେ ଅତୀତର ତିକ୍ତ ଅନୁଭୂତିକୁ ଦୃଷ୍ଟିରେ ରଖି ଆରବିଆଇ ଏଥର କେବଳ ସୁଶାସନ ଏବଂ ଆର୍ଥିକ ସ୍ଥିରତା ଉପରେ ଗୁରୁତ୍ୱାରୋପ କରିଛି, ଯାହାଦ୍ୱାରା ସିଷ୍ଟମିକ୍ ରିସ୍କ ବା ବ୍ୟବସ୍ଥାଗତ ବିପଦକୁ ଏଡ଼ାଇ ଦିଆଯାଇପାରିବ ଏବଂ ଦେଶର ଅର୍ଥନୀତିକୁ ସୁଦୃଢ଼ କରାଯାଇପାରିବ।

ସହରାଞ୍ଚଳ ସମବାୟ ବ୍ୟାଙ୍କଗୁଡ଼ିକର ଇତିହାସ ବେଶ୍ ପୁରୁଣା ଏବଂ ଏହା ସମ୍ପ୍ରଦାୟର ବିଶ୍ୱାସ ଉପରେ ପ୍ରତିଷ୍ଠିତ । ୧୯୦୪ ମସିହାର କୋଅପରେଟିଭ୍ କ୍ରେଡିଟ୍ ସୋସାଇଟିଜ୍ ଆକ୍ଟରୁ ଏହାର ଉତ୍ପତ୍ତି ହୋଇଥିଲା ଏବଂ ଅକ୍ଟୋବର ୧୯୦୪ ରେ ମାଡ୍ରାସ ପ୍ରଦେଶର କାଞ୍ଚିଭରମ୍ ଠାରେ ପ୍ରଥମ ସହରାଞ୍ଚଳ ସମବାୟ ଋଣ ସମିତି ପଞ୍ଜିକୃତ ହୋଇଥିଲା । ଆଧୁନିକ ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ଭଳି ଆର୍ଥିକ ଗଣତନ୍ତ୍ରର ଏକ ଉତ୍କୃଷ୍ଟ ଉଦାହରଣ ଭାବରେ ଏହି ବ୍ୟାଙ୍କଗୁଡ଼ିକୁ ପରିକଳ୍ପନା କରାଯାଇଥିଲା । ସଦସ୍ୟମାନଙ୍କଠାରୁ ସଞ୍ଚୟ ସଂଗ୍ରହ କରିବା ଏବଂ ମୁଖ୍ୟଧାରାର ବ୍ୟାଙ୍କଗୁଡ଼ିକ ଦ୍ୱାରା ଅଣଦେଖା କରାଯାଉଥିବା ଲୋକମାନଙ୍କୁ ସୁଲଭ ମୂଲ୍ୟରେ ଋଣ ପ୍ରଦାନ କରିବା ଏହାର ମୂଳ ଲକ୍ଷ୍ୟ ଥିଲା । ସ୍ୱାଧୀନତା ପରେ ଆଖପାଖର ବାଣିଜ୍ୟ, ଖୁଚୁରା ବ୍ୟବସାୟ, ଗୃହ ନିର୍ମାଣ, ଶିକ୍ଷା ଏବଂ କ୍ଷୁଦ୍ର ବ୍ୟବସାୟକୁ ଆର୍ଥିକ ସହାୟତା ଯୋଗାଇଦେବାରେ ୟୁସିବି ଗୁଡ଼ିକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କ ସହିତ ସିଧାସଳଖ ସମ୍ପର୍କ ଥିବାରୁ ସୂଚନା ଅସମାନତା ହ୍ରାସ ପାଉଥିଲା ଏବଂ ଋଣ ପ୍ରଦାନ ପ୍ରକ୍ରିୟା ସହଜ ହେଉଥିଲା । ଏହି ଆଭିମୁଖ୍ୟ ଯୋଗୁଁ ସମବାୟ ବ୍ୟାଙ୍କଗୁଡ଼ିକ ସାଧାରଣ ଲୋକଙ୍କର ଅତ୍ୟନ୍ତ ନିକଟତର ହୋଇପାରିଥିଲେ ଏବଂ ଏକ ସୁଦୃଢ଼ ଆର୍ଥିକ ଭିତ୍ତିଭୂମି ଗଠନ କରିବାରେ ସହାୟକ ହୋଇଥିଲେ । ଏହି ବ୍ୟାଙ୍କଗୁଡ଼ିକ ମାଧ୍ୟମରେ ସ୍ଥାନୀୟ ଅର୍ଥନୀତିର ବିକାଶ ସମ୍ଭବ ହୋଇପାରିଥିଲା ଏବଂ ଲୋକମାନଙ୍କ ମଧ୍ୟରେ ସଞ୍ଚୟ ମନୋଭାବ ବୃଦ୍ଧି ପାଇଥିଲା । ୧୯୯୦ ଦଶକର ପ୍ରାରମ୍ଭରେ ଦେଶରେ ପ୍ରାୟ ୧,୧୦୦ ସହରାଞ୍ଚଳ ସମବାୟ ବ୍ୟାଙ୍କ ଥିଲା ଏବଂ ସେଗୁଡ଼ିକ ସତର୍କତାର ସହିତ ଆଗକୁ ବଢ଼ୁଥିଲେ । କିନ୍ତୁ ଅର୍ଥନୈତିକ ଉଦାରୀକରଣ ପରେ, ମରାଠେ କମିଟିର ସୁପାରିଶ କ୍ରମେ ଆରବିଆଇ ଲାଇସେନ୍ସ ପ୍ରଦାନ କ୍ଷେତ୍ରରେ ଏକ ଉଦାର ଆଭିମୁଖ୍ୟ ଗ୍ରହଣ କରିଥିଲା । ଏହାର ଫଳସ୍ୱରୂପ ୟୁସିବି ଗୁଡ଼ିକର ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇଲା । ମାର୍ଚ୍ଚ ୩୧, ୨୦୦୩ ସୁଦ୍ଧା ଦେଶରେ ୟୁସିବି ସଂଖ୍ୟା ୨,୧୦୪ ରେ ପହଞ୍ଚିଥିଲା, ଯେଉଁଥିରୁ ୫୬ ଟି ଅନୁସୂଚିତ ବ୍ୟାଙ୍କ ଥିଲା । ଆଶ୍ଚର୍ଯ୍ୟର କଥା ହେଉଛି, ଏଥିମଧ୍ୟରୁ ପ୍ରାୟ ୭୯ ପ୍ରତିଶତ ବ୍ୟାଙ୍କ କେବଳ ପାଞ୍ଚୋଟି ରାଜ୍ୟ ଯଥା ଆନ୍ଧ୍ରପ୍ରଦେଶ, ଗୁଜରାଟ, କର୍ଣ୍ଣାଟକ, ମହାରାଷ୍ଟ୍ର ଏବଂ ତାମିଲନାଡୁରେ କେନ୍ଦ୍ରୀଭୂତ ହୋଇଥିଲା । କିନ୍ତୁ ଏହି ଦ୍ରୁତ ସମ୍ପ୍ରସାରଣ ସହିତ ସମବାୟ ବ୍ୟାଙ୍କିଙ୍ଗ୍ ଇକୋସିଷ୍ଟମରେ ଅନେକ ଗଠନମୂଳକ ଦୁର୍ବଳତା ମଧ୍ୟ ପ୍ରକାଶ ପାଇବାକୁ ଲାଗିଲା । ଦୁର୍ବଳ ଶାସନ ବ୍ୟବସ୍ଥା, ରାଜନୈତିକ ହସ୍ତକ୍ଷେପ, କେନ୍ଦ୍ରୀଭୂତ ଋଣ ପ୍ରଦାନ, ଦୁର୍ବଳ ପୁଞ୍ଜି ସଂରଚନା ଏବଂ ପ୍ରଯୁକ୍ତିବିଦ୍ୟାର ଅଭାବ ଆଦି କାରଣରୁ ଅନେକ ବ୍ୟାଙ୍କ ବିଫଳତାର ସମ୍ମୁଖୀନ ହେଲେ । ଏହି ସମସ୍ୟାଗୁଡ଼ିକର ସମାଧାନ କରିବା କଷ୍ଟକର ଥିଲା କାରଣ ଏହି ବ୍ୟାଙ୍କଗୁଡ଼ିକ ଉପରେ ଦ୍ୱୈତ ନିୟନ୍ତ୍ରଣ ବ୍ୟବସ୍ଥା ଲାଗୁ ହେଉଥିଲା। ବ୍ୟାଙ୍କିଙ୍ଗ୍ କାର୍ଯ୍ୟଗୁଡ଼ିକୁ ଆରବିଆଇ ତଦାରଖ କରୁଥିବା ବେଳେ ପରିଚାଳନା ଏବଂ ଶାସନ ବ୍ୟବସ୍ଥା ରାଜ୍ୟ ସମବାୟ ସମିତି ରେଜିଷ୍ଟ୍ରାରଙ୍କ ଅଧୀନରେ ରହୁଥିଲା । ଏହି ଦ୍ୱୈତ ନିୟନ୍ତ୍ରଣ ବ୍ୟବସ୍ଥା ଅନେକ ସମୟରେ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାକୁ ବିଳମ୍ବିତ କରୁଥିଲା ଏବଂ ଦୁର୍ନୀତି ପାଇଁ ବାଟ ଫିଟାଉଥିଲା ।

ଏହି ଦ୍ୱୈତ ନିୟନ୍ତ୍ରଣ ଏବଂ ଦୁର୍ବଳ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ବ୍ୟବସ୍ଥା ଯୋଗୁଁ ଶାସନଗତ ବିଫଳତା ଏକ ସାଧାରଣ ଘଟଣାରେ ପରିଣତ ହେଲା । ସମ୍ପର୍କୀୟମାନଙ୍କୁ ଋଣ ପ୍ରଦାନ, ଅପର୍ଯ୍ୟାପ୍ତ ବିପଦ ପରିଚାଳନା ଏବଂ ରାଜନୈତିକରଣ ହୋଇଥିବା ବୋର୍ଡ ନିର୍ବାଚନ ଯୋଗୁଁ ଅନୁଷ୍ଠାନଗୁଡ଼ିକ ଭୁଶୁଡ଼ି ପଡ଼ିଲା । କ୍ରୋନି କ୍ୟାପିଟାଲିଜମ୍ ବା ପୁଞ୍ଜିବାଦୀ ମାନଙ୍କ ସହ ଅସାଧୁ ମେଣ୍ଟର ଭାର ସହି ନପାରି ଅନେକ ବ୍ୟାଙ୍କ ବନ୍ଦ ହୋଇଗଲା । ଏହା ସହିତ ସମବାୟ ବୋର୍ଡର ଗଠନମୂଳକ ତ୍ରୁଟି ମଧ୍ୟ ଏକ ବଡ଼ ସମସ୍ୟା ଥିଲା । ସେୟାରହୋଲ୍ଡିଂ ନିର୍ବିଶେଷରେ ଜଣେ ସଦସ୍ୟ, ଗୋଟିଏ ଭୋଟ୍ ନୀତି ଯୋଗୁଁ ନୂତନ ପୁଞ୍ଜି ନିବେଶ ପାଇଁ କୌଣସି ପ୍ରୋତ୍ସାହନ ନଥିଲା । ଫଳରେ ୟୁସିବି ଗୁଡ଼ିକ ତୀବ୍ର ପୁଞ୍ଜି ସଙ୍କଟର ସମ୍ମୁଖୀନ ହେଲେ, ଯାହା ଜନସାଧାରଣଙ୍କ ବିଶ୍ୱାସକୁ ଭାଙ୍ଗିଦେଲା ଏବଂ ଜମାକାରୀମାନଙ୍କୁ ବିପଦରେ ପକାଇଦେଲା । ଏହି ପରିସ୍ଥିତିରେ ଲୋକମାନେ ନିଜର ଜମା ରାଶି ଫେରି ପାଇବା ପାଇଁ ବ୍ୟାଙ୍କ ସାମ୍ନାରେ ଲମ୍ବା ଧାଡ଼ିରେ ଠିଆ ହେବାର ଦୃଶ୍ୟ ସାଧାରଣ ହୋଇଯାଇଥିଲା । ବ୍ୟାଙ୍କ ପରିଚାଳକମାନଙ୍କର ମନମୁଖୀ କାର୍ଯ୍ୟ ଏବଂ ସ୍ୱାର୍ଥାନ୍ୱେଷୀ ନୀତି ଯୋଗୁଁ ସମବାୟ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ଉପରୁ ଲୋକଙ୍କର ଭରସା ତୁଟିଯାଇଥିଲା । ଯେଉଁ ବ୍ୟାଙ୍କଗୁଡ଼ିକ ଲୋକଙ୍କ ଆର୍ଥିକ ଉନ୍ନତି ପାଇଁ ଗଠନ କରାଯାଇଥିଲା, ସେଗୁଡ଼ିକ ଶେଷରେ ଲୋକଙ୍କ ଆର୍ଥିକ ବିପର୍ଯ୍ୟୟର କାରଣ ପାଲଟିଥିଲେ।

ଏହି ବିଫଳତାର ତାଲିକାରେ ଅନେକ ବଡ଼ ବଡ଼ ନାମ ସାମିଲ ଅଛି । ଉଦାହରଣ ସ୍ୱରୂପ, ମାଧବପୁରା ମର୍କାଣ୍ଟାଇଲ୍ କୋଅପରେଟିଭ୍ ବ୍ୟାଙ୍କ (ଏମଏମସିବି) ସେୟାର ବଜାର ଅପରେଟର କେତନ ପାରେଖଙ୍କ ସହ ଜଡ଼ିତ ସଂସ୍ଥାଗୁଡ଼ିକୁ ଅତ୍ୟଧିକ ଋଣ ଦେଇ ବିଫଳ ହୋଇଥିଲା । ସେହିପରି ପଞ୍ଜାବ ଆଣ୍ଡ ମହାରାଷ୍ଟ୍ର କୋଅପରେଟିଭ୍ (ପିଏମସି) ବ୍ୟାଙ୍କ ଜାଲ୍ ଆକାଉଣ୍ଟିଂ ପ୍ରାକ୍ଟିସ୍ ମାଧ୍ୟମରେ ଏଚଡିଆଇଏଲ୍ କୁ ଦିଆଯାଇଥିବା ବିପୁଳ ପରିମାଣର ଖରାପ ଋଣକୁ ଲୁଚାଇ ରଖିଥିଲା, ଯାହା ପରବର୍ତ୍ତୀ ସମୟରେ ଏକ ବଡ଼ ଦୁର୍ନୀତି ଭାବରେ ସାମ୍ନାକୁ ଆସିଲା । କେବଳ ଏତିକି ନୁହେଁ, ଆହୁରି ଅନେକ ବ୍ୟାଙ୍କ ମଧ୍ୟ ସମାନ ଦଶା ଭୋଗିଥିଲେ । କାପୋଲ୍ କୋଅପରେଟିଭ୍ ବ୍ୟାଙ୍କ ଉଚ୍ଚ ଅଣ-ନିଷ୍ପାଦନକାରୀ ସମ୍ପତ୍ତି (ଏନପିଏ), ଅପର୍ଯ୍ୟାପ୍ତ ପୁଞ୍ଜି ଏବଂ ଦୁର୍ବଳ ଶାସନ କାରଣରୁ ବିଫଳ ହୋଇଥିଲା। ସିକେପି କୋଅପରେଟିଭ୍ ବ୍ୟାଙ୍କର ନେଟ୍ ୱର୍ଥ ନକାରାତ୍ମକ ହୋଇଯାଇଥିଲା ଏବଂ ଋଣ ଆଦାୟର କୌଣସି ସମ୍ଭାବନା ନଥିଲା । ଲକ୍ଷ୍ନୌ ଅର୍ବାନ୍ କୋଅପରେଟିଭ୍ ବ୍ୟାଙ୍କ, ୟୁନାଇଟେଡ୍ କୋଅପରେଟିଭ୍ ବ୍ୟାଙ୍କ, ଦି ସିଟି କୋଅପରେଟିଭ୍ ବ୍ୟାଙ୍କ ଏବଂ ବନାରସ ମର୍କାଣ୍ଟାଇଲ୍ କୋଅପରେଟିଭ୍ ବ୍ୟାଙ୍କ ଭଳି ଅନେକ ଅନୁଷ୍ଠାନର ଲାଇସେନ୍ସ ଆରବିଆଇ ଦ୍ୱାରା ବାତିଲ କରାଯାଇଥିଲା। ଏହି ସବୁ ବ୍ୟାଙ୍କଗୁଡ଼ିକ ବ୍ୟାଙ୍କିଙ୍ଗ୍ ନିୟମାବଳୀ ପାଳନ କରିବାରେ ବିଫଳ ହୋଇଥିଲେ ଏବଂ ଜମାକାରୀଙ୍କ ସ୍ୱାର୍ଥ ରକ୍ଷା କରିପାରିନଥିଲେ । ଏହି ଶାସନଗତ ତ୍ରୁଟିଗୁଡ଼ିକ ସିଷ୍ଟମିକ୍ ରିସ୍କରେ ପରିଣତ ହେବା ପରେ, ୨୦୦୪ ମସିହାରୁ ଆରବିଆଇ ନୂତନ ଲାଇସେନ୍ସ ପ୍ରଦାନ ବନ୍ଦ କରିଦେଇଥିଲା। ଲାଇସେନ୍ସ ବାତିଲ, ମିଶ୍ରଣ ଏବଂ ଲିକ୍ୱିଡେସନ୍ କାରଣରୁ ୟୁସିବି ଗୁଡ଼ିକର ସଂଖ୍ୟା ହ୍ରାସ ପାଇ ପ୍ରାୟ ୧,୫୦୦ ରେ ପହଞ୍ଚିଲା । ଏକଦା ମୋଟ ବ୍ୟାଙ୍କିଙ୍ଗ୍ ଋଣରେ ୪ ପ୍ରତିଶତ ଅଂଶଧନ ରଖିଥିବା ଏହି କ୍ଷେତ୍ର ବର୍ତ୍ତମାନ ୨ ପ୍ରତିଶତରୁ କମ୍ ଅଂଶଧନରେ ସୀମିତ ହୋଇଯାଇଛି ।

ବର୍ତ୍ତମାନ ଭାରତର ବ୍ୟାଙ୍କିଙ୍ଗ୍ ଶିଳ୍ପ ଦ୍ରୁତ ଗତିରେ ପରିବର୍ତ୍ତିତ ହେଉଛି ଏବଂ ଏହା ମୁଖ୍ୟତଃ ବୃହତ୍ ପୁଞ୍ଜି ଆଧାର ଏବଂ ଉନ୍ନତ ବୈଷୟିକ ଭିତ୍ତିଭୂମି ଥିବା ବଡ଼ ବ୍ୟାବସାୟିକ ବ୍ୟାଙ୍କଗୁଡ଼ିକ ଉପରେ କେନ୍ଦ୍ରୀଭୂତ ହୋଇଛି । ତଥାପି, ଅଣସଂଗଠିତ କ୍ଷେତ୍ର ଏବଂ ଏମଏସଏମଇ ଗୁଡ଼ିକ ପାଇଁ ଆବଶ୍ୟକ ଋଣ ଯୋଗାଇଦେବାରେ ଏହି ବଡ଼ ବ୍ୟାଙ୍କଗୁଡ଼ିକ ସମ୍ପୂର୍ଣ୍ଣ ସଫଳ ହୋଇପାରିନାହାଁନ୍ତି । ତେଣୁ, ଏକ କଷ୍ଟଦାୟକ ସଂଶୋଧନ ପ୍ରକ୍ରିୟା ଦେଇ ଗତି କରିଥିବା ସମବାୟ ବ୍ୟାଙ୍କିଙ୍ଗ୍ କ୍ଷେତ୍ରକୁ ପୁନର୍ଜୀବିତ କରିବା ଏକ ଅତ୍ୟନ୍ତ ସମୟୋପଯୋଗୀ ପଦକ୍ଷେପ। ଏହି ପରିପ୍ରେକ୍ଷୀରେ, ଆରବିଆଇ ୨୦୨୨ ମସିହାରେ ୟୁସିବି ଗୁଡ଼ିକ ପାଇଁ ଏକ ଚାରି-ସ୍ତରୀୟ ନିୟନ୍ତ୍ରଣ ବ୍ୟବସ୍ଥା ଆଣିଥିଲା ଏବଂ ବର୍ତ୍ତମାନ ଅଗଷ୍ଟ ୨୦୨୬ ରେ ଅନ୍-ଟ୍ୟାପ୍ ଲାଇସେନ୍ସିଂ ଫ୍ରେମୱାର୍କ ଘୋଷଣା କରିଛି । ନୂତନ ନିୟମ ଅନୁଯାୟୀ, ପ୍ରବେଶ ମାନଦଣ୍ଡକୁ ଯଥେଷ୍ଟ କଠୋର କରାଯାଇଛି । ଗୋଟିଏ ନୂତନ ଲାଇସେନ୍ସ ପାଇବା ପାଇଁ ଆବେଦନକାରୀ ସଂସ୍ଥାର ସର୍ବନିମ୍ନ ପୁଞ୍ଜି ୩୦୦ କୋଟି ଟଙ୍କା ହେବା ଆବଶ୍ୟକ । ଏହା ସହିତ କ୍ୟାପିଟାଲ୍ ଆଡେକ୍ୱେସି ରେସିଓ (ସିଆରଏଆର) ଅତିକମରେ ୧୨ ପ୍ରତିଶତ ଏବଂ ନେଟ୍ ଏନପିଏ ଅନୁପାତ ୩ ପ୍ରତିଶତରୁ ଅଧିକ ନହେବା ଉଚିତ୍ । ଆବେଦନକାରୀମାନେ ଅତିକମରେ ୧୦ ବର୍ଷ ଧରି କାର୍ଯ୍ୟକ୍ଷମ ଥିବା ଆବଶ୍ୟକ ଏବଂ ସର୍ବନିମ୍ନ ୫ ବର୍ଷ ପାଇଁ ଏକ ସୁଦୃଢ଼ ଆର୍ଥିକ ଟ୍ରାକ୍ ରେକର୍ଡ ରହିବା ବାଧ୍ୟତାମୂଳକ କରାଯାଇଛି । ଏଥିରୁ ସ୍ପଷ୍ଟ ହେଉଛି ଯେ ଆରବିଆଇର ଉଦ୍ଦେଶ୍ୟ କେବଳ ୟୁସିବି ଗୁଡ଼ିକର ସଂଖ୍ୟା ବୃଦ୍ଧି କରିବା ନୁହେଁ, ବରଂ କମ୍ ସଂଖ୍ୟକ କିନ୍ତୁ ଅଧିକ ଶକ୍ତିଶାଳୀ ଏବଂ ସୁପରିଚାଳିତ ଅନୁଷ୍ଠାନ ପ୍ରତିଷ୍ଠା କରିବା । ଏହି କଠୋର ନିୟମାବଳୀ ନୂତନ ବ୍ୟାଙ୍କଗୁଡ଼ିକୁ ଆର୍ଥିକ ଦୃଷ୍ଟିରୁ ସୁଦୃଢ଼ କରିବା ସହିତ ଜମାକାରୀଙ୍କ ସ୍ୱାର୍ଥକୁ ମଧ୍ୟ ସୁରକ୍ଷିତ ରଖିବ ।

ବ୍ୟାଙ୍କିଙ୍ଗ୍ ନିୟନ୍ତ୍ରକଙ୍କ ଏହି ଆତ୍ମବିଶ୍ୱାସ ମୁଖ୍ୟତଃ ପ୍ରଯୁକ୍ତିବିଦ୍ୟା ଉପରେ ଆଧାରିତ । ନୂତନ ଫ୍ରେମୱାର୍କରେ ଟେକ୍ନୋଲୋଜି ପ୍ରସ୍ତୁତିକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି, ଯଦିଓ ଅନେକ ଛୋଟ ୟୁସିବି ପାଇଁ ସାଇବର ସୁରକ୍ଷା ଏବେ ବି ଏକ ବଡ଼ ଆହ୍ୱାନ ହୋଇ ରହିଛି । ଆଧୁନିକ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ଡିଜିଟାଲ୍ ଠକେଇ ଏବଂ ତଥ୍ୟ ଚୋରି ଏକ ନିତିଦିନିଆ ଘଟଣା ହୋଇଥିବାରୁ, ସମବାୟ ବ୍ୟାଙ୍କଗୁଡ଼ିକୁ ନିଜର ଆଇଟି ଭିତ୍ତିଭୂମିକୁ ସୁଦୃଢ଼ କରିବାକୁ ପଡ଼ିବ । ଆଗାମୀ ଦିନରେ ନୂତନ ଲାଇସେନ୍ସ ପାଇଁ ବଡ଼ ସହରାଞ୍ଚଳ ସମବାୟ ଋଣ ସମିତି, ବହୁ-ରାଜ୍ୟ ସମବାୟ ଋଣ ସମିତି ଏବଂ ବଡ଼ ସମବାୟ ଫେଡେରେସନ୍ ଗୁଡ଼ିକ ଆଗେଇ ଆସିବାର ସମ୍ଭାବନା ରହିଛି । ବିଶେଷ କରି ଏକାଧିକ ରାଜ୍ୟରେ କାର୍ଯ୍ୟ କରୁଥିବା ସମିତିଗୁଡ଼ିକୁ ପ୍ରାଥମିକତା ଦିଆଯିବ ବୋଲି ଆରବିଆଇ ସ୍ପଷ୍ଟ କରିଛି, ଯାହାଦ୍ୱାରା ସେମାନେ ଏକ ବୃହତ୍ତର ଭୌଗୋଳିକ କ୍ଷେତ୍ରରେ ନିଜର ସେବା ଯୋଗାଇପାରିବେ । ତଥାପି, ଏପର୍ଯ୍ୟନ୍ତ କୌଣସି ସଂସ୍ଥା ସାର୍ବଜନୀନ ଭାବରେ ନୂତନ ଲାଇସେନ୍ସ ପାଇଁ ଆଗ୍ରହ ପ୍ରକାଶ କରିନାହାଁନ୍ତି, ଯାହା ଦର୍ଶାଉଛି ଯେ କଠୋର ନିୟମାବଳୀ ସେମାନଙ୍କୁ ଅଧିକ ସତର୍କ କରାଇଦେଇଛି । ଏହି ସତର୍କତା ଭବିଷ୍ୟତ ପାଇଁ ଏକ ଶୁଭ ସଙ୍କେତ, କାରଣ ଏହାଦ୍ୱାରା କେବଳ ସକ୍ଷମ ଏବଂ ପ୍ରସ୍ତୁତ ଥିବା ସଂସ୍ଥାଗୁଡ଼ିକ ହିଁ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ପ୍ରବେଶ କରିବେ । ସମବାୟ ବ୍ୟାଙ୍କଗୁଡ଼ିକ ପାଇଁ ନିଜର ସାଇବର ସୁରକ୍ଷାକୁ ମଜବୁତ କରିବା ସହିତ ଗ୍ରାହକମାନଙ୍କୁ ଉନ୍ନତ ଡିଜିଟାଲ୍ ସେବା ପ୍ରଦାନ କରିବା ଏକାନ୍ତ ଆବଶ୍ୟକ ହୋଇପଡ଼ିଛି ।

ପରିଶେଷରେ, ଭାରତୀୟ ବ୍ୟାଙ୍କିଙ୍ଗ୍ ଶିଳ୍ପରେ ସହରାଞ୍ଚଳ ସମବାୟ ବ୍ୟାଙ୍କଗୁଡ଼ିକର ସଫଳତା ସମ୍ପୂର୍ଣ୍ଣ ରୂପେ ସେମାନଙ୍କର କାର୍ଯ୍ୟଶୈଳୀ ଉପରେ ନିର୍ଭର କରେ । ଯଦି ସେମାନେ ଐତିହାସିକ ଭୁଲଗୁଡ଼ିକୁ ଏଡ଼ାଇ ପାରିବେ, ଆଧୁନିକ ବ୍ୟାଙ୍କିଙ୍ଗ୍ ଅଭ୍ୟାସକୁ ଆପଣେଇବେ ଏବଂ କର୍ପୋରେଟ୍ ସୁଶାସନ ବଜାୟ ରଖିବେ, ତେବେ ସେମାନେ ନିଶ୍ଚିତ ଭାବରେ ନୂତନ ପିଢ଼ିର ବ୍ୟାବସାୟିକ ବ୍ୟାଙ୍କ ଏବଂ କ୍ଷୁଦ୍ର ଅର୍ଥ ବ୍ୟାଙ୍କ (ଏସଏଫବି) ଗୁଡ଼ିକ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ତୃତୀୟ ସ୍ତମ୍ଭ ଭାବରେ ଉଭା ହୋଇପାରିବେ । ଏମଏସଏମଇ କ୍ଷେତ୍ରର ଋଣ ଆବଶ୍ୟକତାକୁ ପୂରଣ କରିବା ଏବଂ ତୃଣମୂଳ ସ୍ତରରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ପ୍ରୋତ୍ସାହିତ କରିବା ପାଇଁ ୟୁସିବି ଗୁଡ଼ିକର ପୁନରୁଦ୍ଧାର କେବଳ ଏକ ବିକଳ୍ପ ନୁହେଁ, ବରଂ ଏକ ଆବଶ୍ୟକତା । ଏହି ସୁଯୋଗର ସଠିକ୍ ବିନିଯୋଗ ହେଲେ ଭାରତର ସମବାୟ ବ୍ୟବସ୍ଥା ପୁଣିଥରେ ନିଜର ହଜିଯାଇଥିବା ଗୌରବ ଫେରିପାଇବ ଏବଂ ଦେଶର ଆର୍ଥିକ ପ୍ରଗତିରେ ଏକ ନିର୍ଣ୍ଣାୟକ ଭୂମିକା ନିର୍ବାହ କରିବ । ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ ମଧ୍ୟରେ ଥିବା ଆର୍ଥିକ ବ୍ୟବଧାନକୁ ଦୂର କରିବାରେ ଏହି ବ୍ୟାଙ୍କଗୁଡ଼ିକର ଯୋଗଦାନ ଆଗାମୀ ଦିନରେ ଦେଶର ସାମଗ୍ରିକ ବିକାଶର ମାପକାଠି ସାଜିବ ।



# ବିଶ୍ୱାସରେ ବିଶ୍ୱାବସୁ

## ଅନନ୍ତ କୁମାର

ବିଶ୍ୱାବସୁ ସେଦିନର ଆଦିବାସୀ ଶବର ପଲ୍ଲୀର ରାଜା ଯାହାଙ୍କ ନିର୍ଦ୍ଦେଶ କ୍ରମେ ଶବର ବସ୍ତି ଚାଲୁଥିଲା ଆଉ ସବୁ ସବୁ ଶବର ଜାତି ତାଙ୍କ ପାଇଁ ଗର୍ବିତ ଆଜି ପର୍ଯ୍ୟନ୍ତ। ଆଦିବାସୀଙ୍କ ରାଜା ବିଶ୍ୱାବସୁ ଦ୍ୱାପର ଯୁଗର ଅବସାନ ପରେ ଘୁରି ଘୁରି ପାହାଡ ପର୍ବତ ନିକଟରେ ବସ୍ତି ମାରି ଚାଷ କାର୍ଯ୍ୟ କରି ଜଙ୍ଗଲରୁ କାଠ ସଂଗ୍ରହ କରି ନିଜର ଗୁଜୁରାଣ ମେଣ୍ଟାଉ ଥିଲେ। ଦିନେ ବିଶ୍ୱାବସୁ ବୁଲି ବୁଲି ଆସି ଶବର ଜାତିଙ୍କ ସହ ଏକ ନୂତନ ପାହାଡ ପାଖରେ ପହଞ୍ଚିଲେ। ସବୁଥର ଭଳି ଏଥର ମଧ ଏହି ପାହାଡ ନିକଟ ରେ ଅସ୍ଥାୟୀ ଶିବିର ସ୍ଥାପନ କରି ରହିବାକୁ ଲାଗିଲେ। କିନ୍ତୁ ଏ ପାହାଡ ଟିକେ ଭିନ୍ନ ଥିଲା ଶବର ଜାତି ପାଇଁ। ବିଶ୍ୱାବସୁ ସମେତ ସମସ୍ତ ଶବର ଜାତିକୁ ଏ ପାହାଡର ସୁନ୍ଦର୍ ପରିବେଶ, ସବୁଜ ବର୍ଣ୍ଣ ତରୁ ଲତା ବେଶ୍ ଆକର୍ଷଣ କରିଥିଲା । ଏତେ ଆଶ୍ଚର୍ଯ୍ୟ ଏବଂ ଆନନ୍ଦ କେବେ ଶବର ମାନେ କେବେ ହେଇ ନ ଥିଲେ । ଧୀରେ ଧୀରେ ଏଠି ବସ ବାସ କଲେ ଜଙ୍ଗଲ ରୁ କାଠ ଫଳ ମୂଳ ଆଣି ନିଜ ଜୀବନ ଜୀବିକା ନିର୍ବାହ ପୂର୍ବ ପରି କରିବାକୁ ଲାଗିଲେ । ସବୁଦିନ ଭଳି ଆଜି ବି ବିଶ୍ୱାବସୁ ଜଙ୍ଗଲକୁ ଶିକାର କରିବାକୁ ଗଲେ କିନ୍ତୁ ଏଥର ଶିକାର କରୁ କରୁ ଏକ ଘଞ୍ଚ, ଜଙ୍ଗଲ ହିଂସ୍ର ଜନ୍ତୁଙ୍କ ଜଙ୍ଗଲରେ ପହଞ୍ଚି ଗଲେ ଆଉ ଶେଷରେ ଶିକାର କରିବାକୁ ଯାଇ ଏକ ସୁନ୍ଦର ପାହାଡ ନିକଟରେ ଥିବା ଏକ ଛୋଟ ଗୁମ୍ଫାରେ ପହଞ୍ଚି ଗଲେ। ସେ ଘୁମ୍ଫା ଭିତରକୁ ପ୍ରବେଶ କରିବା ମାତ୍ରେ ସୁଗନ୍ଧିତ ପୁଷ୍ପ, ଧୂପ, ଦୀପର ମହକ ବିଶ୍ୱାବସୁଙ୍କୁ ମୋହିତ କରିଥିଲା

ଧୀରେ ଧୀରେ ଗୁମ୍ଫା ଭିତରକୁ ଭିତରକୁ ପ୍ରବେଶ କରିବାକୁ ଲାଗିଲେ ହଟାତ୍ କିଛି ପାଦ ଆଗକୁ କାଢିବା ଆଗରୁ ଗୁମ୍ଫା ଭିତରୁ ଏକ ଉଜ୍ଜଳ ତେଜ ରଶ୍ମି ସାରା ଗୁମ୍ଫାକୁ ଆଲୋକିତ କରିଦେଲା। ସେ ଆଲୋକ ଏତେ ତେଜ ଥିଲା ବିଶ୍ୱାବସୁଙ୍କ ଆଖି ଦେଖି ପାରିଲା ନାହିଁ। କିଛି ସମୟ ପରେ ଧିରେ ଧିରେ ଏକ ମୂର୍ତ୍ତି ବିଶ୍ୱାବସୁଙ୍କ ନଜରରେ ପଡ଼ିଲା, ବିଶ୍ୱାବସୁ ଏହି ମୂର୍ତ୍ତିକୁ ଦେଖି ଦଣ୍ଡ ବତ କରି ସାଷ୍ଟାଂଗ ପ୍ରଣାମ କରି ଅନେକ ପ୍ରଶ୍ନ କରିବାକୁ ଲାଗିଲେ। ଶେଷରେ ଉପରୁ ନିର୍ଦ୍ଦେଶ ହେଲା ଏ ହେଉଛନ୍ତି ପ୍ରଭୁ ନୀଳ ମାଧବ । ଏ ପାହାଡର ନାମ ନୀଳ କନ୍ଦର। ସେଦିନ ପରଠୁ ବିଶ୍ୱାବସୁଙ୍କ ଏତେ ପ୍ରଗାଢ଼ ବିଶ୍ୱାସ ହେଇ ଗଲା। ପ୍ରଭୁ ନୀଳ ମାଧବଙ୍କ ପ୍ରତି ଆଖିରୁ କେବଳ ଲୁହ ଧାର ଧାର ଛୁଟିଲା। ମନକୁ ମନ କହି ହେଉଥିଲେ ମୁଁ ତ ନିରୀହ ସରଳ ଆଦିବାସୀ, ଜାତିରେ ଅଛୁଆଁ ଏବଂ ନା ପୂଜା ବିଧି, ନା ପୂଜା ମନ୍ତ୍ର ଜାଣିଛି ପୁଣି ମୁଁ ଅଜ୍ଞାନୀ। କିନ୍ତୁ ବିଶ୍ୱାବସୁଙ୍କ ପ୍ରଗାଢ଼ ବିଶ୍ୱାସ ଏବଂ ଶ୍ରଦ୍ଧା ଭକ୍ତି ପାଇଁ ପ୍ରଭୁଙ୍କ ଦର୍ଶନ ମିଳିଥିଲା ବିଶ୍ୱାବସୁଙ୍କ ବିଶ୍ୱାସ ଦେଖି ସାରା ଶବର ଜାତି ବି ନୀଳ ମାଧବଙ୍କୁ ନ ଦେଖି ଦର୍ଶନ ନକରି ମନରେ ଭକ୍ତି ଏବଂ ବିଶ୍ୱାସ କରି ଥିଲେ। ଆଦିବାସୀର ରାଜା ବିଶ୍ୱାବସୁ କାଳ କ୍ରମେ ପ୍ରଭୁ ନୀଳ ମାଧବଙ୍କ ଅନ୍ତର୍ଦ୍ଧାନ ଦେଖି ପାଗଳ ହେଇ ଘଞ୍ଚ ଅରଣ୍ୟ ରେ ଘୁରି ବୁଲୁଥିଲେ ତୁଣ୍ଡରେ ନୀଳ ମାଧବ ନୀଳ ମାଧବ ଜପି ଜପି। ରାଜା ହେଇ ବି ନା ଥିଲା ଗର୍ବ, ନା ଥିଲା ଅହଙ୍କାର କେବଳ ଅଖଣ୍ଡ ବିଶ୍ୱାସ ନୀଳ ମାଧବଙ୍କ ପ୍ରତି । ପାଗଳ ହେଇ ବି ମନରେ ଆଶା ଆଉ ବିଶ୍ୱାସ ଥିଲା ଦିନେ ନା ଦିନେ ପ୍ରଭୁ ନୀଳ ମାଧବ ଦର୍ଶନ ଦେବେ, କିନ୍ତୁ ବିଧିର ବିଧାନ ନୀଳ ମାଧବଙ୍କ ନିର୍ଦ୍ଦେଶନା ଟିକେ ଅଲଗା ଥିଲା । କଥାରେ ଅଛି ପରା କରି କରାଉ ଥାଇ ମୁହିଁ ମୋ ବିନୁ ଅନ୍ୟ ଗତି ନାହିଁ ସବୁ ପରା ନୀଳ ମାଧବ ହିଁ କରୁ ଥିଲେ। ବିଶ୍ୱାସ ବସୁଙ୍କ ପାଗଳ ହେବାର କାରଣ ନୀଳ ମାଧବ । ସମୟ ଚକ୍ରରେ କାହାଣୀ ବଦଳି ଯାଏ ଶେଷରେ ସେଇଆ ହିଁ ହେଲା, ବିଶ୍ୱାସ ବସୁଙ୍କ ଅଖଣ୍ଡ ବିଶ୍ୱାସ ଏବଂ ଅସହ୍ୟ ଯନ୍ତ୍ରଣା ଦେଖି ପ୍ରଭୁ ନୀଳ ମାଧବ ସହ୍ୟ ନ କରି ପାରି ଶେଷରେ ନୀଳ ମାଧବ ମହା ଦାରୁ ରେ ପରିଣତ ହେଇ ମୋହଦୋଧି କୂଳରେ ଲାଗିଲେ। ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ହାତୀ, ଘୋଡ଼ା, ଶହେ ପ୍ରଚେଷ୍ଟା ଶ୍ୱତେ ବି ମହା ଦାରୁ ତିଳେ ମାତ୍ର ହଲିଲେ ନାହିଁ ପରି ଶେଷରେ ବିଶ୍ୱାବସୁଙ୍କ ସ୍ପର୍ଶ ମାତ୍ରେ ମହାଦାରୁ ଚଳି ଥିଲା। ଯେମିତି ଲାଗିଲା ମହା ଦାରୁ ଭକ୍ତ ବିଶ୍ୱାବସୁଙ୍କୁ ପ୍ରତୀକ୍ଷା କରିଥିଲା।କଥାରେ ଅଛି ପରା ଭକ୍ତ ପାଇଁ ଭଗବାନ, ଭକ୍ତ ଆଖିରୁ ଲୁହ ଝରିଲେ ଭଗବାନଙ୍କ ଆଖିରୁ ଲହୁ ଝରେ। ଭଗବାନଙ୍କ ପାଖେ ଜାତି ଭେଦ, ପୂଜା ବିଧି, ମନ୍ତ୍ର ଯେତିକି ଆବଶ୍ୟକ ନୁହଁ ବିଶ୍ୱାବସୁଙ୍କ ଭଳି ଅଖଣ୍ଡ ବିଶ୍ୱାସ ଆବଶ୍ୟକ। ବିଶ୍ୱାବସୁଙ୍କ ଏହି ବିଶ୍ୱାସ ପାଇଁ ଆଜି ନୀଳ ମାଧବ ମହା ଦାରୁରୁ ଚତୁର୍ଦ୍ଧା ମୂର୍ତ୍ତି ହେଇ ପୂଜା ପାଉଛନ୍ତି ସେହି ନୀଳ କନ୍ଦର ପାହାଡ ବର୍ତ୍ତମାନର ନୀଳାଚଳ କ୍ଷେତ୍ର । ପ୍ରଗାଢ଼ ବିଶ୍ୱାସ ହିଁ ମନୁଷ୍ୟକୁ ସଫଳତାର ଶୀର୍ଷକରେ ପହଞ୍ଚାଇ ଥାଏ ଏବଂ ଲକ୍ଷ୍ୟ ସ୍ଥଳ କୁ ପ୍ରାପ୍ତ କରାଏ । ସବୁରି ମୂଳରେ ବିଶ୍ୱାସ ହିଁ ଭଗବାନ।

+ସଂଗଠନ ସମ୍ପାଦକ
ଜାତୀୟ କବି ଲେଖକ ସଂଗଠନ
ତିହିଡ଼ି,ପାଳିଆ ବିନ୍ଧା,
ମୋ: ୮୩୩୯୯୩୯୯୨୯



# କଲ୍ୟାଣ ଗଙ୍ଗାର ସନ୍ଥ - ତନୁ ବାବା

## ଅକ୍ଷୟ କୁମାର ରାଉତ

ସମୟର ବୈଚିତ୍ର୍ୟରେ ମୁହୁର୍ମୁହୁଃ ପରିବର୍ତନ । ବିଶ୍ୱ ନିୟନ୍ତାଙ୍କର ନିର୍ଦ୍ଦେଶରେ ମଣିଷ, ପଶୁ, ପକ୍ଷୀ, ବୃକ୍ଷଲତା, କୀଟପତଙ୍ଗ, ଉଡା, ବୁଡା, ଚଳ, ନିଶ୍ଚଳ, ସମସ୍ତେ କାଳର କରାଳ ଗତିରେ ଧାବମାନ। ପ୍ରକୃତିର ଅପୂର୍ବ ଶୋଭା ସୂର୍ଯ୍ୟ, ଚନ୍ଦ୍ର, ତାରା, ଗ୍ରହମଣ୍ଡଳ, ନଦନଦୀ, ସାଗର ଓ ପାହାଡ ପର୍ବତ । ଏହି ସବୁ ସୁନ୍ଦର ମଧ୍ୟରୁ ଇଶ୍ୱରଙ୍କର ସର୍ବଶ୍ରେଷ୍ଠ ମନୁଷ୍ୟ ସମାଜ । ସମସ୍ତ ପଦାର୍ଥ ଓ ଜୀବନ୍ତ ପ୍ରାଣୀ ମାନଙ୍କର ଆକୃତି, ପ୍ରକୃତି, ଆକାର ପ୍ରତ୍ୟକଙ୍କ ଠାରୁ ଭିନ୍ନ ଭିନ୍ନ । ସେହି ଭିନ୍ନ ଭିନ୍ନ ପରିମାପ କରିବାକୁ ରହିଛି ଅନନ୍ତ ଆକାଶ । ଅନିତ୍ୟ, ଅସାର କ୍ଷଣଭଙ୍ଗୁର ମାୟା ମୋହ ସଂସାର ସାଗରକୁ ପାରିକରିବା ପାଇଁ ସଦ୍‌ଗୁରୁ ହିଁ ବାଟ ଦେଖାଇଥାନ୍ତି। ସେହି ସଦ୍‌ଗୁରୁଙ୍କ କୃପାରୁ ଆମେ ସମସ୍ତେ ଦୁଇ ପାଦ ଆଗେଇ ଥାଉ । ତାଙ୍କ ଦୟାରୁ ବ୍ରହ୍ମ ଓ ଇଶ୍ୱରଙ୍କ ସତାର ଅନୁଭବ ହୋଇଥାଏ । ସଦ୍‌ଗୁରୁଙ୍କ ଦୟାରୁ ସସାଗର ଧରା ଶୃଙ୍ଖଳିତ । ସେ ଦୂର ଦିଗ୍‌ବଳୟ ଆରପାରିର ଚନ୍ଦ୍ରମା । ତାଙ୍କରି ଜୋସ୍ନାରେ ଆଲୋକିତ ମହୋକିତ ଉଲ୍ଲସିତ ଧରା ପୃଷ୍ଠ ।

ସାଧୁସନ୍ଥ ମହାନ ସିଦ୍ଧ ସାଧକ ତନୁ ବାବା କୁଜଙ୍ଗର ତାଳଦଣ୍ଡା କାଳିଆପାଟ ଗ୍ରାମର ପିତା - ନିଳମଣି ବେହେରା, ମାତା- ଭାରତୀ ବେହେରାଙ୍କ କୋଳ ମଣ୍ଡନ କରି କାର୍ତୀକ ଦୀପାବଳି ଅମାବାସ୍ୟା (୧୯୮୧) ସୋମବାର ଦିନ ଜନ୍ମ ନିଅନ୍ତି । ସେ ଥିଲେ ଘରର ବଡ ପୁଅ, ତାଙ୍କ ତଳେ ଦୁଇ ଭାଇ ଓ ଗୋଟିଏ ଭଉଣି। ସେ ଜନ୍ମର ଅଳ୍ପଦିନ ପରେ ମା'ଙ୍କୁ ହରାଇ ବହୁ କଷ୍ଟରେ ବଢିଥିଲେ। ତାଙ୍କର ସାଧନା ଆହାର, ବିହାର ବ୍ୟକ୍ତିଗତ ଉନ୍ନତି ପାଇଁ ନଥିଲା । ସେ ପିଲା ବେଳୁ ନାମସଂକୀର୍ତନ କରି ଇଶ୍ୱର ପ୍ରେମି ହୋଇଥିଲେ। ତାଙ୍କର ପରୋପକାର ଏକ ମାନବୀୟ ମହତ୍ୱ ଗୁଣ।

ତାଙ୍କ ପାଖରେ ଧନୀ - ନିର୍ଦ୍ଧନୀ, ଉଚ୍ଚ - ନୀଚ ର ବୈଷମ୍ୟତା ନଥିଲା । ସେ ସାଧନା ବଳରେ ବୃକ୍ଷ ହୋଇ ଫଳ ଦେବା, ମେଘ ହୋଇ ଶସ୍ୟ ଦେବା ଜାଣିଥିଲେ। ଛୋଟ ବେଳରୁ ନାମ ବ୍ରହ୍ମକୁ ଜପ କରି ବାଲି ରଥରୁ ନଡିଆ ଗୋଟମା ରଥ । ତାପରେ ବଡ ବଡ ତିନୋଟି ରଥରେ ପ୍ରଭୁ ଜଗନ୍ନାଥ, ବଳଦେବ, ସୁଭଦ୍ରା ଓ ସୁଦର୍ଶନଙ୍କୁ ରଖି ରଥଯାତ୍ରା ତାଙ୍କ ହରିହର କ୍ଷେତ୍ରରେ ଆରମ୍ଭ କରିଥିଲେ । ସାଧନାର ପିଠ ହରିହର କ୍ଷେତ୍ରରେ ଅନ୍ନ ପ୍ରସାଦ ବହୁ ଲୋକଙ୍କୁ ଖୁଆଉ ଥିଲେ । ମା' ଅନ୍ନପୂର୍ଣ୍ଣାଙ୍କ ଦୟାରୁ କେବେ ଅନ୍ନପ୍ରଶାଦ ଅଭାବ ରହୁ ନଥିଲା । ପିଲାଟି ଦିନରୁ ସେ ଘର ଛାଡି କେଉଁ ଆଡେ କିଛି ଦିନ ପାଇଁ ଚାଲିଯାଇଥିଲେ କାହାକୁ ଜଣା ନଥିଲା । ପ୍ରାୟ ୧୫ ବର୍ଷ ବୟସରେ ତାଙ୍କର ହରିହର କ୍ଷେତ୍ରକୁ ଫେରି ନାମସଂକୀର୍ତନ ଓ ମା'ଙ୍କ ସାଧନାରେ ବ୍ୟସ୍ତ ରହିଲେ। ଦିନକୁ ଦିନ ତାଙ୍କର ଭାବ - ଭକ୍ତି ଓ ଇଶ୍ୱରଙ୍କ ପ୍ରେମ ତାଙ୍କ ଚମ୍ତ୍କାରୀତାର କାହାଣୀ ଚାରିଆଡେ ପ୍ରଚାର ହେଲା । ତାଙ୍କ କ୍ଷେତ୍ରରେ ବହୁ ଲୋକ ବିଭିନ୍ନ ଆଶା ଓ ଭରସା ନେଇ ଆସନ୍ତି । ଲୋକମାନଙ୍କର ଉପକାର କରିବା ଓ ବିଭିନ୍ନ ରୋଗ, ମାନସିକ ଯନ୍ତ୍ରଣାରୁ ଉଦ୍ଧାର କରିବା ତାଙ୍କର କାର୍ଯ୍ୟ ଥିଲା । ସେ ବିଭିନ୍ନ ଶାସ୍ତ୍ର, ପୁରାଣ, ଗୀତା ଓ ଭାଗବତ ଉପରେ ଗଭୀର ଜ୍ଞାନ ଅର୍ଜନ କରିଥିଲେ। ସେ ସମାଜର ଜଣେ ଯୋଗ ଜନ୍ମା ମହାପୁରୁଷ ଥିଲେ । ସେ ପିଲାବେଳେ ପାଠ ପଢିବା ସମୟରେ ବିଦ୍ୟାଳରେ ଚମତ୍କାରିତା ଦେଖାଉ ଥିଲେ । ତୁଳସୀ ଦୁଇ ପତ୍ରରୁ ବାସେ,ତାଙ୍କର ଗୁଣ ଶୈଶବରୁ ପରିଲକ୍ଷିତ ହେଉଥିଲା। ତାଙ୍କର ସାଧନା ଓ ମହତ ଗୁଣ ତାଙ୍କୁ ସିଦ୍ଧ ସାଧୁର ମର୍ଯ୍ୟାଦା ଦେଇଥିଲା ।

ତନୁ ବାବା ଉଦୟ ବଟରେ କିଛି ବର୍ଷ ରହିଲା ବେଳେ ଧର୍ମ ଗୁରୁ ଭାବେ ଭଗବାନ ଦାସଙ୍କୁ ବରଣ କରିଥିଲେ । ପରେ ସେ ଉଦୟ ବଟର ମହାନ ସନ୍ଥ ସ୍ୱାଧୀନତା ସଂଗ୍ରାମୀ ରାଜୀବ ଲୋଚନ ଦାସଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ନାମ କୀର୍ତନରେ ମଗ୍ନ ହେଲେ । ଗୁରୁ ଭଗବାନ ଦାସ ତାଙ୍କର ନାମ ଭାବଗ୍ରାହୀ ଦାସ(ତନୁ ବାବା) ରୂପେ ନାମ କରଣ କରିଥିଲେ । ଭଗବାନ ଦାସଙ୍କ ଠାରୁ ମା'ଅନ୍ନପୂର୍ଣ୍ଣାଙ୍କ ସାଧନା ଶିକ୍ଷା କରି ବହୁ ଚମତ୍କାରିତା ଦେଖାଇ ଥିଲେ । ଗୋଟିଏ ଦିନ ତାଙ୍କର ଯଜ୍ଞ ଚାଲିଥାଏ, ବହୁଲୋକ ସମାଗମ ହଠାତ୍ ମେଘ ପବନ ବହିଲା । ବାବା ପ୍ରକୃତି ଦେବୀଙ୍କ ନାମରେ ଯଜ୍ଞ କୁଣ୍ଡରେ ତିନି ଆହୁତି ଦେବାରୁ ତାଙ୍କ ମଠ ବା ହରିହର କ୍ଷେତ୍ର ବାହାରେ ମେଘ ପବନ ହେଲା କିନ୍ତୁ ଯଜ୍ଞ ସ୍ଥାନରେ ବର୍ଷା ହେଲା ନାହିଁ। ଏହା ତାଙ୍କର ଔଲୋକିକତା ଥିଲା । ସେହି ପରି ଗୋଟିଏ ଦିନ ୨୦୦ ଶିସ୍ୟଙ୍କ ଗହଣରେ ବାବା ଉଦୟବଟ ବାହାରିଲେ । ତନୁ ବାବା କହିଲେ ତୁମ୍ଭେମାନେ ନିଜ ନିଜ ଗାଡିରେ ଉଦୟବଟ ଧାମକୁ ଯାଅ, ମୁଁ ତୁମ ମାନଙ୍କ ପୂର୍ବରୁ ପହଁଚିବି ! ସତକୁ ସତ ବାବା ସମସ୍ତଙ୍କ ଆଗରେ ପହଂଚି ଥିଲେ। ଏକ ବର୍ଷା ଦିନେ ସଂଧ୍ୟା ସମୟରେ ବାବାଙ୍କ ସହିତ ପ୍ରାୟ ୩୦ ଜଣ ଶିଷ୍ୟ ଥାଅନ୍ତି । ଏହି ସମୟରେ ଏକ ସ୍ୱେତ ନାଗ ଆସି ବାବା ଓ ଶିଷ୍ୟଙ୍କ ମଝିରେ ଉପସ୍ଥିତ ହେଲା । ବାବା ସର୍ପକୁ ନମସ୍କାର କରି ଆଜ୍ଞା ଦେଲେ ହେ ସର୍ପ ରାଜ ତୁମ୍ଭ ବାଟରେ ତୁମ୍ଭେ ଚାଲିଯାଅ। ହଠାତ୍ ସର୍ପ ସେଠାରୁ ଉଭାନ ହୋଇ ଗଲା ।



ଏହି ଭଳି ଏକ ସିଦ୍ଧ ସାଧୁ ଶ୍ରୀଜଗନ୍ନାଥଙ୍କ ଚତୁର୍ଦ୍ଧା ମୁର୍ତୀ ତିଆରି କରି ବିଭିନ୍ନ ମନ୍ଦିରକୁ ଦେଉଥିଲେ। ତାଙ୍କର ହରିହର କ୍ଷେତ୍ରରେ ଶ୍ରୀବଳଦେବ, ସୁଭଦ୍ରା ମା' ଓ ସୁଦର୍ଶନଙ୍କୁ ତିଆରି କଲା ପରେ, ଜଗନ୍ନାଥଙ୍କୁ ନିର୍ମାଣ ନକରି, ତାଙ୍କ ଦାରୁଙ୍କୁ ରଖି ଦେଇ ଯାଇଛନ୍ତି । ସେ କହିଛନ୍ତି ସେ ପୁନର୍ବାର ଆସିବେ। ସେହି ଭଳି ଜଣେ ପରପୋକାରି ସାଧୁଙ୍କର ୪୨ ବର୍ଷ ବୟସରେ ଶ୍ରାବଣ ମାସ ଅମାବାସ୍ୟା ସୋମବାର (୨୦୨୩) ରେ ସାଧନାମୟ ଜୀବନର ଅବସାନ ଘଟିଲା। ଆଶ୍ଚର୍ଯ୍ୟକଥା ତାଙ୍କର ଜନ୍ମ ଓ ପରଲୋକ ଗମନ ଅମାବାସ୍ୟା ଓ ସୋମବାର ଥିଲା । ସେ ସ୍ୱର୍ଗରେ ଥାଇ ମଧ ଆମ୍ଭମାନଙ୍କୁ ଆଶୀର୍ବାଦ କରୁଥିବେ। ତାଙ୍କ ସୁନାମର ସୁମନ, ସୁବାସ ମହୋକିତ କରୁଥିବ ଏ ମାଟିକୁ।

+ପାରାଦ୍ୱୀପଗଡ, କୁଜଙ୍ଗ
ଜଗତସିଂହପୁର
ମୋ:୯୯୩୭୬୯୧୪୭୫



# ସରକାରଙ୍କ ମୁଖିଆ କଥାଦେଇ କଥା ରଖିପାରିଲେ ନାହିଁ

## ସୁବ୍ରତ କର

ଆମ ରାଜ୍ୟର ଆଦରଣୀୟ ମୁଖ୍ୟମନ୍ତ୍ରୀ ବର୍ଷେ ତଳେ ମାନେ ଅଗଷ୍ଟ ମାସରେ ଜଣେଇଥିଲେ ପ୍ରାଥମିକ ଶିକ୍ଷାରେ ୪୫ ହଜାର ଶିକ୍ଷକ ପଦ ଖାଲି ପଡ଼ିଛି। ସରକାର ପ୍ରାଥମିକତା ଭିତ୍ତିରେ ପ୍ରତିବର୍ଷ ୧୫ ହଜାର କରି ତିନି ବର୍ଷରେ ୪୫ ହଜାର ପଦ ପୂରଣ କରିବେ । ଏହି ଘୋଷଣା ବର୍ଷେ ବିତି ଯାଇଥିଲେ ମଧ ଏ ପର୍ଯ୍ୟନ୍ତ ତାଙ୍କର କଥକୁ କାର୍ଯ୍ୟରେ ପରିଣତ କରିପାରି ନାହାନ୍ତି । ନିଯୁକ୍ତି ପାଇଁ ବିଜ୍ଞାପନ ମଧ ବାହାରି ପାରି ନାହିଁ । ଏହି ନିଯୁକ୍ତି ପାଇଁ ବିଭାଗୀୟ ଷ୍ଟାଣ୍ଡିଂ କମିଟି ସୁପାରିସକୁ ମଧ ବିଶେଷ ଭାବରେ ଧାନ ଦେଇ ନାହାନ୍ତି । ରାଜ୍ୟରେ ୨୦୨୫-୨୬ ଶିକ୍ଷା ବର୍ଷରେ ଜଣେ ଶିକ୍ଷକ ଥିବା ବିଦ୍ୟାଳୟ ସଂଖ୍ୟା ପ୍ରାୟ ୧୪୫୮କୁ ବୃଦ୍ଧି ପାଇଛି । ୨୦୨୪-୨୫ରେ ୧୦୮୯ ଏବଂ ୨୦୨୩-୨୪ରେ ପ୍ରାୟ ୧୦୬୫ ଥିଲା । ବିଦ୍ୟାଳୟରେ ଜଣେ ଶିକ୍ଷକ ଥିବାରୁ ଏକାଧିକ ଶ୍ରେଣୀମାନଙ୍କରେ ପାଠ ପଢ଼ାଇବା ସମ୍ଭବ ହୋଇ ପାରି ନାହିଁ ଏବଂ ଏହାଛଡ଼ା ଜଣେ ଶିକ୍ଷକ ସବୁ ବିଷୟରେ ପାଠ ପଢ଼ାଇବା ମଧ୍ୟ ସମ୍ଭବ ନୁହେଁ। ଏଇଥିପାଇଁ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଛି ଏବଂ ଏହା ପାଇଁ ସରକାରଙ୍କ ଗଣଶିକ୍ଷା ବିଭାଗ ଦାୟୀ ବୋଲି ସମସ୍ତେ କହିବାରେ ଲାଗିଛନ୍ତି । କିନ୍ତୁ ଏବେ ଏବେ ଖବର ଆସିଲା ଯେ ସରକାର ଖୁବ୍ ଶିଘ୍ର (୧୫ ଦିନ ଭିତରେ) ଜଣେ ଶିକ୍ଷକ ଥିବା ସ୍କୁଲକୁ ଆଉ ଜଣେ ଦେବା ପାଇଁ ନିଷ୍ପତ୍ତି ନେଇ ଜିଲ୍ଲା କଲେକ୍ଟର ଏବଂ ଜିଲ୍ଲା ଶିକ୍ଷାଧିକାରୀଙ୍କ ପାଖକୁ ଚିଠି କରା ହୋଇଛି । ଏଥିରେ କଣ ସମସ୍ୟ ସମାଧାନ ହୋଇ ପାରିବ ? ଠିକା ଶିକ୍ଷକ ନିଯୁକ୍ତ କରି ତାକୁ ଛଅବର୍ଷ ପରେ ନିୟମିତ କରିବା ପ୍ରଥାକୁ ରଦ୍ଦ କରି ନିୟମିତ ଶିକ୍ଷକ ଦେବା ପାଇଁ ସରକାର ଘୋଷଣା କରିଛନ୍ତି । ଏହିସବୁ ନିଷ୍ପତ୍ତି ୪ମାସ ପୂର୍ବରୁ ବିଧାନ ସଭାବ ଷ୍ଟାଣ୍ଡିଂ କମିଟିରେ ପାସ ହୋଇଥିଲା । କିନ୍ତୁ ଦୁଃଖର କଥା ଏ ପର୍ଯ୍ୟନ୍ତ ଗଣଶିକ୍ଷା ବିଭାଗ ବିଶେଷ କିଛି ପଦକ୍ଷେପ ନେଇ ନଥିଲେ । ଆଜି ଗଣଶିକ୍ଷା ମନ୍ତ୍ରୀଙ୍କ କହିବାନୁସାରେ ଅଳ୍ପଦିନ ମଧ୍ୟରେ ଜଣେ ଶିକ୍ଷକ ଥିବା ସ୍କୁଲକୁ ଆଉ ଜଣ ଶିକ୍ଷକ ଯୋଡ଼ି ହେବେ । ଏହା ଆଉ ଆଗ ଭଳି ନ ହେଲେ ହେଲା। ଏହା ଗୋଟାଏ କାରଣ ହୋଇପାରେ ପ୍ରାଥମିକ ସ୍ତରରୁ ପିଲାଙ୍କ ମୂଳଦୁଆ ଦୁର୍ବଳ ହେଉଛି ଏବଂ ପିଲା ଦଶମ ଶ୍ରେଣୀ ପହଞ୍ଚିବା ପୂର୍ବରୁ ଲକ୍ଷ ଲକ୍ଷ ପିଲା ପାଠପଢ଼ା ଛାଡ଼ି ଦେଉଛନ୍ତି । ଏମିତି ବି ଦେଖାଯାଇଛି ମେଟ୍ରିକ ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଥିବା ହଜାର ହଜାର ଛାତ୍ରଛାତ୍ରୀ ପରୀକ୍ଷା ଦେଉ ନାହାନ୍ତି । ଏ ସବୁର ମୂଳ କାରଣ ହୋଇପାରେ ଆବଶ୍ୟକ ପଡୁଥିବା ଶିକ୍ଷକଙ୍କ ସଂଖ୍ୟା ଯଥେଷ୍ଟ କମ । ପାଠପଢ଼ା ହେଉ ନଥିବାରୁ ପିଲାମାନେ ସ୍କୁଲ ଯାଇ କେବଳ ମଧାହ୍ନ ଭୋଜନ ଖାଇ ଘରକୁ ଫେରିଛନ୍ତି । ସ୍ୱାସ୍ଥ୍ୟ ଏବଂ ପାଠପଢ଼ା ସମାଜର ମେରୁଦଣ୍ଡ । ଏହି ଦୁଇଟି ବିଭାଗ ସରକାରଙ୍କ ଠିକ୍ ଚାଲିଲେ ଜାଣିବା ସରକାର ଠିକ୍ ଅଛନ୍ତି ଏବଂ ସୁରୁଖୁରୁରେ ୫ ବର୍ଷ ବିତାଇବେ ।

କବିତା କୋଣାର୍କ

# ଏଗୁଡ଼ାକ କେଉଁ ନୀତି

## ନିରଞ୍ଜନ ସାହୁ



କାହିଁକି କେଜାଣି ଭଲ ଲାଗୁନାହିଁ
ଏହି ଦୁନିଆର ରୀତି
ପରିବର୍ତ୍ତନର ନାଆଁରେ ଚାଲିବ
କେତେଦିନ ଏଇମିତି ?

ଶାସନ ବ୍ୟବସ୍ଥା ଭୁଶୁଡି ଯାଇଛି
ଆଇନ ଚାଲେନା ବାଟେ
ରାଜନୀତି ପଙ୍କେ ସାଲୁବାଲୁ ସର୍ବେ
ନ୍ୟାୟ ଏଠି ବାଟ କାଟେ
ହକ କଥା ପଦେ କହିବା ପାଇଁକି
ମନରେ ସଞ୍ଚରେ ଭୀତି ।

ନିଶାଦ୍ରବ୍ୟ ଯେତେ ବିକ୍ରୀବଟା ହୁଏ
ନ କହିବା ତାହା ଭଲ
ବୃଦ୍ଧାଶ୍ରମ ସଂଖ୍ୟା ବଢ଼ିବଢ଼ି ଚାଲେ
ପୁଅଝିଅ କେଣେ ଗଲ
ଗୋଚର, ଶ୍ମଶାନ ଜବରଦଖଲ
ଇଏ କି ପ୍ରକାର ନୀତି ?

ଭାଙ୍ଗି ଯାଉଥାଏ ଯୌଥ ପରିବାର
ବଢେ ବଧୂ ନିର୍ଯାତନା
ଠାକୁର ସମ୍ପତ୍ତି ଚୋରି ହୋଇଯାଏ
ଖୋଜା ଚାଲେ ତନାଘନା
ରାତିକେ ହାତୀଏ ରୋଜଗାର ଯା'ର
ଯାଏ ସେ ଦୁନିଆ ଜିତି ।

ସତ୍ୟପଥ ଏବେ ବାଟବଣା ହୁଏ
ମୁହଁ ଲୁଚାଉଛି ଧର୍ମ
ଶାନ୍ତିକୁ ଖୋଜିଲେ କେଉଁଠି ମିଳେନି
ତ୍ରୁଟି କରିଚାଲେ କର୍ମ
ପରିସ୍ଥିତି ଭାରି ଜଟିଳ ହେଉଛି
ସମୟ ଯାଉଛି ବିତି ।

+ନିହଳ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ - ୭୫୯୦୧୬
ମୋ : ୯୯୩୮୭୪୨୫୮୩

# ଶ୍ରାବଣ ମାସରେ ଶିବ ମାହାତ୍ମ୍ୟ

## ଅନୁପ କୁମାର ଗଡ଼ନାୟକ

ଆସିଲା ଦେଖରେ ଶ୍ରାବଣ
ମହାଦେବଙ୍କ ଦିନ
ସମୁଦ୍ର ମନ୍ଥନ ଗରଳ
କଣ୍ଠେ କଲେ ଧାରଣ ॥
ବିଷର ଉତ୍ତାପ ଜ୍ୱାଳାରେ
ଦଗ୍ଧ ହୁଏ ଶରୀର
ଗଙ୍ଗାଜଳ ଦେବେ ଢାଳନ୍ତି
ନେଇ ଶିବ ଉପର ॥
ତପସ୍ୟା କରନ୍ତି ପାର୍ବତୀ
ହର ପାଇବା ପାଇଁ
ପ୍ରସନ୍ନ ହୋଇଲେ ଶଙ୍କର
ଉମା ବ୍ରତକୁ ନେଇ ॥
ମହାମୃତ୍ୟୁଞ୍ଜୟ ମନ୍ତ୍ରକୁ
ଜପି ମାର୍କଣ୍ଡ ଋଷି
ବଞ୍ଚିଲେ ଦୀର୍ଘାୟୁ ହୋଇ ସେ
ମନେ ହୋଇଣ ଖୁସି॥
କାଉଡ଼ିଆ ଭାଇ ଆମର
ଜଳାଭିଷେକ କରି
ପୁଣ୍ୟ ଫଳ ସିଏ ଲଭନ୍ତି
ଭୋଳା ନାମକୁ ଧରି ॥
ମାଟି ଲିଙ୍ଗ କରି ପ୍ରସ୍ତୁତ
କଲେ ଶିବ ପୂଜନ
ସୁଖଶାନ୍ତି ମିଳେ ଜୀବନେ
କେବେ ନୁହେଁ ନିର୍ଧନ ॥
ଓଁ ନମଃ ଶିବାୟ ମନ୍ତ୍ରକୁ
ଗାଇ ନିଜ ତୁଣ୍ଡରେ
ବେଲପତ୍ର ଜଳ ଦିଅରେ
ଶିବ ଲିଙ୍ଗ ଉପରେ ॥
ଶ୍ରାବଣେ ଶିବଙ୍କ ମାହାତ୍ମ୍ୟ
ଅଲୌକିକର କଥା
ଶିବ ନାମ ତୁଣ୍ଡେ ଧରିଲେ
ଖଣ୍ଡେ ନିଜର ବ୍ୟଥା ॥

+ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ
ନାତିଡି,ତାଳଚେର
ଅନୁଗୋଳ
ମୋ.ନଂ୯୪୩୭୭୬୧୧୭୨

# କାମରେ ଲାଗୁନି ୫ କୋଟି ଟଙ୍କାରେ ନିର୍ମିତ ଓଭର ହେଡ ପାଣି ଟାଙ୍କି

ଭୁବନ ,୯/୦୮ (ନି.ପ୍ର): ଢ଼େଙ୍କାନାଳ ଜିଲ୍ଲା ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦରେ ଆଗାମୀ ୫୦ ବର୍ଷ ପର୍ଯ୍ୟନ୍ତ ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ପୂର୍ବ ସରକାର ସମୟରେ ପ୍ରାୟ ୫ କୋଟି ରୁ ଉର୍ଦ୍ଧ୍ୱ ଟଙ୍କାରେ ଜନ ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟ ପରିସର ଓ ନୂଆ ଭୁବନରେ 'ଆମ ସହର ଆମ ଉନ୍ନତି' ଯୋଜନାରେ ଦୁଇଟି ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ଦୁଇ ବର୍ଷ ହେଲା ଏହି ପ୍ରକଳ୍ପ ଶେଷ ହୋଇଛି । ସ୍ୱତନ୍ତ୍ର ଟ୍ରାନସଫର୍ମର ବସାଯାଇ ବିଦ୍ୟୁତ ଯୋଗାଣ ମଧ୍ୟ ହୋଇଛି । ବିଧାୟକଙ୍କ କର୍ମୀ ଙ୍କ ଦ୍ୱାରା ଚତୁପାର୍ଶ୍ୱ ପ୍ରାଚୀର ନିର୍ମାଣ କରାଯାଇ ଗେଟ୍ ମଧ୍ୟ ଲଗାଯାଇଛି । ଗ୍ରୀଷ୍ମ ଋତୁରେ ଟ୍ୟାଙ୍କର ଯୋଗେ ବିଭିନ୍ନ ୱାର୍ଡ କୁ ପାନୀୟ ଜଳ ଯୋଗାଣ କରାଯାଇ ମୋଟା ଅଙ୍କର ମୁନାଫା ଉଠା ଯାଉଥିବା ବେଳେ ବର୍ଷା ଦିନେ ମଧ୍ୟ ଭୁବନ ଏନ୍ ଏ ସି ର ଅଧିକାଂଶ ୱାର୍ଡ଼କୁ ନିୟମିତ ଭାବେ ଜଳ ଯୋଗାଣ ହୋଇ ପାରୁନାହିଁ । କେବଳ ଗୋଟିଏ କଥା ଓଭର ହେଡ ପାଣି ଟାଙ୍କି କାର୍ଯ୍ୟକ୍ଷମ ହେଲେ ପାନୀୟ ଜଳ ସମସ୍ୟାର ସମାଧାନ ହୋଇଯିବ କୁହାଯାଉଛି । ବିଭିନ୍ନ ୱାର୍ଡକୁ କୋଟିଏ ରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ପାଇପ୍ ବିଛା କାର୍ଯ୍ୟ ମଧ୍ୟ ଶେଷ ହୋଇଛି । ତାହେଲେ ଓଭର ହେଡ ପାଣି ଟାଙ୍କି କାର୍ଯ୍ୟକ୍ଷମ ହୋଇ ପାରୁନି କାହିଁକି ? ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅତ୍ୟନ୍ତ ନିମ୍ନ ମାନର କାର୍ଯ୍ୟ ହୋଇଥିବାରୁ ଜଳ ସଂରକ୍ଷଣ ସମୟରେ ଏହା ଭୁଶୁଡ଼ି ପଡ଼ିବାର ଆଶଙ୍କା ରହି ଥିବାରୁ ଏହାକୁ କାର୍ଯ୍ୟକ୍ଷମ କରାଯାଉନାହିଁ ବୋଲି ଅଭିଯୋଗ ଶୁଣାଯାଉଛି । ପାଣି ଟାଙ୍କି ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନ ମାନର ହୋଇଥିବା ବେଳେ ବିଭିନ୍ନ ୱାର୍ଡ କୁ ନିମ୍ନ ମାନର ପାଇପ୍ ବିଛା ହୋଇଛି । ଦୁଇ ଫୁଟ ଖୋଳି ତଳେ ବାଲି ଫିଲିଙ୍ଗ କରି ତା ଉପରେ ଇଟା ଦେଇ ପାଇପ୍ ବିଛା ଯିବା ବଦଳରେ ମାତ୍ର ୬ ଇଞ୍ଚ ଓ କେତେକ ସ୍ଥାନରେ ଫୁଟେ ଖୋଳି ପାଇପ୍ ବିଛା ଯାଥିବାରୁ କାର,ଟ୍ରାକ୍ଟର ଯିବା ଯୋଗୁଁ ଅଧିକାଂଶ ସ୍ଥାନରେ ପାଇପ୍ ଫଟି ଯାଉଛି । ଏନ୍ ଏ ସି ତରଫରୁ ନିର୍ମାଣ ହୋଇଥିବା କଂକ୍ରିଟ ଓ ପେଭର ରାସ୍ତାକୁ ଜନସ୍ୱାସ୍ଥ୍ୟ ବିଭାଗ ବାରମ୍ବାର ଖୋଳିତାଡ଼ି ନଷ୍ଟ କରୁଛି । ତେବେ ଯାହାବି ହେଉନା କାହିଁକି ଭୁବନର ଗଣପର୍ବ ଐତିହାସିକ ପ୍ରସିଦ୍ଧ ଦଶହରା ବଳଦ ଯାତ୍ରା ପୂର୍ବରୁ ଏହି ଓଭର ହେଡ ପାଣିଟାଙ୍କି କାର୍ଯ୍ୟକ୍ଷମ କରି ପାନୀୟ ଜଳ ସମସ୍ୟାର ସମାଧାନ କରିବା ପାଇଁ ଜନ ସାଧାରଣରେ ଦାବି ହୋଇଛି ।'

# ମରାକୁଟା-ତିହାଡ଼ିପାଲି ରାସ୍ତାର ଅବସ୍ଥା ଶୋଚନୀୟ

ଝାରସୁଗୁଡ଼ା,୯ /୦୮ (ନି.ପ୍ର): ରାସ୍ତାରେ ବଡ଼ ବଡ଼ ଖାଲଖମା, ବର୍ଷାରେ କାଦୁଅ ଓ ପାଣି ଜମି ଯାତାୟାତରେ ସମସ୍ୟା ଉପୁଜୁଛି। ଝାରସୁଗୁଡ଼ା ସଦର ବ୍ଲକ ଅନ୍ତର୍ଗତ ମରାକୁଟାରୁ ତିହାଡ଼ିପାଲିକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ଏଭଳି ଶୋଚନୀୟ ଅବସ୍ଥା ଏବେ ଅଂଚଳବାସୀଙ୍କ ପାଇଁ ଗମ୍ଭୀର ସାମାଜିକ ସମସ୍ୟା ପାଲଟିଛି। ଦୀର୍ଘଦିନ ଧରି ରାସ୍ତାର ଆବଶ୍ୟକ ମରାମତି ହୋଇନଥିବା ବେଳେ ସାମ୍ପ୍ରତିକ ବର୍ଷା ଏହାର ଅବସ୍ଥାକୁ ଆହୁରି ଦୟନୀୟ କରିଦେଇଛି। ଏହି ରାସ୍ତା ଉପରେ ମରାକୁଟା, ତିହାଡ଼ିପାଲି, ସାଲେପାଲି, ଜମେରା, ଇବ୍ ଷ୍ଟେସନ୍ ଓ ଜମାପାଲି ସମେତ ବିଭିନ୍ନ ଗ୍ରାମର ଶହ ଶହ ଲୋକ ନିର୍ଭରଶୀଳ। ଛାତ୍ରଛାତ୍ରୀମାନେ ପ୍ରତିଦିନ ଶିକ୍ଷାନୁଷ୍ଠାନକୁ ଯିବା, ବ୍ୟବସାୟୀମାନେ ବ୍ୟବସାୟିକ କାର୍ଯ୍ୟ ଓ ସାଧାରଣ ଲୋକେ ଚିକିତ୍ସା, ଜୀବିକା ଓ ଅନ୍ୟାନ୍ୟ ଜରୁରୀ କାର୍ଯ୍ୟ ପାଇଁ ଝାରସୁଗୁଡ଼ା ସହରକୁ ଯାତାୟାତ କରିଥାନ୍ତି। ମାତ୍ର ରାସ୍ତାର ଦୁରବସ୍ଥା ଯୋଗୁଁ ଏବେ ସେମାନଙ୍କ ଦୈନନ୍ଦିନ ଜୀବନ ପ୍ରଭାବିତ ହେଉଛି। ବିଶେଷକରି ବର୍ଷା ଦିନେ ରାସ୍ତାର ଖାଲଗୁଡ଼ିକ ପାଣିରେ ଭରିଯାଉଥିବାରୁ ଗଭୀରତା ଜଣାପଡୁନାହିଁ। ଫଳରେ ଦୁଇଚକିଆ ଯାନ ଚାଳକଙ୍କ ଠାରୁ ଆରମ୍ଭ କରି ଅନ୍ୟ ଯାନବାହନ ଚାଳକମାନେ ମଧ୍ୟ ବିପଦରେ ପଡୁଛନ୍ତି। ଛୋଟବଡ଼ ଦୁର୍ଘଟଣା ଘଟିବା ସହ ଲୋକଙ୍କ ମଧ୍ୟରେ ଦୁର୍ଘଟଣାର ଆଶଙ୍କା ବଢ଼ିଛି। ଜରୁରୀ ସମୟରେ ଆମ୍ବୁଲାନ୍ସ ଓ ଅନ୍ୟାନ୍ୟ ଯାନର ଯାତାୟାତ ମଧ୍ୟ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି। ରାସ୍ତାର ଏହି ଅବସ୍ଥା କେବଳ ଯାତାୟାତ ସମସ୍ୟା ନୁହେଁ, ଏହା ଅଂଚଳର ଶିକ୍ଷା, ସ୍ୱାସ୍ଥ୍ୟ, ବ୍ୟବସାୟ ଓ ଜୀବିକା ଉପରେ ମଧ୍ୟ ପ୍ରଭାବ ପକାଉଛି। ଦୀର୍ଘଦିନ ଧରି ସମସ୍ୟା ଲାଗି ରହିଥିଲେ ମଧ୍ୟ ସ୍ଥାୟୀ ସମାଧାନ ନ ହେବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି। ଅଂଚଳବାସୀ ନିତ୍ୟାନନ୍ଦ ମେହେର, ଈଶ୍ୱର ନେଟି, ତେଜରାଜ ସିଂ, ମଣି ସାହୁ ଓ ଆକାଶ ବାଘ ପ୍ରମୁଖ କହିଛନ୍ତି ଯେ, ରାସ୍ତାର ତୁରନ୍ତ ମରାମତି ସହ ସ୍ଥାୟୀ ନିର୍ମାଣ କାର୍ଯ୍ୟ କରାଯିବା ଆବଶ୍ୟକ। ଲୋକଙ୍କ ସୁରକ୍ଷିତ ଯାତାୟାତ ଓ ଅଂଚଳର ବିକାଶ ପାଇଁ ଏହି ରାସ୍ତାର ଉନ୍ନତିକରଣ ଆଉ ବିଳମ୍ବ ନକରି ଆରମ୍ଭ କରିବାକୁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ପ୍ରଶାସନିକ ପ୍ରତିକ୍ରିୟା ନେବା ପାଇଁ ପୂର୍ତ୍ତ ବିଭାଗର ଏସଡିପିଓ ବନମାଳୀ ନାଏକଙ୍କ ସହ ଫୋନ୍ ଯୋଗେ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ହେଁ ସମ୍ଭବ ହୋଇପାରିନଥିଲା। ଏବେ ପ୍ରଶ୍ନ ଉଠୁଛି—ଗ୍ରାମାଂଚଳର ଲୋକଙ୍କ ସୁରକ୍ଷିତ ଯାତାୟାତ ଓ ମୌଳିକ ସୁବିଧା ସୁନିଶ୍ଚିତ କରିବାରେ ପ୍ରଶାସନ କେବେ ପଦକ୍ଷେପ ନେବ ? ଅଂଚଳବାସୀଙ୍କ ଦାବି, କେବଳ ତତ୍କାଳିକ ଖାଲ ପୂରଣ ନୁହେଁ, ରାସ୍ତାର ସ୍ଥାୟୀ ନିର୍ମାଣ କରି ଏହି ସମସ୍ୟାର ସବୁଦିନ ପାଇଁ ସମାଧାନ କରାଯାଉ।

## ଜନସମ୍ପର୍କ ଅଭିଯାନ : ଲୋକଙ୍କ ସୁଖଦୁଃଖରେ ବିଜେପି ସଦା ସାଥୀ

ନୂଆପଡ଼ା,୯/୦୮ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସିନାପାଲି ବ୍ଲକର କେନ୍ଦୁମୁଣ୍ଡା ଓ ଗୋର୍ଲା ପଂଚାୟତ ଅଂଚଳରେ ବିଜେପି ପକ୍ଷରୁ ଜନସମ୍ପର୍କ ଅଭିଯାନ ଆୟୋଜିତ ହୋଇଥିଲା। ଏହି ଜନସମ୍ପର୍କ ଅଭିଯାନରେ ପୂର୍ବତନ ବିଧାୟକ ହିତେଶ କୁମାର ବଗର୍ତି, ଜିଲ୍ଲା ପରିଷଦ ସଭ୍ୟ ପ୍ରିୟ ରଞ୍ଜନ ମେହେରଙ୍କ ସମେତ ବିଜେପିର ସମର୍ପିତ କାର୍ଯ୍ୟକର୍ତାମାନେ ବିଭିନ୍ନ ଗ୍ରାମ ପରିଦର୍ଶନ କରିଥିଲେ। ଏହି ଅବସରରେ ସାଧାରଣ ଲୋକଙ୍କ ସହ ସାକ୍ଷାତ୍ କରି ସେମାନଙ୍କ ସୁଖଦୁଃଖରେ ସାମିଲ ହେବା ସହ ବିଭିନ୍ନ ସମସ୍ୟା, ଅଭାବ-ଅସୁବିଧା ଏବଂ ଅଂଚଳର ବିକାଶ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଭିନ୍ନ ଅନୁଷ୍ଠାନର ସଦସ୍ୟ ଓ ଅଂଚଳବାସୀଙ୍କ ସହ ଆଲୋଚନା ସମୟରେ ସେମାନଙ୍କ ଦ୍ୱାରା ଉଠାଯାଇଥିବା ସମସ୍ୟାଗୁଡ଼ିକର ସମାଧାନ ଦିଗରେ ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ଆଶ୍ୱାସନ ଦିଆଯାଇଥିଲା। ଲୋକଙ୍କ ସମସ୍ୟା ଶୁଣିବା, ସେମାନଙ୍କ ସହ ରହିବା ଏବଂ ଅଂଚଳର ବିକାଶକୁ ଆଗେଇ ନେବା ବିଜେପିର ପ୍ରମୁଖ ଲକ୍ଷ୍ୟ ବୋଲି ଏହି ଅଭିଯାନରେ ମତ ପ୍ରକାଶ ପାଇଥିଲା। ଆଗାମୀ ଦିନରେ ମଧ୍ୟ ଜନସାଧାରଣଙ୍କ ସହ ନିରନ୍ତର ଯୋଗାଯୋଗ ରଖି ସେମାନଙ୍କ ସମସ୍ୟାର ସମାଧାନ ପାଇଁ ପ୍ରୟାସ ଜାରି ରହିବ ବୋଲି କୁହାଯାଇଛି।

# ମାଲକାନଗିରିରେ ଖରିଫ ଚାଷୀ ପଞ୍ଜୀକରଣ ପ୍ରଶିକ୍ଷଣ ଶିବିର ସଫଳତାର ସହ ସମ୍ପନ୍ନ

ମାଲକାନଗିରି,୯/୦୮ (ନି.ପ୍ର): ମାଲକାନଗିରି ନିୟନ୍ତ୍ରିତ ବଜାର କମିଟି ସମ୍ମିଳନୀ କକ୍ଷଠାରେ ଆଗାମୀ ଖରିଫ ସମୟ ପାଇଁ ଚାଷୀ ପଞ୍ଜୀକରଣ ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ଆଂଚଳିକ ସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସଫଳତା ସହ ଅନୁଷ୍ଠିତ ହୋଇଯାଇଛି। ଏହି ତାଲିମ ଶିବିରରେ ମାଲକାନଗିରି ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଭାପତିତ୍ୱ କରିଥିଲେ। ସେହିପରି ସମବାୟ ସମିତି ସମୂହର ଉପ-ନିବନ୍ଧକ ଥିଓଫିଲ ସବର ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଚାଷୀ ପଞ୍ଜୀକରଣ ପ୍ରକ୍ରିୟାକୁ ସ୍ୱଚ୍ଛ, ସରଳ ଏବଂ ତ୍ରୁଟିଶୂନ୍ୟ କରିବା ପାଇଁ ବିଭିନ୍ନ ବୈଷୟିକ ଦିଗ ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ଏହି ସମାବେଶକୁ ସମ୍ବୋଧିତ କରି ଉପ-ଜିଲ୍ଲାପାଳ ନିଜ ଅଭିଭାଷଣରେ କହିଥିଲେ, 'ଚାଷୀ ପଞ୍ଜୀକରଣ ହେଉଛି ସମଗ୍ର ଧାନ ସଂଗ୍ରହ ପ୍ରକ୍ରିୟାର ମୂଳଦୁଆ। ଆସନ୍ତା ଖରିଫ ଋତୁରେ ଜିଲ୍ଲାର ପ୍ରତ୍ୟେକ ପ୍ରକୃତ ଚାଷୀ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୋଇ ସହଜରେ ନିଜର ନାମ ପଞ୍ଜୀକରଣ କରିପାରିବେ, ସେଥିପ୍ରତି ସମସ୍ତ କ୍ଷେତ୍ରୀୟ ଅଧିକାରୀ ଏବଂ ସମବାୟ କର୍ମଚାରୀ ସଜାଗ ରହିବା ଆବଶ୍ୟକ। ବୈଷୟିକ ତ୍ରୁଟି ଯୋଗୁଁ ଯେପରି କୌଣସି ଚାଷୀ ସରକାରୀ ସୁବିଧାରୁ ବଂଚିତ ନ ହୁଅନ୍ତି, ତାହା ନିଶ୍ଚିତ କରିବା ଆମ ସମସ୍ତଙ୍କର ପ୍ରାଥମିକ ଦାୟିତ୍ୱ।

ଏହି ଉଚ୍ଚସ୍ତରୀୟ କାର୍ଯ୍ୟକ୍ରମରେ ମାଲକାନଗିରି ଅଂଚଳର ବହୁ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରେ ବରିଷ୍ଠ ସହକାରୀ ସମବାୟ ସମିତି ସମୂହର ନିବନ୍ଧକ, ସହକାରୀ ନିବନ୍ଧକ ଏବଂ ସହକାରୀ ଜିଲ୍ଲା ଯୋଗାଣ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ପ୍ରଶିକ୍ଷଣ ପ୍ରଦାନ କରିବାରେ ସହଯୋଗ କରିଥିଲେ। ଏହା ବ୍ୟତୀତ ସମବାୟ ସମିତି ସମୂହର ପ୍ରାଥମିକ ସହକାରୀ ନିବନ୍ଧକ, ସମବାୟ ସମିତି ନିରୀକ୍ଷକ, ବଜାର ନିରୀକ୍ଷକ ଏବଂ ଅଂଚଳ ଅଧୀନରେ ଥିବା ସମସ୍ତ ବୃହତ ଆକାରର ବହୁମୁଖୀ ସମବାୟ ସମିତିର ପରିଚାଳନା ନିର୍ଦ୍ଦେଶକ ଓ ତଥ୍ୟ ପ୍ରବେଶକାରୀମାନେ ଏହି ଶିବିରରେ ସକ୍ରିୟ ଅଂଶଗ୍ରହଣ କରି ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ସମବାୟ ବିଭାଗ ଏବଂ ଖାଦ୍ୟ ଯୋଗାଣ ଓ ଗ୍ରାହକ କଲ୍ୟାଣ ବିଭାଗର ଅନ୍ୟାନ୍ୟ କ୍ଷେତ୍ରୀୟ ଅଧିକାରୀମାନେ ମଧ୍ୟ ଏହି ଆଲୋଚନାରେ ସାମିଲ ହୋଇ ଆଗାମୀ ଦିନରେ ସରକାରଙ୍କ ଦ୍ୱାରା ଜାରି ନିର୍ଦ୍ଦେଶାବଳୀକୁ ତୃଣମୂଳ ସ୍ତରରେ କିପରି ସଫଳତାର ସହ କାର୍ଯ୍ୟକାରୀ କରାଯିବ ସେ ନେଇ ସଂକଳ୍ପ ପ୍ରକାଶ କରିଥିଲେ।

# ସାମାନ୍ୟ ବର୍ଷା ଯୋଗୁଁ ଧରାପଡ଼ିଲା ଦେଓଗାଁ ବ୍ଲକରେ ଜଳ ଯୋଗାଣ ବିଭାଗ ପ୍ରକଳ୍ପ ନିର୍ମାଣରେ ବ୍ୟାପକ ଅନିୟମିତତା

ବଲାଙ୍ଗିର,୯/୦୮ (ନି.ପ୍ର): ଦେଓଗାଁ ବ୍ଲକରେ ଜଳ ଯୋଗାଣ ବିଭାଗ ପ୍ରକଳ୍ପ ନିର୍ମାଣରେ ବ୍ୟାପକ ଭାବରେ ଅନିୟମିତତା ହୋଇଥିବାର ଅଭିଯୋଗ ହୋଇଥିଲା । ନିଯୁକ୍ତି ପାଇଥିବା ଯନ୍ତ୍ରୀ ଠିକାଦାରଙ୍କ ସହ ଗୁପ୍ତ ବୁଝାମଣା କରିଥିବାରୁ କେଉଁଠି ନିର୍ମାଣ ନ ସରି ପାଚେରୀ ଭାଙ୍ଗି ଯାଉଛି ତ ଆଉ କେଉଁଠି ଷ୍ଟାଣ୍ଡ ପୋଷ୍ଟରୁ ଟ୍ୟାପ ଉଭାନ ହୋଇଯାଉଛି ତଥାପି ଜଳ ଯୋଗାଣ ବିଭାଗର କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗୁନଥିବାରୁ ଏବେ ନିର୍ମାଣଧୀନ ପମ୍ପ ଘର ଭାଙ୍ଗିଯାଇଛି ତାହା ପୁଣି ସାମାନ୍ୟ ବର୍ଷାରେ । ଦେଓଗାଁ ବ୍ଲକ ସିଂହାମୁଣ୍ଡା ପଂଚାୟତର ଲକ୍ଷ୍ମଣପୁର ଗାଁକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇ ଦେବା ପାଇଁ ୩୦ ଲକ୍ଷ ଟଙ୍କା ବ୍ୟୟରେ ଏକ ପ୍ରକଳ୍ପ ନିର୍ମାଣ କରାଯାଉଛି । ପାଇପ ପୋତା କାମ ସରିଥିବା ବେଳେ ପମ୍ପ ହାଉସ ନିର୍ମାଣ କାମ ଚାଲିଥିଲା । ତେବେ ପମ୍ପ ଘରଟି ଢିପରେ ନିର୍ମାଣ ନକରି ଖାଲରେ ନିର୍ମାଣ କରିଥିବାରୁ କେମିତି କାମ ହୋଇଛି ଏହି ଗୋଟିଏ ଲଘୁଚାପ ବର୍ଷା ଦେଖାଇଦେଇଛି । ତେବେ ଗାଁ ଲୋକେ ଏହି ସ୍ଥାନରେ ନିର୍ମାଣ ନକରି ଅନ୍ୟ ସ୍ଥାନରେ ଘର ଓ ଟାଙ୍କୀ ନିର୍ମାଣ କରିବାକୁ ଜଳ ଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀ ଓ ଠିକାଦାରଙ୍କୁ କହିଥିଲେ । ହେଲେ ଗାଁ ଲୋକଙ୍କ କଥାକୁ ନ ଶୁଣିବାରୁ ମୋଟର ଘରଟି ଦବି ଯାଇ ଏବେ ଭାଙ୍ଗିବାକୁ ବସିଛି । ଜଳଯୋଗାଣ ବିଭାଗର ବ୍ଲକ ଅଫିସରେ ତାଲା ଝୁଲୁଥିବାରୁ ଏନେଇ କନିଷ୍ଠ ଯନ୍ତ୍ରୀ ବନିତା ବେହେରାଙ୍କ ମୋବାଇଲକୁ ଯୋଗାଯୋଗ କଲେ ଫୋନ୍ ରିଂ ହେଉଥିଲେ ବି ଉଠାଉ ନଥିବାରୁ ପ୍ରତିକ୍ରିୟା ନେବା ସମ୍ଭବ ହୋଇପାରିନାହିଁ । ତେବେ ଦେଓଗାଁ ବିଡ଼ିଓ ପ୍ରିୟ ରଞ୍ଜନ କୁମାରଙ୍କୁ ପଚାରିବାରୁ ପ୍ରକଳ୍ପ ସ୍ଥଳକୁ ଯାଇ ଦେଖିବି ବୋଲି କହିଛନ୍ତି । ଏଣୁ ଏ ଦିଗରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ବର୍ଷା ହେଲେ ସ୍କୁଲ ଛାତରୁ ଗଳୁଛି ପାଣି: ପିଲାଙ୍କ ସୁରକ୍ଷାକୁ ନେଇ ସ୍କୁଲରେ ତାଲା ପକାଇଲେ ଅଭିଭାବକ

ମାଲକାନଗିରି,୯/୦୮ (ନି.ପ୍ର): ବର୍ଷା ହେଲେ ସ୍କୁଲ ଛାତରୁ ଗଳୁଛି ପାଣି। ପୁଣି ଆଉ କେଉଁଠି ଛାତରୁ ଖସୁଛି କଂକ୍ରିଟ୍। ଏଭଳି ବିପଦପୂର୍ଣ୍ଣ ପରିବେଶରେ ପାଠ ପଢୁଛନ୍ତି କୁନିକୁନି ପିଲା। ଶେଷରେ ପିଲାଙ୍କ ସୁରକ୍ଷାକୁ ନେଇ ଆତଙ୍କିତ ହୋଇ ସ୍କୁଲରେ ତାଲା ପକାଇଲେ ଅଭିଭାବକ। ଏଭଳି ଘଟଣା ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା ସଦରରେ ଥିବା ଚିଦାନନ୍ଦ ସରକାରୀ ପ୍ରାଥମିକ ବିଦ୍ୟାଳୟରେ। ଏହି ବିଦ୍ୟାଳୟରେ ପ୍ରଥମରୁ ପଂଚମ ଶ୍ରେଣୀ ପର୍ଯ୍ୟନ୍ତ ୬୨ ଜଣ ଛାତ୍ରଛାତ୍ରୀ ପଢୁଛନ୍ତି। ଦୟନୀୟ ଅବସ୍ଥା ସମ୍ପର୍କରେ ଗତ ତିନି ବର୍ଷ ଧରି ସିଆରସିସି, ବିଇଓ, ଏବିଇଓ ଓ ଡିଇଓଙ୍କ ସମେତ ବିଭିନ୍ନ ଉଚ୍ଚସ୍ତରୀୟ ଅଧିକାରୀଙ୍କୁ ଲିଖିତ ଭାବେ ସ୍କୁଲ କର୍ତ୍ତୃପକ୍ଷ ଜଣାଇ ଆସୁଥିଲେ ମଧ୍ୟ କୌଣସି ଫରକ୍ ପଡୁନଥିବା ଦେଖିବାକୁ ମିଳିଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ସ୍କୁଲର ମରାମତି ଦିଗରେ ଅଦ୍ୟାବଧି ଆବଶ୍ୟକ ପଦକ୍ଷେପ ନିଆଯାଇନଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ପିଲାଙ୍କ କିଛି ଅସୁବିଧା ହେଲେ କିଏ ଦାୟୀ ରହିବ ? ଶିକ୍ଷକ ବାଧ୍ୟ ହୋଇ ଜରି ପାଲ ତଳେ ପାଠ ପଢ଼ାଉଛନ୍ତି। କେବଳ ଏତିକିରେ ସରିନାହିଁ ସ୍କୁଲର ସମସ୍ୟା। ସ୍କୁଲରେ ନାହିଁ ଶୌଚାଳୟ ଓ ପିଇବା ପାଣିର ବ୍ୟବସ୍ଥା। ତେବେ ଏହି ସମସ୍ୟା ଗୁଡ଼ିକୁ ଉପରସ୍ଥ ଅଧିକାରୀଙ୍କୁ ବାରମ୍ବାର ଜଣାଇଲେ ମଧ୍ୟ ଏହାର କୌଣସି ସୁଫଳ ମିଳୁନାହିଁ। ତେଣୁ ପିଲାଙ୍କ ସୁରକ୍ଷା ଲାଗି ସ୍କୁଲ୍ ରୁମ ବଦଳରେ ବାହାରେ ଜରି ଟାଣି ପାଠ ପଢା ଯାଉଛି। ଯେ ପର୍ଯ୍ୟନ୍ତ ଶ୍ରେଣୀ ଗୃହ ମରାମତି ନ ହେବ ପିଲାମାନେ ଏମିତି ପାଠ ପଢ଼ିବେ ବୋଲି ଅବିଭାବକ ମାନେ ମତ ପ୍ରକାଶ କରିଛନ୍ତି। ବର୍ତମାନ ବର୍ଷାଋତୁରେ ସ୍କୁଲ ଛାତରୁ ପାଣି ଗଳିବା ସହ କଂକ୍ରିଟ୍ ଖସିବା ଏବଂ ଛାତର ଅନେକ ସ୍ଥାନ ଦୁର୍ବଳ ହୋଇପଡ଼ିଥିବାରୁ ଯେକୌଣସି ସମୟରେ ଅଘଟଣ ଘଟିବାର ଆଶଙ୍କା ରହିଛି। ନିଜ ପିଲାଙ୍କ ଜୀବନକୁ ବିପଦରେ ପକାଇ ସ୍କୁଲକୁ ପଠାଇବାକୁ ଅଭିଭାବକମାନେ ରାଜି ନହୋଇ ଆଜି ସ୍କୁଲରେ ତାଲା ପକାଇଛନ୍ତି। ତୁରନ୍ତ ସ୍କୁଲ କୋଠାର ମରାମତି କରାଯାଉ ଏବଂ ପିଲାଙ୍କ ପାଇଁ ସୁରକ୍ଷିତ ପାଠପଢ଼ା ପରିବେଶ ସୁନିଶ୍ଚିତ କରାଯାଉ ବୋଲି ଅଭଭାବକମାନେ ଦାବି କରିଛନ୍ତି। ଘଟଣା ସମ୍ପର୍କରେ ଖବର ପାଇବା ପରେ ମାଲକାନଗିରି ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଗୌରଙ୍ଗ ସଜ୍ଜନ ସ୍କୁଲରେ ପହଂଚି ଅଭିଭାବକମାନଙ୍କ ସହ ଆଲୋଚନା କରିଥିଲେ।

# ପିଏମ୍ ଶ୍ରୀ ଜେଏନ୍‌ଭି ଗୁରୁଜଙ୍ଗରେ ୫୩ତମ ରାଷ୍ଟ୍ରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ

ଖୋର୍ଦ୍ଧା,୯/୦୮ (ନି.ପ୍ର): ଗୁରୁଜଙ୍ଗସ୍ଥିତ ପିଏମ୍ ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ ପରିସରରେ ୫୩ତମ ରାଷ୍ଟ୍ରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ (ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ) – କଟକ କ୍ଲଷ୍ଟର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ବିଭିନ୍ନ ଜବାହର ନବୋଦୟ ବିଦ୍ୟାଳୟରୁ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କର ଉତ୍ସାହଭରା ଅଂଶଗ୍ରହଣ କାର୍ଯ୍ୟକ୍ରମକୁ ଉତ୍ସବମୁଖର କରିଥିଲା ।ଏହି ପ୍ରଦର୍ଶନୀରେ କଟକ କ୍ଲଷ୍ଟରର ୧୫ଟି ଜେଏନ୍ଭିରୁ ମୋଟ ୯୮ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ବିଜ୍ଞାନ, ଗଣିତ ଓ ପରିବେଶ ସମ୍ବନ୍ଧୀୟ ନବୀନ ମଡେଲ ଓ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଏହି ଆୟୋଜନ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ, ସୃଜନଶୀଳତା ଏବଂ ସମସ୍ୟା ସମାଧାନ କୌଶଳର ବିକାଶ ପାଇଁ ଏକ ଉତ୍କୃଷ୍ଟ ମଞ୍ଚ ସୃଷ୍ଟି କରିଥିଲା। କାର୍ଯ୍ୟକ୍ରମକୁ ଆଞ୍ଚଳିକ କାର୍ଯ୍ୟାଳୟ, ଭୁବନେଶ୍ୱରର ସହକାରୀ ଆୟୁକ୍ତ ଶ୍ରୀ ଏନ୍. ସି. କର ଉଦ୍ଘାଟନ କରିଥିଲେ। ସେ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କର ପ୍ରୟାସକୁ ପ୍ରଶଂସା କରି ବୈଜ୍ଞାନିକ ଉଦ୍ଭାବନ ଓ ସ୍ଥାୟୀ ବିକାଶର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମଟି ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ଏନ୍. ସି. ଚକ୍ରଙ୍କ ନେତୃତ୍ୱ ଓ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା।

ପ୍ରଦର୍ଶନୀରେ ନିମ୍ନଲିଖିତ ସାତଟି ପ୍ରମୁଖ ବିଷୟବସ୍ତୁ ଅନ୍ତର୍ଭୁକ୍ତ ଥିଲା ସ୍ଥାୟୀ କୃଷି ବର୍ଜ୍ୟବସ୍ତୁ ପରିଚାଳନା ଓ ପ୍ଲାଷ୍ଟିକର ବିକଳ୍ପ,- ସବୁଜ ଶକ୍ତି, ଉଦୀୟମାନ, ପ୍ରଯୁକ୍ତିବିଦ୍ୟ, ମନୋରଞ୍ଜନାତ୍ମକ ଗାଣିତି, ମଡେଲିଂ, ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା, ଜଳ ସଂରକ୍ଷଣ ଓ ପରିଚାଳନା ଆଦି ବିଷୟବସ୍ତୁ ଅନ୍ତର୍ଭୁକ୍ତ ଥିଲା ଏହା ସହିତ ସମକାଳୀନ ବୈଜ୍ଞାନିକ ଓ ପରିବେଶ ସମସ୍ୟା ଉପରେ ଛାତ୍ରଛାତ୍ରୀଙ୍କ ଚିନ୍ତାଧାରା ପ୍ରକାଶ ପାଇଁ ଏକ ସେମିନାର ପ୍ରତିଯୋଗିତା ମଧ୍ୟ ଆୟୋଜିତ ହୋଇଥିଲା। ପ୍ରଦର୍ଶିତ ମଡେଲ ଓ ସେମିନାର ଉପସ୍ଥାପନାଗୁଡ଼ିକୁ ପି.ଏନ୍. କଲେଜ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଏଡିଇଓ ବୌଦ୍ଧ ସହ ଅନ୍ୟାନ୍ୟ ପ୍ରତିଷ୍ଠିତ ଅନୁଷ୍ଠାନର ବିଶେଷଜ୍ଞମାନଙ୍କୁ ନେଇ ଗଠିତ ବିଚାରକ ମଣ୍ଡଳୀ ମୂଲ୍ୟାୟନ କରିଥିଲେ ।କାର୍ଯ୍ୟକ୍ରମର ସଫଳ ପରିଚାଳନାରେ ଏସ୍. କେ. ସାହୁ, ପିଜିଟି ପଦାର୍ଥ ବିଜ୍ଞାନ ଓ ଏଚ୍. ଏସ୍. ବେହେରା, ପିଜିଟି ରସାୟନ ବିଜ୍ଞାନ ସମନ୍ୱୟକ ଭାବେ ଦାୟିତ୍ୱ ପାଳନ କରିଥିବାବେଳେ ସାମଗ୍ରିକ ସମନ୍ୱୟ ଜେ. ଏସ୍. ମହାଳିକ, ପିଜିଟି ଇଂରାଜୀ ସୁଚାରୁ ଭାବେ ସମ୍ପାଦନ କରିଥିଲେ। ଛାତ୍ରଛାତ୍ରୀ, ଶିକ୍ଷକ, ବିଚାରକ, ଏସ୍କର୍ଟ ଷ୍ଟାଫ୍ ଓ ସ୍ୱେଚ୍ଛାସେବକମାନଙ୍କର ସକ୍ରିୟ ସହଯୋଗରେ ପ୍ରଦର୍ଶନୀଟି ସଫଳତାର ସହ ସମାପ୍ତ ହୋଇଥିଲା। ଏହା ଯୁବପିଢ଼ୀଙ୍କ ମଧ୍ୟରେ ବୈଜ୍ଞାନିକ ଅନୁସନ୍ଧାନ, ଦଳଗତ କାର୍ଯ୍ୟ, ଯୋଗାଯୋଗ କୌଶଳ, ପରିବେଶ ସଚେତନତା ଓ ନବୀନ ଚିନ୍ତାଧାରାର ବିକାଶ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଛି ।ଶେଷରେ ପିଏମ୍ ଜେଏନ୍ଭି ଗୁରୁଜଙ୍ଗ ପକ୍ଷରୁ ଏନ୍. ସି. କର, ଆଞ୍ଚଳିକ କାର୍ଯ୍ୟାଳୟ ଭୁବନେଶ୍ୱର, ସମସ୍ତ ସମ୍ମାନୀୟ ବିଚାରକ, ଅଂଶଗ୍ରହଣକାରୀ ବିଦ୍ୟାଳୟର ଅଧ୍ୟକ୍ଷମାନେ, ଶିକ୍ଷକ, ଏସ୍କର୍ଟ ଷ୍ଟାଫ୍, ଛାତ୍ରଛାତ୍ରୀ ଓ ଆୟୋଜନ କମିଟିର ସମସ୍ତ ସଦସ୍ୟଙ୍କୁ କାର୍ଯ୍ୟକ୍ରମର ସଫଳତା ପାଇଁ ଆନ୍ତରିକ କୃତଜ୍ଞତା ଜଣାଯାଇଛି।

## ଚାଇଲ୍ଡ ହେଲ୍ପ ଲାଇନ୍ ତରଫରୁ ଶିଶୁ ସୁରକ୍ଷା ଓ ସଚେତନତା କାର୍ଯ୍ୟକ୍ରମ

ବଲାଙ୍ଗିର,୯/୦୮ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ର ପିଏମ୍ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବଲାଙ୍ଗୀର ଠାରେ ଚାଇଲ୍ଡ ହେଲ୍ପ ଲାଇନ୍ ତରଫରୁ ଶିଶୁ ସୁରକ୍ଷା ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପିଏମ୍ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନୂତନ ନାଏକ୍ ଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟ ଆରମ୍ଭ କରାଗଲା। କାର୍ଯ୍ୟକ୍ରମରେ ଶିକ୍ଷକ ସମସ୍ତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ର ସାମାଜିକ କର୍ମୀ ଅରୁଣ ଖୁଆସ ମିଶନ ବାତ୍ସଲ୍ୟ ଯୋଜନା ଉପରେ ଆନୁଷ୍ଠାନିକ ଯତ୍ନ ଓ ଅଣ ଆନୁଷ୍ଠାନିକ ଯତ୍ନ ଉପରେ ଶିଶୁ ସୁରକ୍ଷା ଉପରେ ବିଭିନ୍ନ ଯୋଜନା ସମ୍ପର୍କରେ ଜଣାଇଥିଲେ। ଏହି ସଚେତନତା ସଭାରେ ଚାଇଲ୍ଡ ହେଲ୍ପ ଲାଇନ୍ ର ବସନ୍ତ ହରପାଲ କହିଲେ, ଅସୁରକ୍ଷିତ ଅବସ୍ଥାରେ ଥିବା ଶିଶୁ ମାନଙ୍କୁ ସୁରକ୍ଷା, ସାହାଯ୍ୟ କରିବାକୁ ଶିଶୁ ମାନଙ୍କ ନିମନ୍ତେ ଜରୁରୀ କାଳୀନ ଭିତିରେ ୧୦୯୮ ଚାଇଲ୍ଡ ହେଲ୍ପ ଲାଇନ ସର୍ଭିସେସ କୁ ଫୋନ୍ କରିବାକୁ ଜଣାଇଥିଲେ। ବାଲ୍ୟ ବିବାହ, ଶିଶୁ ଶ୍ରମିକ ରୋକିବାକୁ ମଧ୍ୟ ଜଣାଇଥିଲେ।

# ବନ ବିଭାଗ ପକ୍ଷରୁ ଇକୋ-ଟୁରିଜମ୍ ଉପରେ ଆଧାରିତ ରିଲ୍ ପ୍ରତିଯୋଗିତା: ଅଗଷ୍ଟ ୧୫ ରୁ ୨୫ ତାରିଖ ମଧ୍ୟରେ ଅପଲୋଡ୍ କରି ଜିତନ୍ତୁ ପୁରସ୍କାର

ମାଲକାନଗିରି,୯/୦୮ (ନି.ପ୍ର): ଜିଲ୍ଲାର ପ୍ରାକୃତିକ ସୌନ୍ଦର୍ଯ୍ୟ, ହ୍ରଦ, ଜୈବବିବିଧତା ଏବଂ ବନ୍ୟପ୍ରାଣୀ ସଂରକ୍ଷଣ ଭଳି ଇକୋ-ଟୁରିଜମ୍ କୁ ସାରା ବିଶ୍ୱରେ ପ୍ରଚାର କରିବା ପାଇଁ ମାଲକାନଗିରି ବନ ବିଭାଗ ପକ୍ଷରୁ ଏକ ବଡ଼ ସଚେତନତା ପଦକ୍ଷେପ ସ୍ୱରୂପ ଡିସ୍କୋଭର ମାଲକାନଗିରି ଇକୋ-ଟୁରିଜମ୍ ରିଲ୍ ପ୍ରତିଯୋଗିତାର ଘୋଷଣା କରାଯାଇଛି । ସ୍ଥାନୀୟ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ସତୀଗୁଡ଼ା ଇକୋ-ପାର୍କ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପାୱାର ପଏଂଟ ପ୍ରେଜେଣ୍ଟେସନ୍ ମାଧ୍ୟମରେ ଏହି ପ୍ରତିଯୋଗିତାର ସବିଶେଷ ତଥ୍ୟ ପ୍ରଦାନ କରାଯାଇଛି । ଏହି ପ୍ରତିଯୋଗିତାର ଗାଇଡଲାଇନ, ପୁରସ୍କାର ରାଶି ଏବଂ ସମସ୍ତ ବିଧିବଦ୍ଧ ନିୟମାବଳୀ ବନ ବିଭାଗର ଅଫିସିଆଲ ସୋସିଆଲ ମିଡିଆ ହ୍ୟାଣ୍ଡେଲ ଅମାଲକାନଗିରି ଡ଼ିଏଫଓ ରେ ଉପଲବ୍ଧ ହେବ । ଇନଫ୍ଲୁଏନ୍ସର ଏବଂ କଂଟେଂଟ କ୍ରିଏଟରମାନେ ସେମାନଙ୍କର ସୃଜନଶୀଳ ରିଲ୍ସ ଆସନ୍ତା ଅଗଷ୍ଟ ୧୫ ରୁ ୨୫ ତାରିଖ ମଧ୍ୟରେ ସୋସିଆଲ ମିଡିଆରେ ଅପଲୋଡ୍ କରିପାରିବେ । ଭିଡିଓ ପୋଷ୍ଟ କରିବା ସମୟରେ ଅଫିସିଆଲ୍ ହ୍ୟାସଟ୍ୟାଗ୍ ଡିସ୍କୋଭର ମାଲକାନଗିରି ବ୍ୟବହାର କରିବା ସହ ବନ ବିଭାଗକୁ ଟ୍ୟାଗ୍ କରିବା ବାଧ୍ୟତାମୂଳକ କରାଯାଇଛି ଏବଂ ସର୍ବୋତମ ପ୍ରଦର୍ଶନ କରିଥିବା କ୍ରିଏଟରମାନଙ୍କୁ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରାଯିବ। ଏହି ସୂଚନା ସମ୍ପର୍କରେ ଜିଲ୍ଲାର ପ୍ରତିଭାବାନ ସୋସିଆଲ ମିଡିଆ ଇନଫ୍ଲୁଏନ୍ସର ମାନଙ୍କ ଦ୍ୱାରା ଆୟୋଜିତ ଏକ ଜିଲ୍ଲାସ୍ତରୀୟ ବୈଠକରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା, ଯେଉଁଠାରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ୧୦୦ ରୁ ଉର୍ଦ୍ଧ୍ୱ ପ୍ରତିଭାବାନ ଇନଫ୍ଲୁଏନ୍ସର ଓ କଂଟେଂଟ କ୍ରିଏଟର ଏକାଠି ହୋଇଥିଲେ । ଇନଫ୍ଲୁଏନ୍ସରମାନଙ୍କ ଦ୍ୱାରା ଆୟୋଜିତ ଏହି ମଂଚରେ ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗ ପକ୍ଷରୁ ଯୋଗଦିଆଯାଇ ପ୍ରକୃତି ସୁରକ୍ଷା, ଆଂଚଳିକ କଳା-ସଂସ୍କୃତିର ପ୍ରସାର ଏବଂ ସରକାରୀ ଯୋଜନା ବିଷୟରେ ଏକ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବୈଠକରେ ବନ ବିଭାଗର ସହକାରୀ ବନ ସଂରକ୍ଷକ ମନସୁନ୍ ଖେମୁଣ୍ଡୁ ଯୋଗଦେଇ ଉପସ୍ଥିତ ସମସ୍ତ ଇନଫ୍ଲୁଏନ୍ସରମାନଙ୍କୁ ଜଙ୍ଗଲ ଓ ବନ୍ୟପ୍ରାଣୀ ସୁରକ୍ଷା ଦିଗରେ ନିଜର ସାମାଜିକ ଦାୟିତ୍ୱ ନିର୍ବାହ କରିବାକୁ ଆହ୍ୱାନ ଦେଇଥିଲେ। ଜିଲ୍ଲାରେ ବେଆଇନ କଇଁଛ ଚୋରା ଚାଲାଣ ରୋକିବା ଏବଂ ବନ୍ୟପ୍ରାଣୀଙ୍କ ପ୍ରତି ଦୟାଶୀଳ ମନୋଭାବ ରଖିବା ନେଇ ସମାଜରେ ସଚେତନତା ସୃଷ୍ଟି କରିବାକୁ ସେ ଅନୁରୋଧ କରିଥିଲେ। ଏହାସହ ସେ କହିଥିଲେ ଯେ, କେବଳ ଲାଇକ୍ ବା ଭିୟୁ ପାଇଁ ସମାଜ ଉପରେ ଖରାପ ପ୍ରଭାବ ପକାଉଥିବା କୌଣସି ବିଭ୍ରାନ୍ତିକର ରିଲ୍ସ କିମ୍ବା ପୋଷ୍ଟ ସୋସିଆଲ ମିଡିଆରେ ଅପଲୋଡ୍ କରନ୍ତୁ ନାହିଁ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ଇନଫ୍ଲୁଏନ୍ସରମାନଙ୍କୁ ଜିଲ୍ଲାରେ ଆସନ୍ତା ସ୍ୱାଧୀନତା ଦିବସ ଅବସରରେ ସାରା ଦେଶରେ ପାଳିତ ହେଉଥିବା ହର୍ ଘର ତ୍ରିରଙ୍ଗା କାର୍ଯ୍ୟକ୍ରମରେ ନିଜ ନିଜ ଡିଜିଟାଲ୍ ମାଧ୍ୟମରେ ସାମିଲ ହୋଇ ଜାତୀୟତା ବାର୍ତା ପ୍ରସାର କରିବା ପାଇଁ ସଚେତନ କରିଥିଲେ। ସରକାରଙ୍କ ବିଭିନ୍ନ ବିକାଶମୂଳକ ଓ ଜନକଲ୍ୟାଣକାରୀ ଯୋଜନା ଯେପରି ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଂଚିପାରିବ, ସେଥିପାଇଁ ନିଜ ସୃଜନଶୀଳ ଭିଡିଓରେ ସରକାରୀ ଯୋଜନାଗୁଡ଼ିକୁ ସକାରାତ୍ମକ ଭାବେ ଉପସ୍ଥାପନ କରିବାକୁ ସେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରଭାସ ସେଠୀ ପର୍ଯ୍ୟଟନସ୍ଥଳୀ ଗୁଡ଼ିକରେ ସ୍ୱାସ୍ଥ୍ୟକର ପରିବେଶ ଓ ସ୍ୱଚ୍ଛତା ବଜାୟ ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ। ପର୍ଯ୍ୟଟନର ଅଭିବୃଦ୍ଧି ସହ ସୁରକ୍ଷିତ ଖାଦ୍ୟ ଯୋଗାଣ ଅତି ଜରୁରୀ ବୋଲି ପ୍ରକାଶ କରି ସେ କହିଥିଲେ ଯେ, ଇନଫ୍ଲୁଏନ୍ସରମାନେ ସେମାନଙ୍କ ବ୍ଲଗ୍ କିମ୍ବା ଭିଡିଓ ମାଧ୍ୟମରେ ସ୍ଥାନୀୟ ହୋଟେଲ, ଷ୍ଟଲ୍ ଏବଂ ପର୍ଯ୍ୟଟକମାନଙ୍କୁ ସ୍ୱଚ୍ଛତା ଏବଂ ମିଶ୍ରିତ ଖାଦ୍ୟ ବର୍ଜନ କରିବା ବିଷୟରେ ସଚେତନ କରାଇଲେ, ମାଲକାନଗିରି ପର୍ଯ୍ୟଟନର ମାନ ଆହୁରି ସମୃଦ୍ଧ ହେବ।

# ଜବାହର ନବୋଦୟ ବିଦ୍ୟାଳୟରେ ଜିଲ୍ଲାପାଳଙ୍କ ନେତୃତ୍ୱରେ ସ୍ୱଚ୍ଛତା ସଚେତନତା ଅଭିଯାନ

ନୂଆପଡ଼ା,୯/୦୮ (ନି.ପ୍ର): ନୂଆପଡ଼ା ଜିଲ୍ଲାର ତରବୋଡ଼ସ୍ଥିତ ଜବାହର ନବୋଦୟ ବିଦ୍ୟାଳୟ (ଜେଏନଭି) ପରିସରରେ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ନେଇ ସ୍ୱଚ୍ଛତା, ପରିବେଶ ସୁରକ୍ଷା ଓ ଏକକ-ବ୍ୟବହାର ପ୍ଲାଷ୍ଟିକ୍ ବିରୋଧୀ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାପାଳ ମଧୁସୂଦନ ଦାଶ ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କୁ ସ୍ୱଚ୍ଛତା, ପରିବେଶ ସୁରକ୍ଷା, ପ୍ଲାଷ୍ଟିକ୍ର କୁପ୍ରଭାବ ଏବଂ ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା ସମ୍ପର୍କରେ ସଚେତନ କରିଥିଲେ। ସ୍ୱଚ୍ଛ ଓ ସୁସ୍ଥ ପରିବେଶ ଗଠନରେ ଛାତ୍ରଛାତ୍ରୀମାନେ 'ପରିବର୍ତ୍ତନର ଦୂତ' ଭାବେ ନିଜ ପରିବାର ଓ ସମାଜକୁ ପ୍ରେରିତ କରିବାକୁ ସେ ଆହ୍ୱାନ ଦେଇଥିଲେ ।ଜିଲ୍ଲାପାଳ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ କର୍ମଚାରୀମାନଙ୍କୁ ବିଦ୍ୟାଳୟ ପରିସରରେ ସ୍ୱଚ୍ଛତା ଓ ପରିବେଶ ସୁରକ୍ଷା ମାନଦଣ୍ଡର କଡ଼ାକଡ଼ି ଅନୁପାଳନ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ନିଷିଦ୍ଧ ଏକକ-ବ୍ୟବହାର ପ୍ଲାଷ୍ଟିକ୍ର ବ୍ୟବହାର ଓ ପ୍ରବେଶ ରୋକିବା, ଉତ୍ସସ୍ଥଳରୁ ବର୍ଜ୍ୟବସ୍ତୁ ପୃଥକୀକରଣ ଏବଂ ବର୍ଜ୍ୟବସ୍ତୁର ଉପଯୁକ୍ତ ପରିଚାଳନା ଓ ନିଷ୍କାସନ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ କହିଥିଲେ ।ବିଦ୍ୟାଳୟ ପରିସରକୁ ଏକ ଆଦର୍ଶ 'ଏସୟୁପି ଫ୍ରି ଏବଂ ସ୍ୱଚ୍ଛ ପରିସର' ଭାବେ ବିକଶିତ କରିବା ସହ ଏହି ଅଭିଯାନରେ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ ଓ କର୍ମଚାରୀଙ୍କ ସକ୍ରିୟ ସହଯୋଗ ନିଶ୍ଚିତ କରିବାକୁ ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ ।କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ଲମ୍ବୋଦର ଧରୁଆ, ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତି ଏବଂ ଜିଲ୍ଲା ସ୍ୱଚ୍ଛ ସଂଯୋଜକ ଅନିଲ କୁମାର ଲେଙ୍କାଙ୍କ ସମେତ ବିଦ୍ୟାଳୟର ଶିକ୍ଷକ, କର୍ମଚାରୀ, ଛାତ୍ରଛାତ୍ରୀ ଓ ଅଭିଭାବକ ଉପସ୍ଥିତ ଥିଲେ।

# ବାଲେଶ୍ୱର ଜିଲ୍ଲା ରକ୍ତଦାତା ସଂଘର ବାର୍ଷିକ ସମ୍ମିଳନୀ




ବାଲେଶ୍ୱର, ୯/୮ (ନି.ପ୍ର): ରକ୍ତଦାନ କରି ଅନ୍ୟଜଣକ ଜୀବନ ରକ୍ଷା କରିବାଭଳି ମହତ କାର୍ଯ୍ୟର ପୁଣ୍ୟ କେବଳ ରକ୍ତଦାତାମାନଙ୍କୁ ହିଁ ମିଳିଥାଏ। 'ଭେନ୍ୟା ପାରାଡାଇଜ୍' ସଭାଗୃହରେ ବାଲେଶ୍ୱର ଜିଲ୍ଲା ରକ୍ତଦାତା ସଂଘର ଜିଲ୍ଲାସ୍ତରୀୟ ବାର୍ଷିକ ସମ୍ମିଳନୀରେ ଅତିଥି ଓ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି ଉତ୍ସବରେ ସଂଘର ସଭାପତି କମଳ ଚକ୍ରବର୍ତ୍ତୀ ଅଧ୍ୟକ୍ଷତା କରିଥିଲେ। ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ସମ୍ମିଳନୀକୁ ଉଦ୍‌ଘାଟନ କରି ସମଗ୍ର ରାଜ୍ୟରେ ବାଲେଶ୍ୱର ଜିଲ୍ଲା ରକ୍ତଦାନ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଛି ବୋଲି ସେମାନେ ମତ ଦେଇଥିଲେ। ଇଂ. ଡ. ହୃଷିକେଶ ସାହୁ ସଂପାଦକୀୟ ବିବରଣୀ ପାଠ କରିଥିଲେ। ଗତ ୨୦୨୫ ମସିହାରେ ବାଲେଶ୍ୱର ରକ୍ତ କେନ୍ଦ୍ର ଜରିଆରେ ୪୬୫ଟି ରକ୍ତଦାନ ଶିବିର ଜରିଆରେ ମୋଟ ୨୭,୬୬୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇ ପାରିଥିଲା। ସେହିପରି ନୀଳଗିରି ରକ୍ତ କେନ୍ଦ୍ର ଜରିଆରେ ୪୫ଟି ଶିବିରରୁ ଦୁଇହଜାର ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ରକ୍ତଦାନ ଶିବିର ଆୟୋଜକ ଓ ରକ୍ତଦାତାମାନଙ୍କୁ ସମ୍ମିଳନୀ ଅବସରରେ ଶ୍ରୀ ସାହୁ ଶୁଭେଚ୍ଛା ଓ ଧନ୍ୟବାଦ ଜଣାଇଥିଲେ। ସଂଘର ବାର୍ଷିକ ମୁଖପତ୍ର 'ସ୍ପନ୍ଦନ'କୁ ଅତିଥିମାନେ ଲୋକାର୍ପଣ କରିଥିଲେ। ଗତ ୨୦୧୨ ମସିହାରୁ ରକ୍ତଦାତା ସଂଘର ଜିଲ୍ଲାସ୍ତରୀୟ ସମ୍ମିଳନୀ ସହ ବିଶ୍ୱ ରକ୍ତଦାତା ଦିବସ ଓ ଜାତୀୟ ରକ୍ତଦାନ ଦିବସ ପାଳନ ହୋଇଆସୁଛି। ପ୍ରତି ପରିବାରୁ ସର୍ବନିମ୍ନ ଜଣେ ସ୍ୱେଚ୍ଛାକୃତ ରକ୍ତଦାତା ସୃଷ୍ଟି କରିବା ହିଁ ଜିଲ୍ଲା ରକ୍ତଦାତା ସଂଘର ଉଦ୍ଦେଶ୍ୟ ବୋଲି ଶ୍ରୀ ସାହୁ କହିଥିଲେ। ରକ୍ତଦାନ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥି ଓ ବକ୍ତାଭାବେ ବାଲେଶ୍ୱରର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବସ୍ତା ବିଧାୟିକା ସୁବାସିନୀ ଜେନା, ସଦର ବିଧାୟକ ମାନସ କୁମାର ଦତ୍ତ ଓ ଜିଲ୍ଲା ରକ୍ତ କେନ୍ଦ୍ର ଅଧିକାରୀ ଡା. ବସନ୍ତ ଉପାଧ୍ୟାୟ ପ୍ରମୁଖ ଯୋଗଦେଇ ରକ୍ତଦାତା ସଂଘର କାର୍ଯ୍ୟଧାରାକୁ ଉଚ୍ଚପ୍ରଶଂସା କରିଥିଲେ। ରାଜେଶ ଗିରି ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିବାବେଳେ ଗୌରାଙ୍ଗ ପାଣିଗ୍ରାହୀ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ପୁରସ୍କାର ପ୍ରଦାନ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ମନୋରଂଜନ ଦାସ ସଂଯୋଜନା କରିଥିଲେ। ଦେବାଶିଷ ପାଣି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ପ୍ରଫୁଲ୍ଲ କୁମାର ଦାସ, ଶ୍ୟାମ ସୁନ୍ଦର ଜେନା, ଗଙ୍ଗାଧର ପୃଷ୍ଟି, ଲକ୍ଷ୍ମୀଧର ବାରିକ, ସୁବ୍ରତ କୁମାର ରଣା, ଆଶ୍ରିତା ତରେଇ, ସୁମନ୍ତ କୁମାର ଜେନା, ରବୀନ୍ଦ୍ର ନାଥ ଗିରି, ଯଶୋଦା ନନ୍ଦନ ଆଶ୍, ମୁକ୍ତାର ଅହମ୍ମଦ, ଜିତେନ୍ଦ୍ର କୁମାର ଦାଶ, ସିମନ ଦାସ ମହାପାତ୍ର, ଦିଲ୍ଲୀପ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଆରଜି କର ଦୁଷ୍କର୍ମ ...

ତାଙ୍କ ଝିଅ ସହିତ ହୋଇଥିବା ଅମାନବୀୟ ଘଟଣାର ପୁନଃ ତଦନ୍ତ କରିବାକୁ ଅନୁରୋଧ କରିଥିଲେ। ମୁଖ୍ୟ ସଚିବ ଓ ବିଶେଷଜ୍ଞଙ୍କ ଏକ ଦଳ ସହିତ ବ୍ୟାପକ ଆଲୋଚନା ପରେ, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର କମିଶନ ଆଇନ, ୧୯୫୨ ଅନୁଯାୟୀ ନୂତନ ଭାବେ ତଦନ୍ତ କରିବାକୁ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ଅଧିକାରୀ ଅଭିଯୋଗ କରିଛନ୍ତି ଯେ, ପୁଲିସ ଏହି ମାମଲାରେ ସଠିକ୍ ଭାବରେ ସେମାନଙ୍କର କର୍ତ୍ତବ୍ୟ ପାଳନ କରିବାରେ ବିଫଳ ହୋଇଥିଲା। ମୁଖ୍ୟମନ୍ତ୍ରୀ ପୀଡିତାଙ୍କ ଶବଦାହ ସମୟରେ ହୋଇଥିବା ଅଭିଯୋଗର ପୃଥକ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଓ ଦାୟୀ ଲୋକଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ଧାନ ସଂଗ୍ରହ ପାଇଁ ପଞ୍ଜୀକରଣ...

ବିନା କୃଷକ ପଞ୍ଜୀକରଣ ଆଇଡିରେ ମଧ୍ୟ ଚାଷୀ ପଞ୍ଜୀକରଣ କରିପାରିବ। ଜମି ପଟ୍ଟାର ଆରଓଆର ଦେଲେ ଦୁଇ ଦିନ ଭିତରେ ଆଇଡି ମିଳିଯିବ। ମାଲିକଙ୍କ ଉପସ୍ଥିତି ନହେଲେ ମଧ୍ୟ ସରକାର ଏକ ଆପ୍ଲିକେସନ୍ ଆଣୁଛନ୍ତି। ଆବଶ୍ୟକ କାଗଜ ପାତ୍ର ଦାଖଲ କରି ଭାଗ ଚାଷୀ ପଞ୍ଜୀକରଣ କରିପାରିବେ। ପଞ୍ଜୀକରଣ ଅଗଷ୍ଟ ୩୧ ଯାଏଁ ରହିଛି, ଆବଶ୍ୟକ ହେଲେ ବୃଦ୍ଧି କରାଯିବ। ବିରୋଧୀଙ୍କ ଅଭିଯୋଗ ଭିତିହୀନ, ସରକାର ସମସ୍ତ ଚାଷୀଙ୍କଠୁ ଧାନ ସଂଗ୍ରହ କରିବେ।

# କଂଗ୍ରେସ ପକ୍ଷରୁ କ୍ରାନ୍ତି ଦିବସ ପାଳିତ

ଭୁବନେଶ୍ୱର, ୯/୮ (ନି.ପ୍ର): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ରବିବାର ପବିତ୍ର ଅଗଷ୍ଟ-୯ କ୍ରାନ୍ତି ଦିବସ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଭକ୍ତ ଚରଣ ଦାସଙ୍କ ଅଧ୍ୟକ୍ଷତାରେ କଂଗ୍ରେସ ଭବନ, ଭୁବନେଶ୍ୱର ଠାରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳେ କଳ୍ପନା ଛକ ରାଜ୍ୟ ସଂଗ୍ରହାଳୟ ସମ୍ମୁଖସ୍ଥ ସହୀଦ ସ୍ମୃତି ସ୍ତମ୍ଭରେ ପିସିସି ସଭାପତି ଶ୍ରୀ ଦାସଙ୍କ ସମେତ କଂଗ୍ରେସ ନେତୃବୃନ୍ଦ ମାଲ୍ୟାର୍ପଣ କରିଥିଲେ। ପରେ କଂଗ୍ରେସ ଭବନ ପରିସରରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

# ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଓ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଆୟୋଜନ ନେଇ ବିଜେପିର ପ୍ରସ୍ତୁତି ବୈଠକ



ନୀଳଗିରି, ୯/୮ (ନି.ପ୍ର): ଆଜି ଭାରତୀୟ ଜନତା ପାର୍ଟି, ନୀଳଗିରି ତରଫରୁ ୮୦ତମ ସ୍ୱାଧୀନତା ଦିବସ ଉପଲକ୍ଷେ ତ୍ରିରଙ୍ଗା ଶୋଭାଯାତ୍ରା କାର୍ଯ୍ୟକ୍ରମ ପାଇଁ ବିଧାନସଭା ସ୍ତରୀୟ ପ୍ରସ୍ତୁତି ବୈଠକ ନୀଳଗିରିଠାରେ ଅନୁଷ୍ଠିତ ହୋଇଯାଇଅଛି। ସାଧାରଣ ନାଗରିକ ଏବଂ ଭାରତର ଭବିଷ୍ୟତ ଅମୃତ ପିଢ଼ିଙ୍କ ଭିତରେ ରାଷ୍ଟ୍ରପ୍ରେମକୁ ଜାଗ୍ରତ କରିବାପାଇଁ ଆଗାମୀ ୧୩ତାରିଖରେ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଓ ୧୧ରୁ ୧୪ ତାରିଖ ପର୍ଯ୍ୟନ୍ତ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ କରିବାପାଇଁ ଯୋଜନା ପ୍ରସ୍ତୁତ ହୋଇଅଛି । ଭାରତୀୟ ଜନତାପାର୍ଟି ତରଫରୁ ଏହି କାର୍ଯ୍ୟକ୍ରମରେ ବିଜେପି ଜିଲ୍ଲା ଉପସଭାପତି କରୁଣାକର ପଣ୍ଡା, ସାଧାରଣ ସମ୍ପାଦକ ଚନ୍ଦ୍ରଶେଖର ନନ୍ଦ,ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ସମରଶଙ୍କର କାନୁନଗୋ, ଯୁବମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବାଶିଷ ଆଚାର୍ଯ୍ୟ, ବରିଷ୍ଠ ସଦସ୍ୟ ମନୀନ୍ଦ୍ର ରାଉତ, ମନୋରଞ୍ଜନ ମହାନ୍ତି, ନଗର ମଣ୍ଡଳ ସଭାପତି ସୂର୍ଯ୍ୟକାନ୍ତ ବିଶ୍ୱାଳ,ରତିକାନ୍ତ ବେହେରା, ରମାକାନ୍ତ ବେହେରା,ରତିକାନ୍ତ ସିଂ ଏବଂ ଯୁବମୋର୍ଚ୍ଚାର ସମସ୍ତ ମଣ୍ଡଳ ସଭାପତି ଉପସ୍ଥିତ ଥିଲେ।

# ବଡ଼ସାହି ମହାବିଦ୍ୟାଳୟ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ପୁର୍ନଗଠନ

ବଡ଼ସାହି , ୯/୮ (ନି.ପ୍ର): ବଡ଼ସାହି ପଞ୍ଚାୟତ ସମିତି ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ଛତିଶ କୁମାର ଦାସଙ୍କ ସଭାପତିତ୍ୱରେ ସରକାରଙ୍କ ନିୟମାନୁସାରେ(ଚିଠି ନମ୍ବର ୪୦୮୯୫/ତା ୨୮. ୦୭. ୨୦୨୬) ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ପୁର୍ନଗଠନ ହୋଇଯାଇଅଛି। ଏଥିରେ ଡ଼ ରିତୁଲତା ବିଶ୍ୱାଳ ପ୍ରିଜାଇଡିଂ ଅଫିସର ଭାବରେ ଉପସ୍ଥିତ ରହି ବୈଠକର ଆରମ୍ଭ, କାର୍ଯ୍ୟବିବରଣୀ ସହ ସ୍ୱାଗତ ଭାଷଣ ରଖିଥିଲେ। କମିଟିର ସଦସ୍ୟ ଅଧ୍ୟାପକ ବିନୋଦ କୁମାର ପରିଡ଼ା ଓ.ଉ.ଉ କମିଟି ସମ୍ବନ୍ଧୀୟ ସଂସ୍ଥାର ଆଇନ୍ ନୀତିର ଗୁରୁତ୍ୱ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇଥିଲେ। କମିଟିର ସଦସ୍ୟ ଥିବା ଅଣଶିକ୍ଷକ କର୍ମଚାରୀ ସୁବାସ ଚନ୍ଦ୍ର ବେହେରା ସମସ୍ତ ଛାତ୍ରଛାତ୍ରୀ ଓ କର୍ମଚାରୀ ବୃନ୍ଦଙ୍କ ସୁରକ୍ଷା ନିମନ୍ତେ ଆଭ୍ୟନ୍ତରୀଣ କମିଟି ର କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ଅଧ୍ୟକ୍ଷଙ୍କ ଅନୁମୋଦନ କ୍ରମେ ଏହି କମିଟିରେ ନୂତନ ସଦସ୍ୟ ଭାବେ ଅଧ୍ୟାପିକା ମିସ୍ ସ୍ୱର୍ଣ୍ଣକାନ୍ତା ମହୋଦୟା ଓ ଆଇନଜୀବୀ ପ୍ରଭାସ ଚନ୍ଦ୍ର ଭୋଇଙ୍କୁ ମନୋନୀତ କରାଯାଇଅଛି। ତତ୍‌ସହିତ ସମସ୍ତ ଛାତ୍ରଛାତ୍ରୀଙ୍କ ସର୍ବସମ୍ମତି କ୍ରମେ ଦୁଇଜଣ ଛାତ୍ରୀଙ୍କୁ ସଦସ୍ୟ ଭାବରେ ମନୋନୀତ କରାଯାଇଥିଲା। ଏହି ବୈଠକରେ ଗଣିତ ବିଭାଗର ପ୍ରାଧ୍ୟାପକ ଫକୀର ଚରଣ ସାହୁ, ଅଧ୍ୟାପକ ପ୍ରଦ୍ୟୁମ୍ନ କୁମାର ସାଥୁଆ, ଶୈଳେଶ୍ ବେହେରା, ଅନିରୁଦ୍ଧ ପଣ୍ଡା, ପାର୍ଥସାରହୀ ବିଶ୍ୱାଳ, ଶ୍ରବଣ ମହାପାତ୍ର, ଗୁଲୁ ସୋରେନ୍, ବିମଲ୍ କାରୁଆ ଆଦି ଅଧ୍ୟାପକ ବୃନ୍ଦ ଓ ଅଣଶିକ୍ଷକ କର୍ମଚାରୀ କମିଟିର ସଦସ୍ୟ ମଞ୍ଜୁଳା ମହାପାତ୍ର, ସତ୍ୟବ୍ରତ ମହାନ୍ତ, ଡେମନ୍‌ଷ୍ଟ୍ରେଟର ରଞ୍ଜିତା ପରିଡ଼ା, ରଞ୍ଜିତା ସାହୁ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ଓଡ଼ିଆ ବିଭାଗର ଅଧ୍ୟାପିକା ମିସ୍ ସ୍ୱର୍ଣ୍ଣକାନ୍ତା ଧନ୍ୟବାଦ ଅର୍ପଣ କରିଥିଲେ।

# ବନ୍ଦର ଜିପିଏମ ଶ୍ରମିକଙ୍କ ମଜୁରୀ ଟଙ୍କା ବୃଦ୍ଧି



ପାରାଦୀପ, ୯/୮ (ନି.ପ୍ର): ପାରାଦ୍ୱୀପ ପୋର୍ଟ ଓ୍ୱାର୍କର୍ସ ୟୁନିୟନ ଏବଂ ପାରାଦ୍ୱୀପ ଷ୍ଟିଭେଡୋରସ ଆସୋସିଏସନ ମଧ୍ୟରେ ଆଜି ଜିପିଏମ ଶ୍ରମିକ ମାନଙ୍କର ବର୍ଦ୍ଧିତ ମଜୁରୀ ସମ୍ବନ୍ଧୀୟ ଚୁକ୍ତିନାମା ସ୍ୱାକ୍ଷରୀତ ହୋଇଛି। ଜିପିଏମ ଶ୍ରମିକ ମାନଙ୍କର ମଜୁରୀ ମୂଳ ମଜୁରୀ ସହିତ ୪ ହଜାର ୮ ଶହ ଟଙ୍କା ରୁ ଉର୍ଦ୍ଧ ବୃଦ୍ଧି କରାଯାଇଛି। ଆଗରୁ ସମସ୍ତ ଶ୍ରମିକ ପାଉନଥିବା ଘରଭଡା ଭତ୍ତା ବାବଦକୁ ୨ ହଜାର ଟଙ୍କା ସମସ୍ତ ଶ୍ରମିକ ମାନଙ୍କୁ ପ୍ରଦାନ କରିବା, ଅବସର ପ୍ରାପ୍ତ ଶ୍ରମିକ ମାନଙ୍କୁ ଗ୍ରାଚୁଇଟି ପ୍ରଦାନ କରିବା, କାର୍ଯ୍ୟ କ୍ଷେତ୍ରରେ ଆହତ ଶ୍ରମିକଙ୍କର ମଜୁରୀ ସହିତ ଚିକିତ୍ସା ଖର୍ଚ୍ଚ ବହନ କରିବା ଏବଂ ଏହା ସହିତ ଅନ୍ୟାନ୍ୟ ଦାବୀ ଉପରେ ଆଲୋଚନା କରାଯାଇ ନିଷ୍ପତି ନିଆଯାଇଛି। ଶିଳ୍ପ ସମନ୍ୱୟ ରକ୍ଷା କରିବା ଏବଂ ଶ୍ରମିକମାନଙ୍କୁ ଉଚିତ ଏବଂ ସଠିକ ସମୟରେ କ୍ଷତିପୂରଣ ପ୍ରଦାନ କରିବା ସହିତ ପାରାଦୀପ ବନ୍ଦରର ସୁଗମ ତଥା ଦକ୍ଷ କାର୍ଯ୍ୟକୁ ସୁରକ୍ଷିତ ରଖିବା ପାଇଁ ଉଭୟ ୟୁନିୟନ ଏବଂ ଆସୋସିଏସନ୍ ସେମାନଙ୍କର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି । ପାରାଦୀପ ବନ୍ଦର ଓ୍ୱାର୍କର୍ସ ୟୁନିୟନ ର ସଭାପତି ତଥା ସାଂସଦ ଡ଼କ୍ଟର ବିଭୂ ପ୍ରସାଦ ତରାଇ କହିଛନ୍ତି, 'ଜିପିଏମ୍ କର୍ମଚାରୀଙ୍କ ଅବଦାନ ହେଉଛି ବନ୍ଦର କାର୍ଯ୍ୟର ମେରୁଦଣ୍ଡ। ଆମେ ଆଶା କରୁଛୁ ଯେ ଏହି ଆଲୋଚନା ଏକ ମଜୁରୀ ସମାଧାନର କାରଣ ହେବ ଯାହା ସେମାନଙ୍କର କଠିନ ପରିଶ୍ରମ ଏବଂ ନିଷ୍ଠାକୁ ସମ୍ମାନ କରେ।' ଉକ୍ତ ବୈଠକରେ ଶ୍ରମିକ ସଙ୍ଘର ସଭାପତି ଡଃ ତରାଇଙ୍କ ସମେତ ୟୁନିୟନର ସାଧାରଣ ସମ୍ପାଦକ ନୃସିଂହ ପ୍ରସାଦ ଶତପଥି, କାର୍ଯ୍ୟକାରୀ ସଭାପତି ଅନନ୍ତ କୁମାର ଦାସ, ଉପସଭାପତି ଗୁଣନିଧି ଚୌଧୁରୀ, ସହସାଧାରଣ ସମ୍ପାଦକ ବିପ୍ଳବ କୁମାର ଜେନା, ତଥା କୋଷାଧ୍ୟକ୍ଷ ବ୍ରିଜେଶ କୁମାର ଲେଙ୍କାଙ୍କ ସହିତ ଜିପିଏମ ଶ୍ରମିକ ବିରଞ୍ଚି ନାରାୟଣ ସୁନ୍ଦରାୟ, ଲିଙ୍ଗରାଜ ନାୟକ, ଭରତ ମଲ୍ଲୀକ, ବ୍ରହ୍ମାନନ୍ଦ ରାଉତ, ତାପସ ମଲ୍ଲିକ, ସୁଶାନ୍ତ ନାୟକ ଓ ନୃସିଂହ ନାୟକ ଏହି ବୈଠକରେ ଉପସ୍ଥିତଥିଲେ ।ପାରାଦ୍ୱୀପ ଷ୍ଟିଭେଡୋରସ ଆସୋସିଏସନର ସଭାପତି ମହିମାନନ୍ଦ ମିଶ୍ର କହିଛନ୍ତି ଯେ ଆମେ ଆମର ଶ୍ରମିକମାନଙ୍କୁ ଗୁରୁତ୍ୱ ଦେଉଛୁ ଏବଂ ପାରସ୍ପରିକ ଗ୍ରହଣୀୟ ସମାଧାନରେ ପହଞ୍ଚିବା ପାଇଁ ପ୍ରତିଶୃତିବଦ୍ଧ, ଯାହା କାର୍ଯ୍ୟକ୍ଷେତ୍ରର ସ୍ଥିରତା ସହିତ ଶ୍ରମିକ କଲ୍ୟାଣକୁ ସନ୍ତୁଳିତ କରିଥାଏ। ସଭାପତିଙ୍କ ବ୍ୟତୀତ ସଚିବ ଅନ୍ତର୍ଯ୍ୟାମୀ ପଟ୍ଟନାୟକ ଏବଂ ଅନ୍ୟ ଷ୍ଟିଭେଡୋରସ୍ ମାନଙ୍କ ମଧ୍ୟରେ ଅକ୍ଷୟ କୁମାର ସୁତାର, ପ୍ରଭାତ ନନ୍ଦୀ, ପ୍ରଦୀପ ବୋଷ ପ୍ରମୁଖ ମଧ୍ୟ ଏହି ବୈଠକରେ ଉପସ୍ଥିତଥିଲେ ।ତେବେ ଏହି ବର୍ଦ୍ଧିତ ମଜୁରୀ କୁ ନେଇ ଜିପିଏମ ର ସମସ୍ତ ଶ୍ରମିକଙ୍କ ମଧ୍ୟରେ ଖୁସିର ମାହୋଲ ଖେଳିଯାଇଥିଲା ।ଶ୍ରମିକ ମାନେ ୟୁନିୟନ ସଭାପତି ତଥା ସାଂସଦ ଡଃ ତରାଇଙ୍କୁ ସମସ୍ତ ଶ୍ରେୟ ଦେବା ସହିତ ଅନ୍ୟ କର୍ମକର୍ତ୍ତା ଙ୍କ ଆନ୍ତରିକ ସହଯୋଗ ରହିଥିବା କହିଛନ୍ତି ।ଏନେଇ ଆଜି ସନ୍ଧ୍ୟାରେ ୟୁନିୟନ କାର୍ଯ୍ୟାଳୟ ଠାରେ ଶ୍ରମିକ ମାନେ ସଭାପତିଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରିୟ ଦେଇ ସମ୍ବର୍ଦ୍ଧିତ କରିବା ସହିତ ଶୁଭେଚ୍ଛା ଜଣାଇଥିଲେ।

# ଡାକ କର୍ମଚାରୀ ସଂଘର ରାଜ୍ୟସ୍ତରୀୟ ସମ୍ମିଳନୀ



ବାଲେଶ୍ୱର, ୯/୮ (ନି.ପ୍ର): ଓଡ଼ିଶା ରାଜ୍ୟସ୍ତରୀୟ ଡାକ କର୍ମଚାରୀ ସଂଘର ୩ୟ ଶ୍ରେଣୀ କର୍ମଚାରୀମାନଙ୍କର ୧୩ତମ ଦ୍ୱିବାର୍ଷିକ ସମ୍ମିଳନୀ ଓ ବାଲେଶ୍ୱର ଡିଭିଜନ୍‌ର ୩ୟ ଶ୍ରେଣୀ ପୋଷ୍ଟମ୍ୟାନ୍, ଏମ୍‌ଟିଏସ୍ କର୍ମଚାରୀ ସଂଘର ମିଳିତ ସମ୍ମିଳନୀ ସ୍ଥାନୀୟ ଗାନ୍ଧିସ୍ମୃତି ଭବନ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଦୁଇଦିନିଆ ସମ୍ମିଳନୀର ଉଦ୍‌ଘାଟନ ଉତ୍ସବ ଦିନ ପ୍ରତିନିଧି ଅଧିବେଶନରେ ଆସନ୍ତା ଦୁଇବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସଂଘର ସଭାପତି ଶିବାନନ୍ଦ ଦାଶ, ସଂପାଦକଭାବେ ରାଜେଶ ବହିଦାର ଓ କୋଷାଧ୍ୟକ୍ଷ ଭାବେ ସୁରଥ ଖୁଣ୍ଟିଆ ନିର୍ବାଚିତ ହୋଇଥିବାବେଳେ ବାଲେଶ୍ୱର ଡିଭିଜନ୍‌ର ୩ୟ ଶ୍ରେଣୀ ଡାକ କର୍ମଚାରୀ ସଂଘର ସଭାପତି ଅଜୟ ନାରାୟଣ ଦାସ, ସଂପାଦକ କାର୍ତ୍ତିକ ଚନ୍ଦ୍ର ଦାସ ଓ କୋଷାଧ୍ୟକ୍ଷ ଭାବେ ଦୈପନ ସାହୁ ଏବଂ ପୋଷ୍ଟମ୍ୟାନ୍ ସଂଘର ସଭାପତି ଭାବେ ଭାସ୍କରଚନ୍ଦ୍ର ମଲ୍ଲିକ, ସଂପାଦକ ଭାବେ ରବିନାରାୟଣ ସାହୁ ଓ କୋଷାଧ୍ୟକ୍ଷ ଭାବେ ଗୋବିନ୍ଦ ଚନ୍ଦ୍ର ଘୋଷ ସର୍ବସମ୍ମତ କ୍ରମେ ନିର୍ବାଚିତ ହୋଇଛନ୍ତି। ରବିବାରଦିନ ଉଦ୍‌ଯାପନ ଉତ୍ସବର ଖୋଲା ଅଧିବେଶନରେ ପୂର୍ବତନ ବିଧାୟକ ତଥା ବରିଷ୍ଠ ଶ୍ରମିକ ନେତା ପ୍ରଦୀପ୍ତ ପଣ୍ଡା ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥିଭାବେ ଏଆଇଟିୟୁସିର ଜିଲ୍ଲା ସଭାପତି ଭାଗବତ ପ୍ରତିହାରୀ ଓ ମୁଖ୍ୟବକ୍ତା ଭାବେ ସର୍ବଭାରତୀୟ ସଂଘର ଉପସାଧାରଣ ସଂପାଦକ ଇନ୍ଦ୍ରଜିତ୍ ପାଣ୍ଡେ, ସମ୍ମାନୀତ ଅତିଥିଭାବେ ସର୍ବଭାରତୀୟ ସଂଘର ନେତା ରମେଶ ଚନ୍ଦ୍ର ମିଶ୍ର, ବୃହସ୍ପତି ସାମଲ, ସପନ କୁମାର ମହାନ୍ତି, ରବୀନ୍ଦ୍ର କୁମାର ସାହୁ, ରବିନାରାୟଣ ମହାନ୍ତି ଓ ଆଲୋକ କୁମାର ମଲ୍ଲିକ ଯୋଗଦେଇ ଡାକକର୍ମଚାରୀ ମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଡାକବିଭାଗରେ ଖାଲିଥିବା ସମସ୍ତ ପଦବୀକୁ ପୂରଣ କରିବା, ୮ମ ବେତନ କମିଶନର ରିପୋର୍ଟ ତୁରନ୍ତ ପ୍ରକାଶ କରିବା, ପୁନଶ୍ଚ ପୁରୁଣା ପେନସନ୍ ଆଇନ୍ କାର୍ଯ୍ୟକାରୀ କରିବା, ଚାକିରି ପରେ ସମସ୍ତଙ୍କୁ ପେନସନ୍ ପ୍ରଦାନ, ସବୁଶ୍ରେଣୀର କର୍ମଚାରୀଙ୍କୁ ଗୋଟିଏ ନୀତିରେ ପେନସନ୍ ଦେବାକୁ ସେମାନେ ଦୃଢ଼ ଦାବି କରିଥିଲେ। ଡାକବିଭାଗକୁ ଘରୋଇକରଣରୁ ମୁକ୍ତ କରିବା, ଟାର୍ଗେଟ୍ ଆଳରେ କର୍ମଚାରୀମାନଙ୍କ ଶ୍ରମଶୋଷଣ ବନ୍ଦ କରିବା, ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥର ଦରଦାମ ବୃଦ୍ଧି ବନ୍ଦ କରିବା, ୪ଟି ଶ୍ରମକୋଡ୍ ବାତିଲ କରିବାକୁ ବକ୍ତାମାନେ ଦାବିକରିଥିଲେ। ରବିବାରଦିନ ପୂର୍ବାହ୍ନରେ ବାଲେଶ୍ୱର ରେଳଷ୍ଟେସନରୁ ଏକ ଶୋଭାଯାତ୍ରାରେ କର୍ମଚାରୀମାନେ ସହର ପରିକ୍ରମା କରି ସମ୍ମିଳନୀ ସ୍ଥଳରେ ପହଞ୍ଚିଥିଲେ। ଜାତୀୟ ପତାକା ସମେତ ସଂଘର ପତାକାକୁ ଅତିଥିମାନେ ଉତ୍ତୋଳନ କରିଥିଲେ। ଖୋଲା ଅଧିବେଶନରେ ଅତିଥିମାନଙ୍କୁ ପୂର୍ବତନ ସଂପାଦକ ଅକ୍ଷୟ କୁମାର ତ୍ରିପାଠୀ ମଞ୍ଚକୁ ନିମନ୍ତ୍ରଣ ଜଣାଇଥିଲେ। ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ତଥା ବରିଷ୍ଠ ଡାକ କର୍ମଚାରୀ ନେତା ନିରଞ୍ଜନ ରାଉତ ଅତିଥି ଓ ପ୍ରତିନିଧିମାନଙ୍କୁ ସ୍ୱାଗତ ଜଣାଇଥିଲେ। ଅତିଥିମାନଙ୍କୁ ଉତ୍ତରୀୟ ଓ ପୁଷ୍ପ ପ୍ରଦାନ କରାଯାଇଥିଲା। ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ଗୌରାଙ୍ଗ ପାଣିଗ୍ରାହୀ ଓ ଶ୍ୟାମ ସୁନ୍ଦର ଜେନା ପ୍ରମୁଖ ସମ୍ମିଳନୀର ସଫଳତା କାମନା କରିଥିଲେ। ଟ୍ରେଡ୍ ୟୁନିୟନ୍ କାର୍ଯ୍ୟରେ ବିଶେଷ ଅବଦାନ ପାଇଁ ୧୫ଜଣ କର୍ମଚାରୀଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସର୍ବଶ୍ରୀ ସତ୍ୟନାରାୟଣ ମହାନ୍ତି, ସରୋଜ କୁମାର ସାହୁ, ବୁଦ୍ଧିରାମ ସିଂ, ଅଜିତ୍ କୁମାର ମହାନ୍ତି,ସୁନିଲ ଆଚାର୍ଯ୍ୟ, ଗୀତାରାଣୀ ଜେନା, ଶୁଭଶ୍ରୀ ନାୟକ, ସୁରଜା ପାତ୍ର, ରବୀନ୍ଦ୍ର କୁମାର ଧଳ ପ୍ରମୁଖ ସହାୟତା ପ୍ରଦାନ କରିଥିଲେ। ରାଜେଶ ବହିଦାର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ 'ସ୍ୱାଧୀନତା ସପ୍ତାହ' ଉଦ୍‌ଘାଟିତ




ବାଲେଶ୍ୱର, ୯/୮ (ନି.ପ୍ର): ଫକୀରମୋହନ ବିଶ୍ୱବିଦ୍ୟାଳୟରେ 'ଭାରତ ଛାଡ଼ ଆନ୍ଦୋଳନରୁ ସ୍ୱାଧୀନତା' ବିଷୟବସ୍ତୁକୁ ନେଇ ସପ୍ତାହବ୍ୟାପୀ (୮ ରୁ ୧୫ ତାରିଖ) 'ସ୍ୱାଧୀନତା ସପ୍ତାହ ପାଳନ' ଆରମ୍ଭ ହୋଇଛି। ଭାରତର ସ୍ୱାଧୀନତା ସଂଗ୍ରାମର ଐତିହାସିକ ଯାତ୍ରା, ସଂଗ୍ରାମୀମାନଙ୍କ ତ୍ୟାଗ ଓ ବଳିଦାନ ସହ ଛାତ୍ରଛାତ୍ରୀଙ୍କୁ ପରିଚିତ କରାଇବା ସହିତ ସେମାନଙ୍କ ମଧ୍ୟରେ ଜାତୀୟ ଦାୟିତ୍ୱବୋଧ ସୃଷ୍ଟି କରିବା ଏହି ସାପ୍ତାହିକ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ବିଶ୍ୱବିଦ୍ୟାଳୟର ଇତିହାସ ଓ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ, ଅଧ୍ୟାପକ-ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଯୋଗଦେଇ ୧୯୪୨ ମସିହାର ଭାରତ ଛାଡ଼ ଆନ୍ଦୋଳନ ଏବଂ ୧୯୪୭ ମସିହାରେ ଭାରତର ସ୍ୱାଧୀନତା ପ୍ରାପ୍ତି ପର୍ଯ୍ୟନ୍ତ ଘଟିଥିବା ଐତିହାସିକ ଘଟଣାବଳୀର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ଡ଼କ୍ଟର ଶିଖାଶ୍ରୀ ରାୟ ସପ୍ତାହ ପାଳନର ବିଷୟବସ୍ତୁ ସମ୍ପର୍କରେ ସୂଚନା ଦେଇଥିଲେ। ସ୍ୱାଧୀନତା ସଂଗ୍ରାମକୁ କେବଳ ଏକ ଐତିହାସିକ ଘଟଣା ଭାବେ ନ ଦେଖି ଏହାର ଆଦର୍ଶ, ତ୍ୟାଗ ଓ ଦେଶ ପ୍ରତି ଦାୟିତ୍ୱବୋଧକୁ ବୁଝିବା ଆବଶ୍ୟକ। ବିଶେଷକରି ଯୁବପିଢ଼ି ମଧ୍ୟରେ ଏହି ଚେତନାକୁ ସୁଦୃଢ଼ କରିବା ଜରୁରୀ ବୋଲି ସେ ମତ ପ୍ରକାଶ କରିଥିଲେ। ଇତିହାସ ଓ ପ୍ରତ୍ନତତ୍ତ୍ୱ ବିଭାଗର ସଂଯୋଜକ ପ୍ରଫେସର ପବିତ୍ର ମୋହନ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରଓ୍ୱାଲା ତାଙ୍କ ଅଭିଭାଷଣରେ ସ୍ୱାଧୀନତା ସଂଗ୍ରାମର ଐତିହାସିକ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେ ସ୍ୱାଧୀନତା ସଂଗ୍ରାମୀମାନଙ୍କ ସାହସ, ତ୍ୟାଗ ଓ ଦେଶପ୍ରତି ସମର୍ପଣରୁ ପ୍ରେରଣା ନେବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ଏକ ଦାୟିତ୍ୱଶୀଳ ଓ ଏକତାବଦ୍ଧ ସମାଜ ଗଠନରେ ସ୍ୱାଧୀନତା ସଂଗ୍ରାମର ମୂଲ୍ୟବୋଧ ଆଜି ମଧ୍ୟ ପ୍ରାସଙ୍ଗିକ ବୋଲି ସେ କହିଥିଲେ। ସାମାଜିକ ବିଜ୍ଞାନ ବିଦ୍ୟାଳୟର ମୁଖ୍ୟ ଡ଼କ୍ଟର ଗୀତାଞ୍ଜଳି ପଣ୍ଡା ଭାରତର ଐତିହାସିକ ଐତିହ୍ୟ ସହ ଯୁବପିଢ଼ିଙ୍କୁ ଯୋଡ଼ିବାର ଆବଶ୍ୟକତା ଉପରେ ମତ ରଖି ଛାତ୍ରଛାତ୍ରୀମାନଙ୍କୁ ସପ୍ତାହବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଯୋଗଦେବାକୁ ଉତ୍ସାହିତ କରିଥିଲେ। ସପ୍ତାହବ୍ୟାପୀ ଏହି ପାଳନ ଅବସରରେ ବିଭିନ୍ନ ଶିକ୍ଷାମୂଳକ, ସୃଜନଶୀଳ ଓ ସାଂସ୍କୃତିକ ପ୍ରତିଯୋଗିତା ଆୟୋଜିତ ହେବ। ଏଥିରେ ଡିଜିଟାଲ ପୋଷ୍ଟର ପ୍ରଦର୍ଶନ, ଦଳଗତ ଆଲୋଚନା, ପ୍ରାମାଣିକ ଚିତ୍ର ପ୍ରଦର୍ଶନୀ ଏବଂ ଦେଶାତ୍ମବୋଧକ ଦଳଗତ ନୃତ୍ୟ ପ୍ରତିଯୋଗିତା ଅନ୍ତର୍ଭୁକ୍ତ। ଏହି କାର୍ଯ୍ୟକ୍ରମଗୁଡ଼ିକ ଜରିଆରେ ଛାତ୍ରଛାତ୍ରୀମାନେ ସ୍ୱାଧୀନତା ସଂଗ୍ରାମକୁ ସୃଜନଶୀଳ ଢଙ୍ଗରେ ଅନୁଧ୍ୟାନ କରିବା ସହ ଇତିହାସ ସଚେତନତା, ଦଳଗତ ମନୋଭାବ, ଦେଶପ୍ରେମ ଓ ଜାତୀୟ ଐତିହ୍ୟ ପ୍ରତି ସମ୍ମାନ ବିକଶିତ କରିପାରିବେ। 'ସ୍ୱାଧୀନତା ସପ୍ତାହ ପାଳନ' କାର୍ଯ୍ୟକ୍ରମ ମାଧ୍ୟମରେ ବିଶ୍ୱବିଦ୍ୟାଳୟ ସ୍ୱାଧୀନତା ସଂଗ୍ରାମର ମୂଲ୍ୟବୋଧ ସ୍ମରଣ କରିବା ସହ ଛାତ୍ରଛାତ୍ରୀଙ୍କୁ ସ୍ୱାଧୀନତା, ଏକତା ଓ ଦେଶସେବାର ଆଦର୍ଶକୁ ଆଗକୁ ବଢ଼ାଇବା ପାଇଁ ପ୍ରେରଣା ଯୋଗାଇବ। ଇତିହାସ ଓ ପ୍ରତ୍ନତତ୍ତ୍ୱ ବିଭାଗର ସହକାରୀ ପ୍ରାଧ୍ୟାପିକା ଡ଼କ୍ଟର ଜୀନାପ୍ରିୟଙ୍କା ଜେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଡିଏଭି ପିପିଏଲ୍ ବିଦ୍ୟାଳୟରେ ପାଳିତ ହେଲା ଗଙ୍ଗାଧର ମେହେର ଜୟନ୍ତୀ



ପାରାଦୀପ, ୯/୮ (ନି.ପ୍ର): ପାରାଦ୍ୱୀପସ୍ଥିତ ଡିଏଭି ପିପିଏଲ୍ ବିଦ୍ୟାଳୟ ପରିସରରେ ଓଡ଼ିଆ ସାହିତ୍ୟର ଅମର ସାଧକ, ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଉତ୍ସବ ଅତ୍ୟନ୍ତ ହୃଦୟସ୍ପର୍ଶୀ ଓ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ଏକ ଆଧ୍ୟାତ୍ମିକ ଏବଂ ସାରସ୍ୱତ ପରିବେଶ ସୃଷ୍ଟି ହୋଇଥିଲା। ଏହି ସାରସ୍ୱତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ସଞ୍ଜୀବ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ସେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପ୍ରତିଛବିରେ ମାଲ୍ୟାର୍ପଣ କରିବା ସହ ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟର ଦୁଇ ମାଧ୍ୟମର ସଂଯୋଜକ ଶ୍ରୀଯୁକ୍ତ ବୃନ୍ଦାବନ ରାଉତ ଏବଂ ମହେଶ୍ୱର ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ସୁଚିନ୍ତିତ ପରିଚାଳନାରେ ସମସ୍ତ କାର୍ଯ୍ୟକ୍ରମ ସୁଚାରୁରୂପେ ସଂପାଦିତ ହୋଇଥିଲା। ଉତ୍ସବ ପରିପ୍ରେକ୍ଷୀରେ ଓଡ଼ିଆ ବିଭାଗର ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀମାନଙ୍କ ଯୌଥ ଉଦ୍ୟମରେ ବିଭିନ୍ନ ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିରେ ଆକର୍ଷଣୀୟ ବକ୍ତୃତା, କବିତା ଆବୃତ୍ତି, ମଧୁର ସଙ୍ଗୀତ ଏବଂ କବିଙ୍କ ଜୀବନୀ ଆଧାରିତ ଆକର୍ଷଣୀୟ ଗଣବେଶ ପ୍ରଦର୍ଶନ ଅନ୍ତର୍ଭୁକ୍ତ ଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀମାନେ 'ତପସ୍ୱିନୀ', 'ଇନ୍ଦୁମତୀ', 'କୀଚକ ବଧ' ଆଦି କାଳଜୟୀ କାବ୍ୟ ରଚନା କରିଥିବା ମହାନ କବିଙ୍କ ଜୀବନୀ ଓ ସାହିତ୍ୟ କୃତି ସମ୍ପର୍କରେ ନିଜ ନିଜର ବକ୍ତବ୍ୟ ସୁନ୍ଦର ଭାବେ ଉପସ୍ଥାପନ କରିଥିଲେ। ନିଜର ସାରଗର୍ଭକ ଉଦବୋଧନରେ ଅଧ୍ୟକ୍ଷ ସଞ୍ଜୀବ କୁମାର ସାହୁ କବି ଗଙ୍ଗାଧର ମେହେରଙ୍କ ପ୍ରକୃତିପ୍ରୀତି, ସାରସ୍ୱତ ସାଧନା ଏବଂ ମାତୃଭାଷା ଓ ମାତୃଭୂମି ପ୍ରତି ତାଙ୍କର ଅତୁଳନୀୟ ଅବଦାନ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ସେ ଛାତ୍ରଛାତ୍ରୀମାନଙ୍କୁ କବିଙ୍କ ଉଚ୍ଚ ଆଦର୍ଶରେ ଅନୁପ୍ରାଣିତ ହୋଇ ମାତୃଭାଷାର ସେବା ଓ ସଂରକ୍ଷଣ କରିବାକୁ ଆହ୍ୱାନ ଦେବା ସହ ଶୁଭ ଆଶୀର୍ବଚନ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ ସଂଯୋଜକ ବୃନ୍ଦାବନ ରାଉତ ସମସ୍ତ ଗୁରୁଜନ, ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ଓ ଛାତ୍ରଛାତ୍ରୀମାନଙ୍କୁ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବର୍ଣ୍ଣାଢ଼୍ୟ ଓ ସଫଳ ଆୟୋଜନ ପାଇଁ ଡିଏଭି ଓଡ଼ିଶା ଜୋନ୍ ର ଆଞ୍ଚଳିକ ନିର୍ଦ୍ଦେଶକ ଡକ୍ଟର କେଶବ ଚନ୍ଦ୍ର ଶତପଥୀ ଏବଂ ଆଞ୍ଚଳିକ ଅଧିକାରୀ ଡକ୍ଟର ସୁଜାତା ସାହୁ ବିଦ୍ୟାଳୟ ପରିବାର, ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନଙ୍କୁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି।

ସୋମବାର, ଅଗଷ୍ଟ ୧୦, ୨୦୨୬

ଧ୍ୱନି ପ୍ରତିଧ୍ୱନି

# ସମିତି କାର୍ଯ୍ୟାଳୟ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ଭଦ୍ରକ , ୯/୮ (ନି.ପ୍ର): ଶ୍ରୀ ଜଗନ୍ନାଥ ଦର୍ଶନ ପ୍ରଚାର ସମିତି, ଭଦ୍ରକ ଆଜକୁ ୨୬ବର୍ଷ ଧରି ପଞ୍ଜିକୃତ ହୋଇ ଭଦ୍ରକ ସମେତ ଅନ୍ୟ ଜିଲ୍ଲାମାନଙ୍କରେ ଶ୍ରୀ ଜଗନ୍ନାଥଙ୍କ ତଥ୍ୟ, ତତ୍ତ୍ୱ, ଦର୍ଶନ, ଗୁଣ, ଗାରିମା ପ୍ରଚାର ପ୍ରସାର କରି ଆସୁଅଛି । ଏଥି ପାଇଁ ଭଦ୍ରକ ସହରାଞ୍ଚଳରେ ସମିତିର ଏକ କାର୍ଯ୍ୟାଳୟ ନିମନ୍ତେ ୨/୪ ଡ଼ିସିମିଲ ଜମି ପ୍ରଦାନ କରିବା ପାଇଁ ଆଜକୁ ୧୦/୧୨ବର୍ଷ ଧରି ଜିଲ୍ଲା ପ୍ରଶାସନକୁ ଆବେଦନ ନିବେଦନ କରି ଅସୁଥିଲେ ହେଁ ତାହା ଅଦ୍ୟାପି ସମ୍ଭବ ହୋଇ ପାରିନାହିଁ । ପୁରୀ ଶ୍ରୀମନ୍ଦିର ଚତୁପାର୍ଶ୍ୱ ସଂପ୍ରସାରଣ ନିମନ୍ତେ ରାଜ୍ୟ ସରକାରଙ୍କ ରାଜକୋଷରୁ ବ୍ୟୟ କରାଯାଇଥିଲା । ପଶ୍ଚିମବଙ୍ଗ ସରକାର ରାଜ୍ୟ ସରକାରଙ୍କ ରାଜକୋଷରୁ ଦିଘା ଠାରେ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ନିର୍ମାଣ କରାଗଲା । ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । କିନ୍ତୁ ଶ୍ରୀ ଜଗନ୍ନାଥଙ୍କ ଗୁଣ, ଗାରିମା ଓ ମାନବୀୟ ଲୀଳାକୁ ପ୍ରଚାର ପ୍ରସାର କରିବାରେ ଯେଉଁ ସଂସ୍ଥା ଆଗେଇ ଚାଲିଛି ଓ ଉଦ୍ୟମ ଅବ୍ୟାହତ ରଖି ଏକ ସୁସ୍ଥ ସମାଜ ଗଠନ କରାଯିବା ନିମନ୍ତେ ବ୍ୟାପକ ଜନସଚେତନତା ସୃଷ୍ଟି କରି ଆସୁଥିବା ଉକ୍ତ ସଂସ୍ଥାର ଏକ କାର୍ଯ୍ୟାଳୟ ନିମନ୍ତେ ୨/୪ ଡ଼ିସିମିଲି ଜମି ଯୋଗାଇ ଦିଆନଯିବା ସମିତିର ସଦସ୍ୟ ସଦସ୍ୟାମାନଙ୍କୁ ବ୍ୟଥିତ କରିଛି । ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା ମହୋଦୟ ବିଭିନ୍ନ ଧାର୍ମିକ ଅନୁଷ୍ଠାନ ଦର୍ଶନ କରି ତାହାର ସବୁମନ୍ତେ ଉନ୍ନତି କରିବା ନିମନ୍ତେ ଉଦ୍ୟମ କରି ଆସୁଥିବା ପ୍ରଶଂସନୀୟ ପଦକ୍ଷେପ । ଏସବୁ ଦୃଷ୍ଟିରୁ ପ୍ରଚାର ସମିତି ପକ୍ଷରୁ ଏକ ଦାବୀ ପତ୍ର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅବଗତି ଓ ଆବଶ୍ୟକ ପଦକ୍ଷେପ ନିମନ୍ତେ ପଠାଇ ଦିଆଯାଇଥିବା ସମିତିର ସଂପାଦକ ସେବକ ଶ୍ରୀ ଶରତ କୁମାର ସାହୁ ପ୍ରକାଶ କରିଛନ୍ତି ।

# ଓୟୁଜେ ପାଳିଲା ଅଗଷ୍ଟ କ୍ରାନ୍ତି ଦିବସ




ବାଲେଶ୍ୱର, ୯/୮ (ନି.ପ୍ର): ଅଗଷ୍ଟ କ୍ରାନ୍ତି ଏକ ଆନ୍ଦୋଳନ ନଥିଲା ଏହା ଦେଶବାସୀ ଙ୍କ ପାଇଁ ସଂକଳ୍ପ ଥିବା ବେଳେ ଇଂରେଜ ସରକାରଙ୍କ ପାଇଁ ଥିଲା ଚରମ ଓ ଶେଷ ଚେତାବନୀ ବୋଲି ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ ମତବ୍ୟକ୍ତ କରିଛନ୍ତି।ଆଜି ଓଡିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଇଞ୍ଚୁଡି ଲବଣ ସତ୍ୟାଗ୍ରହ ସ୍ମୃତି ପୀଠ ଠାରେ ଅଗଷ୍ଟ କ୍ରାନ୍ତି ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ପ୍ରଧାନ କହିଲେ ଯେ, ୮୩ବର୍ଷ ତଳେ ସେଦିନର ସ୍ୱାଧୀନତା ସଂଗ୍ରାମୀଙ୍କ ସଂଗ୍ରାମକୁ ଆଗାମୀ ଯୁବପିଢୀ ନିକଟରେ ପହଞ୍ଚାଇବା ପାଇଁ ଓୟୁଜେ ବାଲେଶ୍ୱର ଜିଲ୍ଲା ଶାଖା ଉଦ୍ୟମ ବାସ୍ତବିକ ସ୍ୱାଗତ ଯୋଗ୍ୟ। ସାମ୍ବାଦିକ ମାନେ ସମାଜର ପରିବର୍ତ୍ତନ ର କର୍ଣ୍ଣାଧର ସହ ଆଗାମୀ ଯୁବପିଢ଼ି ଙ୍କ ପାଇଁ ପଥ ପ୍ରଦର୍ଶକ। ଅଗଷ୍ଟ କ୍ରାନ୍ତି ଦିବସ ରେ ମହାତ୍ମା ଗାନ୍ଧୀଙ୍କ ଭାରତ ଛାଡ ଆନ୍ଦୋଳନ ଡାକରା କର ବା ମର ଭାରତ ବାସୀଙ୍କ ମଧ୍ୟରେ ଉନ୍ମାଦନା ଖେଳାଇଦେଇଥିଲା ବୋଲି ଶ୍ରୀ ପ୍ରଧାନ କହିଥିଲେ। ଏହି ଆନ୍ଦୋଳନ ରେ ଅଗଣିତ ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ଇଂରେଜ ସରକାର ଜେଲରେ ବନ୍ଦୀ କରି ରଖିବା ସହ ଅତି ନିଷ୍ଠୁର ଭାବେ ଗୁଳି କରି ମାରି ଦେଇଥିଲେ । ସେ ଦିନର ଆନ୍ଦୋଳନ ଫଳରେ ଆମେ ଆଜି ସ୍ୱାଧୀନତା ପାଇଛୁ ବୋଲି ଶ୍ରୀ ପ୍ରଧାନ କହିଥିଲେ। ଓଡ଼ିଶା ସାମ୍ବାଦିକ ୟୁନିଅନର ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତଙ୍କ ନେତୃତ୍ୱରେ କରଯାଇଥିବା ଏହି କାର୍ଯ୍ୟକ୍ରମ ରେ ଲବଣ ସତ୍ୟାଗ୍ରହ ସ୍ମୃତି କମିଟିର ସଭାପତି ସର୍ବେଶ୍ୱର ଦାସ, ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ଜାତୀୟ କାର୍ଯ୍ୟ କାରିଣୀ ସଦସ୍ୟ ରାମ ନାରାୟଣ ଶତପଥି, ରାଜ୍ୟ କାର୍ଯ୍ୟକାରୀଣି ସଦସ୍ୟ ଅନାମ ଚରଣ ପଣ୍ଡା, ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସ, କୋଷାଧକ୍ଷ ସୁରେଶ ଚନ୍ଦ୍ର ଦାସ ବରିଷ୍ଠ ସଦସ୍ୟ ମଧୁସୂଦନ ଦାସ,ନନ୍ଦ କିଶୋର ସାହୁ,ରବିରଞ୍ଜନ ତ୍ରିପାଠୀ, ରାଜଶ୍ରୀ ପାଣିଗ୍ରାହୀ, ସୁଶାନ୍ତ କୁମାର ଦାସ, ରମାକାନ୍ତ ପଣ୍ଡା ଅରୂପ କୁମାର ଦାସ, ଜୟଦେବ ଆଚାର୍ଯ୍ୟ,ସୁଶାନ୍ତ କୁମାର ବେହେରା, ସଞ୍ଜୟ କୁମାର ବେହେରା, ବ୍ରହ୍ମାନନ୍ଦ ବିନ୍ଧାଣୀ, କହ୍ନେଇ ଚରଣ ପ୍ରଧାନ ଙ୍କ ସମେତ ଲବଣ ସତ୍ୟାଗ୍ରହ ନୋଡାଲ ବିଦ୍ୟାପୀଠ ର ଶିକ୍ଷକ ଓ ଛାତ୍ର ଛାତ୍ରୀ ମାନେ ଅଗଷ୍ଟ କ୍ରାନ୍ତି ଦିବସର ସ୍ମୃତି ଚାରଣ କରିଥଲେ।

## ଟିଉସନ ଛାତ୍ରୀଙ୍କୁ ଅସଦାଚରଣ: ଶିକ୍ଷକ କୋର୍ଟ ଚାଲାଣ

ଖଇରା, ୯/୮ (ନି.ପ୍ର): ଟିଉସନ ହେଉଥିବା ଜଣେ ୫ମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଖଇରା ପୋଲିସ ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ଡଗରପଡା ଗ୍ରାମର ଶ୍ରୀକାନ୍ତ ଦାସ(୫୩) ଙ୍କୁ ରବିବାର କୋର୍ଟ ଚାଲାଣ କରିଛନ୍ତି । ଔପଦା ବ୍ଲକର ଗରୁଡହଟା ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକଙ୍କ ନିଜ ଘର ଡଗରପଡା ଗ୍ରମରେ । ସେ ଟିଉସନ କରୁଥିବା ଜଣେ ୫ମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ କରିଥିବା ନେଇ ଅଭିଭାବକ ଖଇରା ଥାନାରେ ଅଭିଯୋଗ କରିବା ପରେ ଖଇରା ପୋଲିସ ଏକ ମାମଲା(୨୦୬/୨୬) ରୁଜୁ କରି ତଦନ୍ତ ଚଳାଇଥିଲା।

# ମୁଣ୍ଡାରୀ ଭାଷା ସମନ୍ୱୟ କମିଟି ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ପାଳିତ




ରାଙ୍ଗାମାଟିଆ, ୯/୮ (ନି.ପ୍ର): ଶ୍ୟାମାଖୁଣ୍ଟା ବ୍ଲକ ଅନ୍ତର୍ଗତ ରାଙ୍ଗାମାଟିଆ ଗ୍ରାମ ସ୍ଥିତ ମୁଣ୍ଡା ସଂସ୍କୃତି ଭବନ ଗୃହରେ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି । ପ୍ରଥମ ପର୍ଯ୍ୟାୟରେ ଆୟୋଜିତ ଅଧିବେଶନରେ ଅତିଥି ଭାବେ ବିର୍ସା ମୁଣ୍ଡା ମେମୋରିଆଲ କାଲଚୁରାଲ ଫାଉଣ୍ଡେସନର ସଭାପତି ପୂର୍ଣ୍ଣଚନ୍ଦ୍ର ସିଂ, ଶ୍ୟାମାଖୁଣ୍ଟା ବ୍ଲକ ୪୯ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଦସ୍ୟ ମଧୁସୂଦନ ସିଂ, ରାଙ୍ଗାମାଟିଆ ଗ୍ରାମପଞ୍ଚାୟତର ସରପଞ୍ଚ ରୋହିଦାସ ସିଂ, ବଡ଼ସାହି ବ୍ଲକ ୨୨ ନମ୍ବର ଜୋନ୍ ର ଜିଲ୍ଲା ପରିଷଦ ସଦସ୍ୟ ଦଶରଥ ସିଂ, ବଡ଼ସାହି ବ୍ଲକ ଖାନୁଆ ଗ୍ରାମପଞ୍ଚାୟତର ସରପଞ୍ଚ ସୁରେନ୍ଦ୍ର ସିଂ, ମୁଣ୍ଡାରୀ ଚଳଚ୍ଚିତ୍ର ନିର୍ଦ୍ଦେଶକ ବିଲକାନ ପ୍ରଭୁଦୟାଲ ନାଗ୍, ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର କେନ୍ଦ୍ରୀୟ ଆବାହକ ବିରବଲ ସିଂ ପ୍ରମୁଖ ବିଶ୍ୱ ଆଦିବାସୀ ଦିବସ ପାଳନର ଉଦ୍ଦେଶ୍ୟ ସମ୍ବନ୍ଧରେ ବକ୍ତୃତା ଦେଇଥିଲେ । ଏଥିସହିତ ଆଦିବାସୀ ମାନଙ୍କର ପରିଚୟର ସୁରକ୍ଷା ଏବଂ ସଂରକ୍ଷଣ, ଆଦିବାସୀ ମାନଙ୍କର ଜୀବନ ଜୀବିକା, ଶିକ୍ଷାର ସ୍ଥିତି, ଆଦିବାସୀ ମାନଙ୍କର ସାମ୍ବିଧାନିକ ଅଧିକାର ସମ୍ବନ୍ଧରେ ସଚେତନତା ଏବଂ ଲୋକମାନଙ୍କ ପାଖକୁ ପହଞ୍ଚାଇବା, ଆଦିବାସୀମାନଙ୍କର ରୋଜଗାର ଏବଂ ଭବିଷ୍ୟତ ପାଇଁ ସଂଚୟ କରିବା ପ୍ରଭୃତି ବିଷୟରେ ଆଲୋଚନା କରିଥିଲେ । ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର ଆବାହକ ବିରବଲ ସିଂ ଏହି ଅଧିବେଶନରେ ସଭାପତିତ୍ୱ କରିଥିଲେ ଏବଂ ସଙ୍ଗଠନ ର ସାଧାରଣ ସମ୍ପାଦକ ଇଂ ସୁନାରାମ ସିଂ ସଭା ପରିଚାଳନା କରିଥିଲେ। ଏହି ଅବସରରେ ଗତ ଜୁନ୍ ମାସ ୧୩ ତାରିଖରେ ଅନୁଷ୍ଠିତ ହୋଇଯାଇଥିବା ମୁଣ୍ଡାରୀ ଭାଷା ବାର୍ଷିକ ପରୀକ୍ଷାର ଫଳାଫଳ ଘୋଷଣା କରାଯାଇଥିଲା । ମୁଣ୍ଡାରୀ ଶିକ୍ଷା ପରିଷଦର ମୁଣ୍ଡାରୀ ଶିକ୍ଷା ପରିଷଦର ସଂପାଦକ ବୁଧିଆ ସିଂ ଚଳିତବର୍ଷର ମୁଣ୍ଡାରୀ ବାନି ବିଦ୍ୟାଳୟ ତଥା ସାକ୍ଷରତାର ପ୍ରଗତି ବିବରଣୀ ପାଠ କରିଥିଲେ । ଏଥିରେ ଏବର୍ଷ ବିଶ୍ୱ ଆଦିବାସୀ ଦିବସ ପାଳନ ର ବିଷୟ ଆଦିବାସୀ ଧାତ୍ରୀ ମାନଙ୍କୁ ସନ୍ମକ୍ଷନ ଦେବା ଉଦେଶ୍ୟ ଆଦିବାସୀ ଆଶା ଦିଦି ମାନଙ୍କୁ ସମ୍ମାନ୍ୱିତ କରାଯାଇଥିଲା। ଏଥିରେ ବିଭିନ୍ନ ବ୍ଲକ ରୁ ସଙ୍ଗଠନ ର କର୍ମ କର୍ତା ତଥା ଗ୍ରାମବାସୀ ମାନେ ଉପସ୍ଥିତ ଥିଲେ କ୍ଷ ଶେଷରେ ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର ବଡ଼ସାହି ବ୍ଲକ ଆବାହକ ବୈଦ୍ୟ ନାଥ ସିଂ ସମସ୍ତଙ୍କୁ ଧନ୍ୟବାଦ ଦେଇ ସଭା ସାଙ୍ଗ କରାଯାଇଥିଲା ।

## ଛାତ୍ରୀ ଆତ୍ମସୁରକ୍ଷା ସମ୍ପର୍କିତ ତାଲିମ ଶିବିର ଉଦ୍‌ଯାପିତ

ଔପଦା , ୯/୮ (ନି.ପ୍ର): ଔପଦା ବ୍ଲକ ଫତେପୁର ପଂଚାୟତ ଚିନ୍ତାମଣି ସଂସ୍କୃତ ମହାବିଦ୍ୟାଳୟରେ ଶାସ୍ତ୍ରୀ(+୩)ବିଭାଗର ସକ୍ତିଶ୍ରୀ ଆନୁକୂଲ୍ୟରେ ଛାତ୍ରୀ ଆତ୍ମସୁରକ୍ଷା ସମ୍ପର୍କିତ ତାଲିମ ଶିବିର ଉଦଜପିତ ହୋଇ ଯାଇଛି । ଏହି ଶିବିର ୬ଦିନ କ୍ରମାଗତ ତାଲିମ ପରେ ଉଦଜପିତ ହୋଇ ଯାଇଛି। ପ୍ରଶିକ୍ଷିକା ଯମୁନା ବିନ୍ଧାଣି ଛାତ୍ରୀ ମାନଙ୍କୁ ଆତ୍ମ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ କୌଶଳ ଶିଖାଇଥିଲେ । ମହାବିଦ୍ୟାଳୟରେ ଅଧକ୍ଷ ଶରମାଞ୍ଜନ ପାଣିଗ୍ରାହୀ ଙ୍କ ଅଧକ୍ଷତା ରେ ଆୟୋଜିତ ଉଦଜାପାନୀ ସଭାରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ଅଧକ୍ଷ ପ୍ରତାପ ଚନ୍ଦ୍ର ପଣ୍ଡା ଯୋଗ ଦେଇଥିବା ବେଳେ ପ୍ରାକ୍ତନ ଅଧାପକ ପ୍ରଭାକର ବିଶ୍ୱାଳ ଅତିଥି ଅଧାପକ ଭରତ ଚନ୍ଦ୍ର ଦାଶ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ , ଯୋଗ ଦେଇଥିଲେ ।

# ହସ୍ତଶିଳ୍ପ ପାଇଁ ମିଳିଛି ସ୍ୱତନ୍ତ୍ର ପରିଚୟ: ମହିଳାମାନେ ତିଆରି କରୁଛନ୍ତି ବିଭିନ୍ନ ପ୍ରକାର ସାମଗ୍ରୀ



ବାଲିଆପାଳ , ୯/୮ (ନି.ପ୍ର): ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ ଶ୍ରୀରାମପୁର ପିଜି ଗ୍ରୁପରେ ଥିବା ସଦସ୍ୟାମାନେ କଠିନ ପରିଶ୍ରମ ଓ ଆତ୍ମବିଶ୍ୱାସ ବଳରେ ସ୍ୱାବଲମ୍ବୀ ହୋଇପାରିଛନ୍ତି । ଶ୍ରୀରାମପୁର ଗ୍ରାମର ଚନ୍ଦ୍ରକାନ୍ତି ଜେନା ଜିଲା ହସ୍ତଶିଳ୍ପ କେନ୍ଦ୍ରରୁ ୬ମାସ ତାଲିମ ନେଇ ନିଜ ଘରେ ଆରମ୍ଭକରିଥିଲେ ହସ୍ତଶିଳ୍ପ। ବିଭିନ୍ନ ହସ୍ତଶିଳ୍ପରୁ ଅଧିକ ଆତ୍ମବିଶ୍ୱାସ ଆଣିଦେଇଥିଲା ଚାନ୍ଦୁଆ । ପ୍ରଥମେ ହାତରେ ତିଆରି କରି ଭଲ ଦୁଇ ପଇସା ରୋଜଗାର କରିବା ସହିତ ଚାନ୍ଦୁଆ କାରିଗରର ପରିଚୟ ପାଇଥିଲେ ଚନ୍ଦ୍ରକାନ୍ତି। ପରେ ନିଜର ରୋଜଗାର ବୃଦ୍ଧି ଏବଂ ଅନ୍ୟ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ୨୨ ଟି ସ୍ୱୟଂ ସହାୟିକା ଗୋଷ୍ଠୀକୁ ଏକଜୁଟ କରି ୧୩୮ ସଦସ୍ୟାଙ୍କୁ ନେଇ ଗଠନ କରିଥିଲେଶ୍ରୀରାମପୁର ପିଜି ଗ୍ରୁପ। ସେହିଦିନଠାରୁ ପଛକୁ ଫେରି ଚାହିଁନାହାନ୍ତି ପିଜି ଗ୍ରୁପର ମହିଳାମାନେ। ହସ୍ତଶିଳ୍ପରେ ବିଭିନ୍ନ ସାମଗ୍ରୀ ଯଥା ଚାନ୍ଦୁଆ, କୁସନକଭର, ବେଡ୍‌ସ୍ପ୍ରିଟ୍ ତ୍ୱରଣ, ସୋଫା କଭର, ବ୍ୟାଗ୍, ରାକ୍ଷୀ ଏମି ଏମିତି ୨୦ରୁ ୩୦ ପ୍ରକାର ସାମଗ୍ରୀ ତିଆ ତିଆରି କରି ବିଭିନ୍ନ ଜାଗାରେବିକ୍ରି କରି ମାସକୁ ୧୦ ହଜାରରୁ ଊର୍ଦ୍ଧ ରୋଜଗାର କରିପାରୁଛନ୍ତି ।୨୦୨୨ ମସିହାଠାରୁ ମହିଳାଙ୍କୁ ସାହାଯ୍ୟର ହାତ ବଢ଼ାଇଛି ଟାଟା ପ୍ରାଇଭେଟ୍ ଲିମିଟେଡ। ମିଟେଡ। କାରିଗର ମାନଙ୍କୁ ନିଃଶୁଳ୍କ ଟ୍ରେନିଂ, ମେଶିନ, କପଡା, ସୂତା, ବିଭିନ୍ନ କାରୁକାର୍ଯ୍ୟ ସମ୍ବନ୍ଧୀୟ ସାମଗ୍ରୀଯୋଗାଇ ଦେଇ ମହିଳାଙ୍କ ରୋଜଗାର ଦ୍ୱିଗୁଣିତ କରିଛି। ଟାଟା ଏହିସବୁ ଯୋଗାଇ ଦେଇଥିବାରୁ ପୂର୍ବ ଅପେକ୍ଷା ସହଜରେ ଏବଂ ଅଧିକ ଦୁଇ ପଇସା ରୋଜଗାର କରିପାରୁଛନ୍ତି ବୋଲି କହିଛନ୍ତି ଗୀତା ରାଣୀ ଦେ, ସଙ୍ଗୀତା ପାତ୍ର, ରଞ୍ଜିତା ଦାସ, ବୈଶାଖୀ ପାତ୍ର, ମାତଙ୍ଗିନୀ ଦେ, ମମତା ଦେ, ଶର୍ମିଷ୍ଠା ଦେ ପ୍ରମୁଖ ହିଳାମାନେ। ଏବେ ତିଆରି ହେଉଥିବା ଚାନ୍ଦୁଆ ହେଉ କି ଅନ୍ୟ ସାମଗ୍ରୀ ଚାହିଦା ଏତେ ବଢିଯାଇଛି ଓଡିଶାର ବିଭିନ୍ନ ପ୍ରାନ୍ତରେ ଏବଂ ଚେନ୍ନାଇ, ହାଇଦ୍ରାବାଦ, ବେଙ୍ଗାଲୁର, ପୁନେ, ମୁମ୍ବାଇ ଆଦି ସ୍ଥାନରେ ଏହାକୁ ଲୋକେ ଅଧିକ ପସନ୍ଦ କରୁଛନ୍ତି । ତେଣୁ ବିକ୍ରି କରିବାରେ କୌଣ ଣସି ଅସୁବିଧା ମଧ ହେଉନାହିଁ। ବିଭିନ୍ନ ହସ୍ତଶିଳ୍ପ ସମ୍ବନ୍ଧୀୟ କାର୍ଯ୍ୟକ୍ରମରେ ମଧ ଚାନ୍ଦୁଆ କାରିଗରୀ ଭାବେ ସମ୍ମାନିତ ହୋଇ ବେଶ ପ୍ରଶଂସିତ ହେଉଛନ୍ତି।

# ପର୍ଯ୍ୟାବରଣ ପାଇଁ ଗାଁ ରାସ୍ତା ପାର୍ଶ୍ୱରେ ବୃକ୍ଷରୋପଣ କଲା ବିଶ୍ୱ ହିନ୍ଦୁ ପରିଷଦ



ଭଦ୍ରକ , ୯/୮ (ନି.ପ୍ର): ପରିବେଶର ସନ୍ତୁଳନ ବଜାୟ ରଖିବା ସକାଶେ ଚଳିତ ମୌସୁମୀ ଋତୁରେ ବିଶ୍ୱ ହିନ୍ଦୁ ପରିଷଦ, ଗାନ୍ଧିପଡ଼ିଆ ସତସଙ୍ଗ କେନ୍ଦ୍ର ପକ୍ଷରୁ ଭଦ୍ରକ ବ୍ଲକ ଅନ୍ତର୍ଗତ ବରପଦା କାଟୁଣି ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାର ଉଭୟ ପାର୍ଶ୍ୱରେ ବୃକ୍ଷ ରୋପଣ କରାଯାଇଛି । ଗ୍ରାମ ବାସୀଙ୍କ ସହଯୋଗ ଏବଂ ବିଶ୍ୱ ହିନ୍ଦୁ ପରିଷଦର କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତିରେ ପ୍ରାୟ ପାଞ୍ଚ ଶହ ମିଟର ରାସ୍ତାର ଉଭୟ ପାର୍ଶ୍ୱରେ ବିଭିନ୍ନ ମୂଲ୍ୟବାନ ବୃକ୍ଷର ଚାରା ରୋପଣ କରାଯାଇଛି। ଏଥି ସହିତ ରୋପଣ କରାଯାଇଥିବା ବୃକ୍ଷର ରକ୍ଷଣା ବେକ୍ଷଣା ପାଇଁ ଉପଯୁକ୍ତ ଦାୟିତ୍ୱ ଗ୍ରହଣ କରାଯିବ ବୋଲି ଯୁବ ସମାଜସେବୀ ନାରାୟଣ ଓଝା କହିଛନ୍ତି। ଚଳିତ ବର୍ଷ ପ୍ରାୟ ୫ ଶହ ବୃକ୍ଷ ଚାରା ରୋପଣ କରାଯିବ ବୋଲି ଗାନ୍ଧୀ ପଡ଼ିଆ ସତସଙ୍ଗ କେନ୍ଦ୍ର ପ୍ରମୁଖ ମାନସ ବାରିକ ପ୍ରକାଶ କରିଛନ୍ତି। ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ବିଶ୍ୱ ହିନ୍ଦୁ ପରିଷଦର ବରିଷ୍ଠ କାର୍ଯ୍ୟକର୍ତ୍ତା ନିରଞ୍ଜନ ସାହୁ, ଗୋବିନ୍ଦ ଚନ୍ଦ୍ର ରାଉତ, ଶିବ ଶଙ୍କର ଦାସ, ମାନସ ବାରିକ, ପୁରୁଷୋତ୍ତମ ମହାନ୍ତି, ରବୀନ୍ଦ୍ର ଚନ୍ଦ୍ର ସାହୁ, ଯୁବ ସମାଜସେବୀ ସ୍ୱାଧୀନ ସୁନ୍ଦର ଦାସ, ଓଁକାର ମହାନ୍ତିଙ୍କ ସହ ସ୍ଥାନୀୟ ଅଞ୍ଚଳର ବରିଷ୍ଠ ସମାଜସେବୀ ଶ୍ରୀଧର ନାୟକ, କମଳା କାନ୍ତ ସାହୁ, ମାନସ ବାରିକ, ରଶ୍ମି ରଞ୍ଜନ ଜେନା, ଶୁଭମ ସ୍ୱାଇଁ, ଦୁର୍ଯ୍ୟୋଧନ ନାୟକ, ଦିବେଶ କୁମାର ନାୟକ ପ୍ରମୁଖ ସାମିଲ ହୋଇ ବୃକ୍ଷ ରୋପଣ କରିଥିଲେ।

# ଇନର୍ ହ୍ୱିଲ କ୍ଲବର ଅଙ୍ଗଦାନ ଓ ବିଶ୍ୱ ସ୍ତନ୍ୟପାନ ଦିବସ ପାଳିତ



ବାରିପଦା, ୯/୮ (ନି.ପ୍ର): ବାରିପଦା ଇନର୍ ହ୍ୱିଲ କ୍ଲବ୍ ଆନୁକୂଲ୍ୟରେ ଅଙ୍ଗଦାନ ଓ ବିଶ୍ୱ ସ୍ତନ୍ୟପାନ ଦିବସ ସ୍ଥାନୀୟ ବେଲଗଡିଆସ୍ଥିତ ଆଧାର ସ୍ୱେଚ୍ଛାସ୍ୱେ ଆନୁଷ୍ଠାନର ସମ୍ମିଳନୀ କକ୍ଷରେ ଷାଠିଏ ଜଣ ସ୍ୱୟଂ ସହାୟିକା ମାଆ ମାନଙ୍କ ଉପସ୍ଥିତିରେ ପାଳିତ ହୋଇ ଯାଇଛି । ଇନର୍ ହ୍ୱିଲ କ୍ଲବର ସଭାପତି ସୁପ୍ରୀତି ଦଳବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପ୍ରାକ୍ତନ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ତଥା ସମାଜସେବୀ ଡାକ୍ତର କୈଳାଶ ଚନ୍ଦ୍ର ମହାନ୍ତି ଯୋଗଦେଇ ଅଙ୍ଗଦାନର ମହତ୍ତ୍ୱ ସଂପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବରେ ଜିଲ୍ଲାର ଦୁଇ ପ୍ରାକ୍ତନ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ପ୍ରୀତିସୁଧା ତ୍ରିପାଠୀ ଏବଂ ମିନତି ଦାସ ଯୋଗ ଦେଇ ଉଭୟ ଗର୍ଭାବସ୍ଥା ଓ ଜନ୍ମ ପରେ ପ୍ରସୂତୀ ମାଆ ଓ ନବଜାତ ଶିଶୁର ଯତ୍ନ ଓ ଲାଳନ ପାଳନ ସମ୍ପର୍କରେ ଆଲୋକପାତ କରିଥିଲେ। ଆରମ୍ଭରେ ସଦସ୍ୟା ପ୍ରଣତି ଦାସ ସ୍ୱାଗତ ସମ୍ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଇନର୍ ହ୍ୱିଲ କ୍ଲବର ସମ୍ପାଦିକା ସଂଯୁକ୍ତା ଚାନ୍ଦଙ୍କ ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ତଥା ରୋଟାରିଆନ୍ ଡ. ପୁଷ୍ପା ପାତ୍ର ଅଙ୍ଗଦାନ ଓ ସ୍ତନ୍ୟପାନର ମହତ୍ତ୍ୱ ସଂପର୍କରେ ମଧ୍ୟ ଆଲୋଚନା କରିଥିଲେ ଏବଂ ବାରିପଦା ଇନରହ୍ୱିଲ କ୍ଲବର ଆଇ.ଏସ୍.ଓ ଦୁର୍ଗାବତୀ ମହାପାତ୍ର, ଯୁଗ୍ମ ସଂପାଦିକା ସୁସ୍ମିତା ଘୋଷାଲ, କୋଷାଧ୍ୟକ୍ଷା ଶ୍ରାବଣୀ ଦାସ, କାର୍ଯ୍ୟକାରୀ ସମିତିର ସଦସ୍ୟା ସ୍ୱପ୍ନା ଦାସ, ଆରତୀ ପଟ୍ଟନାୟକ, ମିନତୀ ସେଠୀ, ସୁଜାତା ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚଳନାରେ ସହଯୋଗ କରିଥିଲେ।

# ବ୍ଲକସ୍ତରୀୟ ବିଶ୍ୱ ଆଦିବାସୀ ଦିବସ ପାଳିତ




ବଡ଼ସାହି, ୯/୮ (ନି.ପ୍ର): ବଡ଼ସାହି ବ୍ଲକ ସ୍ତରୀୟ ବିଶ୍ୱ ଅଦିବାସୀ ଦିବସ ସ୍ଥାନୀୟ ବିର୍ସା ମୁଣ୍ଡାଙ୍କ ପୀଠରେ ବୁରୁବଙ୍ଗା ଯୁବକ ସଂଘ, ବୁରୁବାଙ୍ଗା ସାସଂକିର କମିଟି, ବୁରୁନଙ୍ଗା ମୁଣ୍ଡାରୀ ବିଦ୍ୟାଳୟ, ବଡ଼ସାହି ସେବା କମିଟି, ବଡ଼ସାହି ପେସା କମିଟି ର ମିଳିତ ଆନୁକୂଲ୍ୟରେ ପାଳନ ହୋଇଯାଇଅଛି। ଇତି ଅବସରରେ ଅଦିବାସୀ ପୂର୍ବପୁରୁଷ ଓ ବିରସହିଦ୍ ମନଙ୍କୁ ଶ୍ରଦ୍ଧାଞ୍ଜଳି ପୂର୍ବକ ବିଧିବଦ୍ଧ ଭାବେ ସଭାକାର୍ଯ୍ୟ ଆରମ୍ଭ କରା ଯାଇଥିଲା। ଉକ୍ତ ବୈଠକକୁ ମୁଖ୍ୟ ଅତିଥି ଭାବେ ପେସା ଯୁବ ସଂଯୋଜକ ଦୁଲା ରାମ ମୁର୍ମୁ ଓ ମୂଖ୍ୟ ବକ୍ତା ଭାବେ ବଡ଼ସାହି ବ୍ଲକର ପୂର୍ବତନ ଅଧକ୍ଷ ତଥା ସେବଦଙ୍ଗଠ ର ସଭାପତି ଚୈତନ୍ୟ ସୋରେନ ଯୋଗଦାନ କରି ଆଦିବାସୀଙ୍କର ଜୀବନ ଜୀବିକା ଜଳ,ଜମି, ଜଙ୍ଗଲ ଓ ସାମ୍ବିଧାନିକ ଅଧିକାର ବିଷୟରେ ବକ୍ତୃତା ପ୍ରଦାନ କରିଥିଲେ। ବୁରୁ ବଙ୍ଗା ସାସଙ୍କିର କମିଟିର ସଭାପତି ପାହିଁ ଗୁରୁ ବସନ୍ତ କୁମାର୍ ସିଂ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ଅନେକ ଆଦିବାସୀ ପୁରୁଷ ମହିଳା ଯୁବକ ଯୁବତୀ ଅଂଶଗ୍ରହଣ କରିଥିଲେ। ଶେଷରେ ବାଦଲ ସିଂ ଧନ୍ୟ ବାଦ ଅର୍ପଣ କରିଥିଲେ।




❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida